RNI No.ODIODI/2010/33031
୧୬ ବର୍ଷ Volume-16
ISSUE -266 ସଂଖ୍ୟା-୨୬୬
ଭୁବନେଶ୍ୱର, ମଙ୍ଗଳବାର ୦୬ ଜାନୁଆରୀ ୨୦୨୬
Bhubaneswar, Tuesday 06 January, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ଅଭିଯୋଗ ଶୁଣାଣି ଉପରେ ଲୋକଙ୍କର ଆସ୍ଥା ଓ ଆଗ୍ରହ ବଢୁଛି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୫।୧(ନି.ପ୍ର.): ଆଜି ଥିଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ୧୬ତମ ପାଳି। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବାହ୍ନ ୧୦ ଘଟିକା ସମୟରେ ଭୁବନେଶ୍ୱର ୟୁନିଟ-୨ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ପହଞ୍ଚି ଲୋକଙ୍କ ସମସ୍ୟା ଶୁଣିଥିଲେ। ସେମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ପ୍ରକୋଷ୍ଠ ଭିତରେ ପଞ୍ଜିକୃତ କରିଥିବା ଅଭିଯୋଗକାରୀ ମାନଙ୍କ ଅଭିଯୋଗ ଶୁଣିଥିଲେ। ଜଟିଳ ରୋଗରେ ପୀଡିତ କେନ୍ଦୁଝର ଜିଲ୍ଲାର

- ମୁଖ୍ୟମନ୍ତ୍ରୀଙ୍କ ୧୬ତମ ପାଳି ଅଭିଯୋଗ ଶୁଣାଣି
- ୧୫ ପାଳି ସୁଦ୍ଧା ୯୫% ଅଭିଯୋଗର ସମାଧାନ
- ୫୬ ହଜାରରୁ ଉର୍ଦ୍ଧ୍ୱ ଲୋକ ଅଭିଯୋଗ ପ୍ରକୋଷ୍ଠକୁ ଆସିଛନ୍ତି



ଅଭିଯୋଗ ଶୁଣିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ତ୍ରୀ ମଣ୍ଡଳର ୭ଜଣ ବରିଷ୍ଠ ମନ୍ତ୍ରୀ ମଧ୍ୟ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ସବୁଥର ପରି ଆଜି ମୁଖ୍ୟମନ୍ତ୍ରୀ ସକାଳେ ପ୍ରଥମେ ଆସି ବାହାରେ ଅପେକ୍ଷା କରିଥିବା ୩୦ ଜଣ ଦିବ୍ୟାଙ୍ଗ ଓ ଦୂରାରୋଗ୍ୟରେ ପୀଡିତ ଲୋକମାନଙ୍କୁ ଭେଟି ସେମାନଙ୍କ ପପୁନ ମହାରଣା, ଖୋର୍ଦ୍ଧା ଜିଲ୍ଲାର ପ୍ରିୟବ୍ରତ ପ୍ରଧାନ ଏବଂ କଟକ ଜିଲ୍ଲାର ଦୀପ୍ତିମୟୀ ଦାଶଙ୍କ ପାଇଁ ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମ ଜରିଆରେ ଆଜି ମୁଖ୍ୟମନ୍ତ୍ରୀ ଚିକିତ୍ସା ସହାୟତା ରାଶି ମଞ୍ଜୁର କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଏହି ଜନାଭିମୁଖୀ କାର୍ଯ୍ୟକ୍ରମ ଯୋଗୁ ସାଧାରଣ ଲୋକଟିଏ ତା'ର ସମସ୍ୟା ଓ ଅଭିଯୋଗକୁ ସିଧାସଳଖ ସରକାର ଓ ପ୍ରଶାସନ ନିକଟରେ ପହଞ୍ଚାଇ ପାରୁଛି । ସରକାରଙ୍କ ପକ୍ଷରୁ ମଧ୍ୟ ସବୁ ଅଭିଯୋଗକୁ ସମାନ ଗୁରୁତ୍ୱ ଦିଆଯାଇ ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ନିଆଯାଉଛି।

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ମାଧ୍ୟମରେ ଗତ ୧୫ଟି ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୩,୩୫୮ଟି ଅଭିଯୋଗ ମଧ୍ୟରୁ ୧୨,୭୪୮ଟି ଅଭିଯୋଗର ସମାଧାନ କରାଯାଇଛି । ଯାହା ଶତକଡ଼ା ୯୫ ପ୍ରତିଶତ ଅଟେ । ବକେୟା ଅଭିଯୋଗ ଗୁଡିକ ପ୍ରକ୍ରିୟା ମଧ୍ୟରେ ରହିଛି।

ସୂଚନାଯୋଗ୍ୟ ଯେ, ଅଭିଯୋଗ ଗୁଡିକ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଭାବେ ଆସୁଛି। ଗୋଟିଏ ଗୋଟିଏ ଅଭିଯୋଗ ସହିତ ଅତି କମ୍ ରେ ଦୁଇ ତିନି ଜଣରୁ ଆରମ୍ଭ କରି ୧୦ ଜଣ ପର୍ଯ୍ୟନ୍ତ ରହୁଛନ୍ତି। ସେ ଦୃଷ୍ଟିରୁ ଦେଖିବାକୁ ଗଲେ ଆଜି ସୁଦ୍ଧା ପ୍ରାୟ ୫୬ ହଜାରରୁ ଉର୍ଦ୍ଧ୍ୱ ଲୋକ ଜନ ଶୁଣାଣି ପ୍ରକୋଷ୍ଠକୁ ଆସି ସେମାନଙ୍କ ଅଭିଯୋଗ ଶୁଣାଇଛନ୍ତି। ଏଥି ସହିତ ଜନ ଶୁଣାଣି ପୋର୍ଟାଲ ଏବଂ ଡାକ ଇତ୍ୟାଦି ଯୋଗେ ଆସିଥିବା ୧,୪୯,୪୧୮ ଅଭିଯୋଗ ମଧ୍ୟରୁ ୧,୩୦,୮୪୫ ଅର୍ଥାତ ୮୮ ପ୍ରତିଶତ ଅଭିଯୋଗର ସମାଧାନ କରାଯାଇଛି।

ଗଣମାଧ୍ୟମକୁ ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମ ସରକାର ଲୋକଙ୍କ ଅଭିଯୋଗ ଓ ସମସ୍ୟାର ସମାଧାନ ପ୍ରତି ଗୁରୁତ୍ୱ ଦେଇ ପଦକ୍ଷେପ ନେଉଛି। ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ମାଧ୍ୟମରେ ବିଭିନ୍ନ ଅଞ୍ଚଳର ଲୋକଙ୍କର ବହୁଦିନର ସମସ୍ୟାର ସମାଧାନ ହୋଇପାରୁଛି। ସାଧାରଣ ଲୋକମାନେ ନ୍ୟାୟ ପାଇପାରୁଛନ୍ତି। ଏଥିଯୋଗୁ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଉପରେ ଜନସାଧାରଣଙ୍କ ଆସ୍ଥା ଓ ଆଗ୍ରହ ବଢିଛି। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ନିୟମିତ ବ୍ୟବଧାନରେ ଜାରି ରହିବ ବୋଲି ସେ କହିଥିଲେ।

ଆଜି ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଉଚ୍ଚ଼ଶିକ୍ଷା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ।

ଉନ୍ନୟନ କମିଶନର ଦେଓ ରଞ୍ଜନ କୁମାର ସିଂ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ ।

## ଦେବ୍ରିଗଡ଼ ଆସିବେ ୨ ବାଘ

ଭୁବନେଶ୍ୱର:ଓଡ଼ିଶାର ଦେବ୍ରିଗଡ଼ ବ୍ୟାଘ୍ର ଅଭୟାରଣ୍ୟ ଖୁବ୍ ?ଶୀଘ୍ର ଦୁଇଟି ବାଘଙ୍କୁ ସ୍ୱାଗତ କରିବ। ଜଙ୍ଗଲ ଏବଂ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ଏନେଇ ସୂଚନା ପ୍ରଦାନ କରିଛନ୍ତି।

ସିମିଳିପାଳରୁ ଆସ କରିଛନ୍ତି, ।ଜ୍ୟ ପକ୍ଷରୁ ସିମିଳିପାଳରୁ ବାଘ ଆଣିବା ପାଇଁ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଘଞ୍ଜଉଇ) ସହିତ ସମନ୍ୱୟ କରାଯାଉଛି। ଏହି ପ୍ରୟାସର ସଫଳତା ପାଇଁ ସ୍ଥାନୀୟ ଗୋଷ୍ଠୀଙ୍କର ସହଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ସେ ଉଲ୍ଲେଖ କରିଛନ୍ତି, ଗ୍ରାମବାସୀଙ୍କ ସହିତ ଆଲୋଚନା ପୂର୍ବରୁ ଚାଲିଛି। ସେମାନଙ୍କ ସମର୍ଥନ ବିନା, ବାଘ ସୁରକ୍ଷା ଏବଂ ପ୍ରଜନନ ସୁନିଶ୍ଚିତ କରିବା କଷ୍ଟକର ।ପୂର୍ବରୁ, ବାଘୁଣୀ ଯମୁନା ଏବଂ ଜିନତକୁ ସିମିଳିପାଳରୁ ଡେବ୍ରିଗଡ଼କୁ ସ୍ଥାନାନ୍ତରିତ କରାଯାଇଥିଲା। ତଥାପି, ପ୍ରଜନନ ଏପର୍ଯ୍ୟନ୍ତ ହୋଇନାହିଁ। ତେବେ ପ୍ରଜନନ ପ୍ରକ୍ରିୟା ସମ୍ଭବ ହୋଇନାହିଁ, କିନ୍ତୁ ସରକାରଙ୍କ ପ୍ରୟାସ ଜାରି ରହିଛି। କର୍ତ୍ତୃପକ୍ଷ ଏଚଝ କୋଲାର ଏବଂ କ୍ୟାମେରା ଟ୍ରାପ୍ ବ୍ୟବହାର କରି ପୂର୍ବରୁ ଥିବା ବାଘମାନଙ୍କ ଉପରେ ନଜର ରଖିଛନ୍ତି। ନୂଆ ବାଘଙ୍କ ଆଗମନ ସହିତ ଦେବ୍ରିଗଡ଼ରେ ବାଘସଂଖ୍ୟା ବୃଦ୍ଧି ପାଇବା ଆଶା କରାଯାଉଛି।

# ଡାକ୍ତରଙ୍କୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଅପିଲ୍

## ଆନ୍ଦୋଳନ ଛାଡି କାର୍ଯ୍ୟରେ ଯୋଗ ଦିଅ



ଭୁବନେଶ୍ୱର,୫।୧(ନି.ପ୍ର.): ଆହୁରି କଠୋର ହେଲା ଓମ୍‌ସା ଆନ୍‌ଦୋଳନ। ଆଜିଠାରୁ ଘଣ୍ଟିକିଆ ନୁହେଁ, ବରଂ ଦୁଇ ଘଣ୍ଟା ଓପିଡି ବନ୍ଦ ନେଇ ଡାକ୍ତର ସଂଘ ନିଷ୍ପତ୍ତି ନେଇଛି। ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ସରକାରୀ ଡାକ୍ତରଖାନାଗୁଡିକରେ ଥିବା ଓପିଡିରେ ରୋଗୀ ଦେଖିବେନି ଡାକ୍ତର। ଏବେ ସାରା ରାଜ୍ୟରେ ଡାକ୍ତରମାନେ ଆନ୍‌ଦୋଳନ କରୁଥିବା ବେଳେ ସେମାନଙ୍କୁ କାର୍ଯ୍ୟରେ ଯୋଗ ଦେବାକୁ ଅପିଲ୍ କରିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ।

ଗଣମାଧ୍ୟମରେ ପ୍ରତିକ୍ରିୟା ରଖି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ଡାକ୍ତରମାନେ ରୋଗୀ ସେବା କାର୍ଯ୍ୟରେ ଯୋଗ ଦିଅନ୍ତୁ। ଆଲୋଚନା ଦ୍ୱାରା ସବୁ କାର୍ଯ୍ୟର ସମାଧାନ ହେବ, ତେଣୁ ଆମ ସହ ଆଲୋଚନା କରନ୍ତୁ। ରୋଗୀ ସେବାରେ ଯେପରି ବାଧା ସୃଷ୍ଟି ନ ହେବ ସେଥିପ୍ରତି ଧ୍ୟାନ ଦିଅନ୍ତୁ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟରେ ଆଜିଠୁ ବିଭିନ୍ନ ସରକାରୀ ହସ୍ପିଟାଲରେ ୨ ଘଣ୍ଟା ଲେଖାଏଁ ଓପିଡି ବନ୍ଦ ହେବାକୁ ନିଷ୍ପତ୍ତି ନେଇଛି ଓମ୍‌ସା। ପଦୋନ୍ନତି, ଦରମା ବୃଦ୍ଧି, କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା ଆଦି ୧୦ ଦଫା ଦାବି ପୂରଣ ନେଇ ଓମ୍‌ସା ପ୍ରତିବାଦ କରିବା ସହିତ କଳାବ୍ୟାଜ୍ ପିନ୍ଧି ଗତ ୨୬ତାରିଖରୁ ପୂର୍ବାହ୍ନ ୧୦ରୁ ୧୧ଟା ଘଣ୍ଟାଏଁ ଲେଖାଏଁ ଓପିଡି ବନ୍ଦ ଜାରି ରଖିଛି। ଏହାରି ଭିଆର ଆଜିଠୁ ସାରା ରାଜ୍ୟରେ ୨ ଘଣ୍ଟା ଲେଖାଏଁ ଓପିଡି ବନ୍ଦ ନିଷ୍ପତି ନେଇଛି, ଯାହାକୁ କନିଷ୍ଠ ଡାକ୍ତର ସଂଘ ମଧ୍ୟ ସହମତି ଜଣାଇଛି। ସରକାର ଡାକ୍ତରଙ୍କ ଦାବି ଶୁଣୁନଥିବାରୁ ସେମାନେ ନିଜ ଜିଦ୍‌ରେ ଅଟଳ ରହି ଏଭଳି ନିଷ୍ପତି ନେଇଛନ୍ତି। ଅପରପକ୍ଷେ ଦୈନିକ ସକାଳ ୯ଟାରୁ ୧୧ଟା ଯାଏ ୨ ଘଣ୍ଟା ଓପିଡି ବନ୍ଦ ହେବା ଯୋଗୁଁ ରୋଗୀ ସେବା ବ୍ୟାହତ ହୋଇଛି।

# ନବୋଦୟ ବିଦ୍ୟାଳୟରେ ଜଣ୍ଡିସ୍ ଆତଙ୍କ

ଭୁବନେଶ୍ୱର: ରାଜ୍ୟର ଖୋର୍ଦ୍ଧା ଜିଲ୍ଲାର ଗୁରୁଜଙ୍ଗଠାରେ ଥିବା ଜବାହାର ନବୋଦୟ ବିଦ୍ୟାଳୟ (ଔଘଠ)ରେ ଜଣ୍ଡିସ୍ ବ୍ୟାପିବାରେ ଲାଗିଛି। ୩୦ ଛାତ୍ରଛାତ୍ରୀଙ୍କ ନମୁନା ପରୀକ୍ଷା ପଜିଟିଭ୍ ଆସିଛି। ଛାତ୍ରଛାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସା ପରେ ଆବାସିକ ବିଦ୍ୟାଳୟ କର୍ତ୍ତୃପକ୍ଷ ଘରକୁ ପଠାଇ ଦେଇଛନ୍ତି। ଜ୍ୱରରେ ପୀଡିତ ଅନ୍ୟ ୧୦୦ ଜଣ ଛାତ୍ରଛାତ୍ରୀଙ୍କ ନମୁନା ପରୀକ୍ଷା ରିପୋର୍ଟକୁ ଅପେକ୍ଷା କରାଯାଇଛି। ସେମାନଙ୍କୁ ମଧ୍ୟ ଘରକୁ ପଠାଇ ଦିଆଯାଇଛି।

### ୧୨ ସ୍ଥାନରୁ ଜଳର ନମୁନା ସଂଗ୍ରହ କଲା ୱାଟକୋ ଟିମ୍

ଅନ୍ୟପଟେ ଏହି ଘଟଣା ପରେ ସ୍କୁଲରେ ସ୍ୱାସ୍ଥ୍ୟ ବିଭାଗର ଟିମ୍ ଓ ୱାଟକୋ ଟିମ୍ ପହଞ୍ଚିଛନ୍ତି। ୱାଟକୋ ଟିମ୍ ୧୨ଟି ସ୍ଥାନରୁ ଜଳ ନମୁନା ସଂଗ୍ରହ କରିଛନ୍ତି। କିଛି ଜଳର ନମୁନା ସେଠାରେ ପରୀକ୍ଷା କରାଯାଇଥିବାବେଳେ ସମସ୍ତ ନମୁନାକୁ ପରୀକ୍ଷା ପାଇଁ ଲାବ୍ରୋଟାରୀକୁ ପଠାଯାଇଛି। ତେବେ ୨୨୫ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଅଭିଭାବକମାନେ ନେଇଯାଇଛନ୍ତି। ଏବେ ବି ଶତାଧିକ ଛାତ୍ରଛାତ୍ରୀ, ଶିକ୍ଷକ ସଂକ୍ରାମକ ଜଣ୍ଡିସ ରୋଗରେ ଆକ୍ରାନ୍ତ ଅଛନ୍ତି। ସ୍କୁଲ କର୍ତ୍ତୃପକ୍ଷ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ପାଇଁ ଅନୁରୋଧ କରିଛନ୍ତି। ସୋମବାର ମେଡିକାଲ ଟିମ୍ ଯିବେ।

ଅନ୍ୟ ପକ୍ଷରେ ସ୍କୁଲ ପରିସରରେ ବିଶୋଧନ, ସଚେତନତା ପ୍ରତି ମଧ୍ୟ ଦୃଷ୍ଟି ଦିଆଯାଉଛି। ବିଦ୍ୟାଳୟରେ ଏବେ ପ୍ରିବୋର୍ଡ ପରୀକ୍ଷା ଚାଲିଛି। ସ୍ୱାସ୍ଥ୍ୟଗତ ସମସ୍ୟା ବଢୁଥିବାବେଳେ ଛାତ୍ରଛାତ୍ରୀଙ୍କ ସହ ଅଭିଭାବକ ଏବଂ ଶିକ୍ଷକମାନେ ମଧ୍ୟ ଚିନ୍ତାରେ ରହିଛନ୍ତି। ସ୍କୁଲର ମୋଟ୍ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୫୬୦ ରହିଥିବାବେଳେ ଅଧାରୁ ଅଧିକ ପିଲା ଏବେ ଜଣ୍ଡିସରେ ସଂକ୍ରମିତ ଅଛନ୍ତି।

# ଦୁଇ ଯନ୍ତ୍ରୀଙ୍କୁ ଧରିଲା ଭିଜିଲାନ୍ସ

ଭୁବନେଶ୍ୱର,୫।୧(ନି.ପ୍ର).: ଲାଞ୍ଚ ନେବା ବାବୁଙ୍କୁ ପଡିଲା ମହଙ୍ଗା। ୬୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ୨ ଯନ୍ତ୍ରୀଙ୍କୁ ଗିରଫ କରିଛି ଭିଜିଲାନ୍ସ। ମୟୂରଭଞ୍ଜ ଜିଲ୍ଲା ଉଦଳା ସବ-ଡିଭିଜନର ଓଡ଼ିଶା ଲିଫ୍ଟ ଇରିଗେସନ୍ କର୍ପୋରେସନର ଦୁଇଜଣ ଯନ୍ତ୍ରୀଙ୍କୁ ଜଣେ ଠିକାଦାରଙ୍କଠାରୁ ୬୦,୦୦୦ ଟଙ୍କା ଲାଞ୍ଚ ନେବା ବେଳେ ଗିରଫ ହୋଇଛନ୍ତି। ଉଦଳା ଉଠା ଜଳସେଚନ ବିଭାଗର ଦୁଇ ଅଧିକାରୀ ହରେକୃଷ୍ଣ ସିଂହ ଏବଂ ସୁବ୍ରତ ମହାନ୍ତିଙ୍କୁ ଧରିଛି ଭିଜିଲାନ୍ସ ଟିମ୍ ।



ଠିକାଦାରଙ୍କ ଠାରୁ ତାଙ୍କର ବାକି ବିଲ୍ ପରିଶୋଧ କରିବା ପାଇଁ ୬୦ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଦୁହେଁ ଗିରଫ ହୋଇଛନ୍ତି। ତାଙ୍କଠାରୁ ସମସ୍ତ କେମିକାଲ ବୋଳା ନୋଟ୍‌କୁ ଜବତ ହୋଇଛି। ଏ ସଂକ୍ରାନ୍ତରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ (କେସ୍ ନମ୍ବର ୧/୨୦୨୬), ପିସି (ସଂଶୋଧନ) ଆଇନ ୨୦୧୮ର ଧାରା ୭ ଅଧୀନରେ ମାମଲା ରୁଜୁ କରି ଉଭୟଙ୍କୁ ଗିରଫ କରିଛି । ଗିରଫ ପରେ ସିଂଙ୍କ ୨ଟି ସ୍ଥାନ ଏବଂ ମହାନ୍ତିଙ୍କ ୩ଟି ସ୍ଥାନରେ ଆୟ ବର୍ହିଭୂତ ସମ୍ପତ୍ତି (ଡିଏ) ଦୃଷ୍ଟିରୁ ଏକକାଳୀନ ଚଢ଼ାଉ ଜାରି ରହିଛି।

ସୂଚନା ମୁତାବିକ, ଠିକାଦାରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ହୋଇଥିବା ୨୫ ଲକ୍ଷ ଟଙ୍କାର ପ୍ରକଳ୍ପର ବକେୟା ବିଲ୍ (ପ୍ରାୟ ୫ ଲକ୍ଷ) ଏବଂ ସିକ୍ୟୁରିଟି ଡିପୋଜିଟ ଛାଡ଼ିବା ପାଇଁ ଏହି ଦୁଇ ଅଧିକାରୀ ୪.୫% ହାରରେ ମୋଟ୍ ୧.୧୦ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଏହି ଟଙ୍କା ମଧ୍ୟରେ ଏଇଇଙ୍କ ୧.୫% ହିସାବରେ ୩୨ ହଜାର ଏବଂ ଜେଇଙ୍କ ୩% ହ୍ୱାବରେ ୨୮ହଜାର ରହିଥିଲା। ମୋଟ୍ ୬୦,୦୦୦ହଜାର ଟଙ୍କା ନ ଦେଲେ ବିଲ୍ ପାସ୍ ହେବ ନାହିଁ ବୋଲି ଠିକାଦାରଙ୍କୁ ରୋକଠୋକ କହିଥିଲେ। ଏଥିରୁ ବିରକ୍ତ ହୋଇ ଠିକାଦାର ଜଣକ ଭିଜିଲାନ୍ସକୁ ଅଭିଯୋଗ କରିଥିଲେ। ଯାହା ଫଳରେ ଆଜି ଲାଞ୍ଚ ଟଙ୍କା ନେଉଥିବା ବେଳେ ଦୁଇ ଅଧିକାରୀ ଭିଜିଲାନ୍ସ ହାତରେ ଧରାପଡିଛନ୍ତି । ହରେକୃଷ୍ଣ ସିଂହଙ୍କ ଦୁଇଟି ଠିକଣା ଏବଂ ସୁବ୍ରତ ମହାନ୍ତିଙ୍କ ୩ଟି ଠିକଣାରେ ଚଢ଼ାଉ କରିଛି ଭିଜିଲାନ୍ସ ।

# ବେଙ୍ଗାଲୁରୁ ରଥଯାତ୍ରା ଉପରେ ପଥର ମାଡ଼

ନୂଆଦିଲ୍ଲୀ୫।୧(ନି.ପ୍ର) : ବେଙ୍ଗାଲୁରୁର ଜଗଜୀବନ ରାମ ନଗରରେ ଥିବା ଓମ୍ ଶକ୍ତି ମନ୍ଦିରରୁ ବାହାରିଥିବା ଏକ ଶୋଭାଯାତ୍ରା ସମୟରେ ରଥ ଟାଣି ନେଉଥିବା ଭକ୍ତମାନଙ୍କ ଉପରେ ପଥର ଫିଙ୍ଗାଯାଇଥିବା ଅଭିଯୋଗ ହୋଇଛି। ଜଣେ ପୋଲିସ ଅଧିକାରୀ କହିଛନ୍ତି ଯେ ଶୋଭାଯାତ୍ରା ସମୟରେ ଦୁର୍ବୃତ୍ତମାନେ ରଥ ଉପରକୁ ପଥର ଫିଙ୍ଗିଥିବା ଅଭିଯୋଗ ଆସିଛି। ଏଜେନ୍ସି ଅନୁଯାୟୀ ଏହି ଘଟଣାରେ ଦୁଇ ପିଲାଙ୍କ ମୁଣ୍ଡରେ ମଧ୍ୟ ଆଘାତ ଲାଗିଛି।

କଥିତ ଆକ୍ରମଣ ପରେ ଭକ୍ତମାନେ ଜଗଜୀବନ ରାମ ନଗର ପୋଲିସ ଷ୍ଟେସନ ବାହାରେ ଏକାଠି ହୋଇ ପ୍ରତିବାଦ କରିଥିଲେ ଏବଂ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପ୍ରତିବାଦକାରୀମାନେ ଦାବି କରିଥିଲେ ଯେ ପୂର୍ବରୁ ସମାନ ଘଟଣା ଘଟିଛି। ଘଟଣା ପରେ ଭକ୍ତମାନେ ଏଫଆଇଆର ଦାଖଲ କରିବାକୁ ଜିଦ୍ ଧରିଥିଲେ। ପୋଲିସ କହିଛି ଯେ ଏକ ଏଫଆଇଆର ରୁଜୁ କରାଯାଇଛି ଏବଂ ତଦନ୍ତ ଚାଲିଛି। ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରାଯାଇଛି ଏବଂ ପଶ୍ଚିମ ଡିଭିଜନର ଡେପୁଟି ପୋଲିସ କମିଶନର ଯତୀଶ ଏନବି ପରିସ୍ଥିତି ମୂଲ୍ୟାଙ୍କନ କରିବା ପାଇଁ ପୋଲିସ ଷ୍ଟେସନ ପରିଦର୍ଶନ କରିଛନ୍ତି। ଦୁର୍ନୀତି ଚିହ୍ନଟ ହେବା ପରେ, ସେମାନଙ୍କ ବିରୁଦ୍ଧରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ପରିସ୍ଥିତି ନିୟନ୍ତ୍ରଣାଧୀନ ଅଛି।

# ବିଜେଡିରେ ମେଳି

ଭୁବନେଶ୍ୱର,୫।୧(ନି.ପ୍ର) ପୁଣି ମେଳି ବାନ୍ଧିଲେ ବିଜେଡି ନେତା । ଯାଜପୁର ବିଜେଡି ନେତାଙ୍କୁ ନେଇ ପ୍ରମିଳା ମଲ୍ଲିକଙ୍କ ଘରେ ବସିଛି ବଡ଼ ବୈଠକ । ତେବେ ମିଳିଥିବା ସୂଚନା ଅନୁସାରେ ଏହି ବୈଠକରେ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ ବା ବବି ଦାସଙ୍କ ସହିତ ରାଜ ନାରାୟଣ ମହାପାତ୍ର, ସୁଜାତା ସାହୁ, ଶର୍ମିଷ୍ଠା



ସେଠୀ ଏବଂ ବିଶ୍ୱ ମଲ୍ଲିକଙ୍କ ଭଳି ନେତା ସାମିଲ ହୋଇଛନ୍ତି । ତେବେ ଏକାଧିକ ବିଜେଡି ନେତାଙ୍କ ଏହି ବୈଠକ ସୌଜନ୍ୟମୂଳକ ନା ଏହା ପଛରେ ଅନ୍ୟ କିଛି ଗୁମର ଲୁଚିଛି, ସେନେଇ କୌଣସି ବି ସୂଚନା ମିଳିପାରିନି ।

ତେବେ କିଛି ଦିନ ତଳେ ଖୋଦ୍ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ କହିଥିଲେ ଯେ, ବିଜେଡି ନେତା ବୈଠକ କରିବାକୁ ଚାହିଁଲେ ଦଳର କାର୍ଯ୍ୟାଳୟ ଶଙ୍ଖ ଭବନରେ ଏକାଠି ହୁଅନ୍ତୁ ଆଉ ସେହି ଜାଗାରେ ହିଁ ବୈଠକ କରନ୍ତୁ । ହେଲେ ତା ପରେ ମଧ୍ୟ ଦଳର ଏକାଧିକ ନେତା ଶଙ୍ଖ ଭବନ ବାହାରେ ମିଟିଂ କରୁଥିବା ନଜର ଆସିଛନ୍ତି । ଏହି କ୍ରମରେ ପ୍ରମିଳାଙ୍କ ଘରେ ବବି ଦାସଙ୍କ ସହିତ ଯାଜପୁର ବିଜେଡି ନେତା କାହିଁକି ଏକାଠି ହୋଇଛନ୍ତି ତାକୁ ନେଇ ଏବେ ପ୍ରଶ୍ନ ଉଠିଛି ?

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ପ୍ରମିଳା ମଲ୍ଲିକଙ୍କ ସରକାରୀ ବାସଭବନ ଠାରୁ ଶଙ୍ଖ ଭବନର ଦୂରତା ମାତ୍ର କେଇ ହାତ ଦୂରରେ । ହେଲେ ତା ସତ୍ତ୍ୱେ ମଧ୍ୟ ଏହି ନେତାମାନେ କାହିଁକି ପ୍ରମିଳାଙ୍କ ଘରେ ଏକାଠି ହେଲେ, ତାକୁ ନେଇ ଏବେ ଚର୍ଚ୍ଚା ଥମିବାର ନା ନେଉନି । ଖାସ୍ କରି ଯାଜପୁର ବିଜେଡି ନେତାଙ୍କ ଏହି ମେଳିକୁ ନେଇ ଏବେ ରାଜ୍ୟ ରାଜନୀତି ସରଗରମ ହୋଇଛି ।

# ସରକାରୀ ଚାକିରିରେ ସଂରକ୍ଷଣ

## ସୁପ୍ରିମକୋର୍ଟଙ୍କ ବଡ଼ ରାୟ

ନୂଆଦିଲ୍ଲୀ,୫।୧(ନି.ପ୍ର.): ସରକାରୀ ଚାକିରିରେ ସଂରକ୍ଷଣ ବ୍ୟବସ୍ଥାକୁ ନେଇ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ, ଯଦି ଅନୁସୂଚିତ ଜାତି (ଏସ୍‌ସି), ଅନୁସୂଚିତ ଜନଜାତି (ଏସଟି ), ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ଏବଂ ଆର୍ଥିକ ଅନଗ୍ରସର ବର୍ଗ (ଇଡବ୍ଲ୍ୟୁଏସ) ପ୍ରାର୍ଥୀମାନେ ସାଧାରଣ ବର୍ଗ ର କଟ୍-ଅଫ୍‌ଠାରୁ ଅଧିକ ନମ୍ବର ରଖନ୍ତି, ତେବେ ସେମାନେ ସାଧାରଣ ବର୍ଗର ସିଟ୍ ?ରେ ସରକାରୀ ଚାକିରି ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ। ଭାରତରେ ସରକାରୀ ଚାକିରି ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକରେ ନାମଲେଖା କ୍ଷେତ୍ରରେ ଏହି ନିଷ୍ପତ୍ତିର ଦୂରଗାମୀ ପ୍ରଭାବ ପଡ଼ିବ।

ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତିକୁ ସଂରକ୍ଷଣ ଶ୍ରେଣୀଭୁକ୍ତ ମେଧାବୀ ପ୍ରାର୍ଥୀଙ୍କ ପାଇଁ ଏକ ବଡ଼ ବିଜୟ ବୋଲି କୁହାଯାଉଛି। ଏହି ନିଷ୍ପତ୍ତି ସହିତ ସରକାରୀ ଚାକିରିରେ ସାଧାରଣ ବର୍ଗର ସିଟ୍‌ର ପରିଭାଷା ମଧ୍ୟ ନୂଆ ଭାବେ ନିର୍ଦ୍ଧାରିତ ହୋଇଛି। ରାଜସ୍ଥାନ ହାଇକୋର୍ଟଙ୍କ ଦ୍ୱାରା ଦାୟର ଏକ ମାମଲାରେ ସୁପ୍ରିମକୋର୍ଟ ଏହି ରାୟ ଶୁଣାଇଛନ୍ତି। ପୂର୍ବରୁ ଏକ ନିଯୁକ୍ତି ପ୍ରକ୍ରିୟାରେ ନିୟମ କରାଯାଇଥିଲା ଯେ, ସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କୁ ସାଧାରଣ ବର୍ଗର ସିଟ୍ ?ରେ ନିଯୁକ୍ତି ଦିଆଯିବ ନାହିଁ, ସେମାନଙ୍କ ନମ୍ବର ସାଧାରଣ ବର୍ଗର କଟ୍-ଅଫ୍ ?ଠାରୁ ଅଧିକ ଥିଲେ ମଧ୍ୟ।

ରାଜସ୍ଥାନ ହାଇକୋର୍ଟଙ୍କ ପକ୍ଷରୁ ଯୁକ୍ତି କରାଯାଇଥିଲା ଯେ, ଯଦି ଏସସି, ଏସଟି, ଓବିସି ଏବଂ ଇଡବ୍ଲ୍ୟୁଏସ ପ୍ରାର୍ଥୀମାନଙ୍କୁ ସାଧାରଣ ସିଟ୍ ନେବାକୁ ଅନୁମତି ଦିଆଯାଏ, ତେବେ ସେମାନଙ୍କୁ 'ଦ୍ୱିଗୁଣିତ ଲାଭ' ମିଳିଯିବ। ଏକ ସଂରକ୍ଷଣ ମାଧ୍ୟମରେ ଏବଂ ଅନ୍ୟଟି ସାଧାରଣ ବର୍ଗ ମାଧ୍ୟମରେ। କିନ୍ତୁ ସୁପ୍ରିମକୋର୍ଟ ଏହି ଯୁକ୍ତିକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଜଷ୍ଟିସ ଦୀପଙ୍କର ଦତ୍ତ ଏବଂ ଜଷ୍ଟିସ ଏଜି ମସିହଙ୍କ ବେଞ୍ଚ ରାଜସ୍ଥାନ ହାଇକୋର୍ଟ ପ୍ରଶାସନ ଓ ରେଜିଷ୍ଟ୍ରାରଙ୍କ ଆବେଦନକୁ ଖାରଜ କରି କହିଛନ୍ତି ଯେ, ଯୋଗ୍ୟତାକୁ ତାର ଉଚିତ୍ ସମ୍ମାନ ମିଳିବା ଆବଶ୍ୟକ।

# କୁହୁଡି ଯୋଗୁଁ ବଢୁଛି ଦୁର୍ଘଟଣା

ଆଗ୍ରା,୫।୧ ଗ୍ୱାଲିୟର ହାଇୱେର ଇରାଦତନଗର ଅଞ୍ଚଳରେ ଆଜି ସକାଳୁ ଘନ କୁହୁଡ଼ି ଯୋଗୁଁ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଦୁଇଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଆଠ ଜଣ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଅନେକ ଗାଡ଼ି ପରସ୍ପର ସହିତ ଧକ୍କା ହୋଇଥିଲା। ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ଦୁର୍ଘଟଣାରେ ବାଡ୍ଡା ନା ମାଲପୁରା ନିବାସୀ ବିଷ୍ଣୁ ଏବଂ କିରାୱାଲିର ଇମ୍ରାନଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଆହତମାନଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା, ଯେଉଁଠାରେ ସେମାନଙ୍କର ଚିକିତ୍ସା ଚାଲିଛି। କୁହୁଡ଼ି ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି।

# ନିଆଁରେ ପୋଡି ୪ ଛାତ୍ର ଗୁରୁତର



ବିଷମକଟକ,୫।୧(ନି.ପ୍ର.):: ରାୟଗଡା ଜିଲ୍ଲା ବିଷମକଟକ ବ୍ଲକ ଅନ୍ତର୍ଗତ ପାଇକଡାକୁଲୁଗୁଡାସ୍ଥ ଉନ୍ନିତ ଉଚ୍ଚ ବିଦ୍ୟାଳୟ ପରିସରରେ ନିଆଁରେ ପୋଡି ହୋଇ ୪ଜଣ ଛାତ୍ର ଗୁରୁତର ହୋଇଛନ୍ତି । ଜଣକର ଅବସ୍ଥା ସଙ୍କଟାପନ୍ନ ରହିଛି। ଆଜି ଅପରାହ୍ନ ୩ଟା ସମୟରେ ବିଦ୍ୟାଳୟ କିଛି ଛାତ୍ର ପରିସ୍ରା କରିବାକୁ ଯାଇଥିଲେ। ସେ ସମୟରେ ବିଦ୍ୟାଳୟର ଜଣେ ଛାତ୍ର ୪ଜଣ ଛାତ୍ରଙ୍କ ଉପରେ ଥିନର ପକାଇ ଦିଆସିଲି ଲଗାଇ ଦେଇଥିଲା। ଫଳରେ ପିଲାମାନଙ୍କ ଶରୀର ଅଗ୍ନି ସଂଯୋଗ ହୋଇଥିଲା। ପିଲାମାନେ ଜଳିଯାଉଥିଲେ। ଖବର ପାଇଁ ବିଦ୍ୟାଳୟ ଶିକ୍ଷକମାନେ ଚାରିଜଣ ଛାତ୍ରଙ୍କୁ ଉଦ୍ଧାର କରି ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକୁ ଚିକିତ୍ସା ନିମନ୍ତେ ଆଣାଯାଇଛି। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଖ୍ରୀଷ୍ଟୀୟାନ୍ ହସ୍ ?ପିଟାଲ ସ୍ଥାନାନ୍ତର କରାଯାଇଛି। ଆହତମାନଙ୍କ ମଧ୍ୟରେ ବିରାଜ ଟାକ୍ରି ଗୁରୁତର ରହିଛି।

ସପ୍ତମ ଶ୍ରେଣୀ ଛାତ୍ର ବିରାଜ ଟାକ୍ରି, ନଳିନ ହୁଇକା, ରୋହିତ ଖରା ଏବଂ ପଂଚମ ଶ୍ରେଣୀ ଛାତ୍ର ସୁଦାବ ବାଘ ଆହତ ଅଛନ୍ତି। ବିଦ୍ୟାଳୟ କାର୍ଯ୍ୟ ସମୟ ଭିତରେ ଛାତ୍ରମାନେ ପୋଡିଯିବା ଏକ ନିନ୍ଦନିୟ ଘଟଣା ହୋଇଥିବା ବେଳେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ଉଠିଛି ପ୍ରଶ୍ନ। କେଉଁ ପରିସ୍ଥିତିରେ ଏପରି ଦୁର୍ଘଟଣା ଘଟିଲା ସେ ସଂକ୍ରାନ୍ତରେ ପ୍ରଧାନଶିକ୍ଷକ ଚନ୍ଦନ କଲକାଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ସେ ଘଟଣାସ୍ଥଳରେ ନଥିଲେ। ସେହି ସମୟରେ ବିଦ୍ୟାଳୟର ଅନ୍ୟ ଏକ ପରିସରରେ ପାଠ ପଢ଼ାଉଥିଲେ। ଖବର ପାଇଁ ମେଡିକାଲ ଆସିଥିବା କହିବା ସହ କେଉଁ ପରିସ୍ଥିତିରେ ଏପରି ଘଟଣା ଘଟିଲା ସେ ସଂକ୍ରାନ୍ତରେ ବିଦ୍ୟାଳୟ ଉପସ୍ଥିତ ଅନ୍ୟ ଶିକ୍ଷକମାନଙ୍କୁ ପଚାରି ବୁଝିବେ ବୋଲି ପ୍ରକାଶ କରିଛନ୍ତି।



# ଉଦ୍ୟାନ କୃଷି ଯୋଜନା ସମ୍ପର୍କୀତ ପ୍ରଶିକ୍ଷଣ କର୍ମଶାଳା

ବଲାଙ୍ଗୀର,୫।୧:(ମନ୍ଥନ)ନଅଗାଁ (ଖ ) ପଲ୍ଲୀ ଆଲୋକ ପାଠାଗାର ଠାରେ ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ବଲାଙ୍ଗୀର ତରଫରୁ ଉଦ୍ୟାନ କୃଷି ଯୋଜନା ଉପରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ କୁ ଅତିଥି ଭାବେ ପଲ୍ଲୀ ଆଲୋକ ପାଠାଗାର ସମ୍ପାଦକ ଶ୍ରୀ ପ୍ରଶାନ୍ତ ନାୟକ, ସରପଞ୍ଚ ଶ୍ରୀ ବୃନ୍ଦାବନ ସେଠ, ସମିତି ସଭ୍ୟ ଶ୍ରୀ ଦେବଦତ୍ତ ଦଣ୍ଡସେନା ବ୍ଲକ ଉଦ୍ୟାନ କୃଷି ଅଧିକାରୀ ଶ୍ରାବଣୀ ମହାପାତ୍ର, ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀ ଶ୍ରୀ ସତ୍ୟବ୍ରତ ଦାଶ ମଂଚସୀନ ଥିଲେ । ପଲ୍ଲୀ ଆଲୋକ ପାଠାଗାର ର ଶ୍ରୀ




ଗୋବିନ୍ଦ ଚନ୍ଦ୍ର ବିଶି ଙ୍କ ପରିଚାଳନା କ୍ରମେ ସର୍ବ ପ୍ରଥମେ ଅତିଥି ମାନେ ସାମୁହିକ ଦୀପ ପ୍ରଜ୍ୱଳନ ପରେ ଅତିଥି ମାନେ ନିଜର ମତାମତ ପ୍ରଦାନ କରିଥିଲେ । ଶ୍ରୀ ଦାଶ ସାର ଓ ମହାପାତ୍ର ମାଡାମ ଉଦ୍ୟାନ କୃଷି ଓ ପ୍ରାଣୀ ସମ୍ପଦ ର ବ୍ୟବସ୍ଥା ରେ ଉପଲବ୍ଧ ହେଉଥିବା ବିଭିନ୍ନ ଯୋଜନା ଯଥା.ଗୋ ପାଳନ, ଛେଳି ଚାଷ, ଆଳୁ ଚାଷ, ଛତୁଚାଷ, ଗେଣ୍ଡୁ ଫୁଲ ଚାଷ, ତଥା ଆମ୍ବ, କଦଳୀ, ବିଭିନ୍ନ ଫଳ ଚାଷ ରେ ମିଳୁଥିବା ସବସିଟି ଉପରେ କର୍ମଶାଳା ରେ ଆଲୋଚନା କରିଥିଲେ । ଉକ୍ତ କର୍ମଶାଳା କୁ ଆଖ ପାଖ ଅଂଚଳ ରୁ ଚାଷୀ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ କୁ ନରେନ୍ଦ୍ର ପଧାନ, ରାଜେଶ ପଧାନ, ପ୍ରହଲ୍ଲାଦ ପଧାନ, ସୁଶାନ୍ତ ସା, ରମେଶ ପଧାନ, ଅଚ୍ୟୁତ କୁମ୍ଭାର, ସତ୍ୟ ରଞ୍ଜନ ମହାକିଙ୍ଗ,ସତ୍ୟ ବେହେରା ପ୍ରଶାନ୍ତ କୁଅଁର ସମେତ ଆଶିଷ ବିଶ୍ୱାଳ ପରିଚାଳନା ରେ ସହଯୋଗ କରିଥିଲେ ।

# ରାସ୍ତା ଅବରୋଧ ଯୋଗୁଁ ଦୁର୍ଘଟଣାରେ ପଡୁଛନ୍ତି ପଥଚାରୀ

କେନ୍ଦ୍ରାପଡ଼ା,୫।୧:(ମନ୍ଥନ)କେନ୍ଦ୍ରାପଡ଼ା ଜିଲ୍ଲାର ବସପୁର ଠାରୁ କେନ୍ଦ୍ରାପଡା ସଦର ଥାନା ଦେଇ କାକଟ ଲକ୍ ପର୍ଯ୍ୟନ୍ତ ଯାଇଥିବା ମୁଖ୍ୟରାସ୍ତାରେ ଯାତାୟତ କରିବାରେ ଏବେ ଗୁରୁତର ବାଧା ଉପୁଜିଛି। ଏହି ରାସ୍ତା କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଦୁଇଟି ଜିଲ୍ଲାକୁ ସଂଯୋଗ କରୁଥିବା ଏକ ପ୍ରମୁଖ ସଡ଼କ। ଦୈନିକ ଏହି ରାସ୍ତା ଦେଇ ହଜାର ହଜାର ଲୋକ ଯାତାୟାତ କରିଥାନ୍ତି।ଏହି ରାସ୍ତା ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜିଲ୍ଲା ଚିକିତ୍ସାଳୟ, କଲେଜ୍ ଓ ସହରର ମୁଖ୍ୟ କାର୍ଯ୍ୟାଳୟକୁ ଯିବାକୁ



ପଡିଥାଏ। କିନ୍ତୁ ଏହି ରାସ୍ତା ଉପରେ ବାଲି, ଗୋଡ଼ି, କାଠ, ଇଟା ଓ ବିଭିନ୍ନ ବ୍ୟବସାୟୀ ସାମଗ୍ରୀ ରଖି ଅବୈଧ ଭାବେ ଜବର ଦଖଲ କରାଯାଇଥିବାରୁ ଯାତାୟାତରେ ଗୁରୁତର ଭାବେ ବାଧାପ୍ରାପ୍ତ ହେଉଛି। ଶୀତ ଋତୁରେ କୁହୁଡ଼ି ପଡୁଥିବା ସମୟରେ ଏହି ରାସ୍ତା ଉପରେ ଦଣ୍ଡାୟମାନ ଥିବା ବଡ଼ ବଡ଼ ଟ୍ରକ୍ ଓ ବାଲି-ଗୋଡ଼ି ଢେର ପଥଚାରୀ ଓ ଯାନବାହନ ଚାଳକଙ୍କ ପାଇଁ ମହା ବିପଦ ସୃଷ୍ଟି କରୁଛି। ଏହାର ପରିଣାମ ସ୍ୱରୂପ ଦିନକୁ ଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି ଏବଂ ନିର୍ଦୋଷ ଲୋକ ଆହତ ହେଉଛନ୍ତି। ସ୍ଥାନୀୟ ଲୋକମାନେ ଏହି ଅବୈଧ ରାସ୍ତା ଅବରୋଧ ବିରୋଧରେ ପ୍ରତିବାଦ ପ୍ରକାଶ କରି ଜିଲ୍ଲା ପ୍ରଶାସନ ଓ ପୋଲିସକୁ ତୁରନ୍ତ କଠୋର ପଦକ୍ଷେପ ଗ୍ରହଣ କରିବାକୁ ଦାବି କରୁଛନ୍ତି। ସାଧାରଣ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଅବୈଧ ଦଖଲ ଓ ରାସ୍ତା ଅବରୋଧ କରୁଥିବା ଲୋକଙ୍କ ବିରୋଧରେ ତୁରନ୍ତ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବା ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଛି।

# ଗୀତିକାର ଭୀମ ଚରଣ ପରିଡ଼ାଙ୍କ ଓଡ଼ିଆ ଭଜନ "କଳାଶ୍ରୀମୁଖ" ଓ ଆଲବମ୍ "ବିଶ୍ୱାସ" ଲୋକାର୍ପିତ

ଭଦ୍ରକ,୫।୧:(ମନ୍ଥନ)ଜିଲ୍ଲା ସଂସ୍କୃତି ଭବନ ଭଦ୍ରକ ଠାରେ ୦୩-୦୧-୨୦୨୬ରିଖ ଦିନ ମୁଖ୍ୟ ଅତିଥି ମାନନୀୟ ଜିଲ୍ଲାପାଳ ଶ୍ରୀଯୁକ୍ତ ଦୀଲିପ ରାଉତରାଏଙ୍କ କରକମଳରେ ସଂପର୍କ ମ୍ୟୁଜିକ୍ ନିବେଦିତ ଶ୍ରୀମତୀ ସବିତା ପରିଡ଼ାଙ୍କ ପ୍ରଯୋଜନାରେ ଗୀତିକାର ଭୀମ ଚରଣ ପରିଡ଼ାଙ୍କ ଦ୍ୱାରା ଲିଖିତ ଓଡ଼ିଆ ଭଜନ 'କଳାଶ୍ରୀମୁଖ' ଓ ଆଲବମ୍ ସଂଗୀତ 'ବିଶ୍ୱାସ'ର ଶୁଭ ଉନ୍ମୋଚନ କରାଯାଇଥିଲା। ଏହି ଉତ୍ସବରେ ବିଶିଷ୍ଟ ଅତିଥିଭାବେ ଡେ଼ପୁଟି କଲେକ୍ଟର ଶ୍ରୀଯୁକ୍ତ କାର୍ତ୍ତିକନାଥ ମଣ୍ଡଳ, ସମ୍ମାନୀତ ଅତିଥିଭାବେ ଶ୍ରୀମତୀ ତୃପ୍ତିମୟୀ ପାତ୍ର, ଅତିରିକ୍ତ ଜିଲ୍ଲାଶିକ୍ଷାଧିକାରୀ, ଭଦ୍ରକ, ଶ୍ରୀଯୁକ୍ତ ଚକ୍ରଧର ମଲ୍ଲିକ, ବ୍ଲକ ଶିକ୍ଷାଧିକାରୀ, ଭଦ୍ରକ, ଇଂ ଅଭୟ ସୂତାର, ବିଶିଷ୍ଟ ସ୍ତମ୍ଭକାର, ଶ୍ରୀଯୁକ୍ତ ହରିହର ନାୟକ, ଜିଲ୍ଲା ମୁଖ୍ୟ ପ୍ରତିନିଧି ସମ୍ବାଦ, ଭଦ୍ରକ, ଶ୍ରୀଯୁକ୍ତ କ୍ଷୀରୋଦ ବିହାରୀ ଦାସ, ସତ୍ତ୍ୱାଧିକାରୀ ସାଇ ଭରଦ୍ୱାଜ ହସ୍ପିଟାଲ୍, ଭଦ୍ରକ, ଶ୍ରୀଯୁକ୍ତ ରୁଦ୍ରମାଧବ ବାରିକ୍, ସଂଗୀତ ନିର୍ଦ୍ଦେଶକ ଯୋଗଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ଶ୍ରୀଯୁକ୍ତ ଅଟଳ ବିହାରୀ ନାୟକ। ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ସଂଗୀତ ଗାନ କରାଯାଇଥିଲା । ଆଲବମ୍‌ର ସବୁ ସଂଗୀତକୁ ଭିଜୁଆଲ ମାଧ୍ୟମରେ ଦର୍ଶକମାନଙ୍କୁ ପରିବେଷଣ କରାଯାଇଥିଲା।



ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ତାଙ୍କ ବକ୍ତବ୍ୟରେ ଓଡ଼ିଶାର କଳାସଂସ୍କୃତିକୁ ଉଜ୍ଜିବୀତ କରିବାରେ ଗୀତିକାର ଶ୍ରୀ ପରିଡ଼ାଙ୍କର ଏହି ପ୍ରୟାସକୁ ଭୁରିୟଶୀ ପ୍ରଶଂସା କରିବା ସହ ତାଙ୍କ ରଚିତ ଓଡ଼ିଆ ଭଜନକୁ ଆଗାମୀ ଜିଲ୍ଲା ମହୋତ୍ସବ ଭଦ୍ରାୟଣୀରେ ଗାନ କରିବାକୁ ସମ୍ମତି ପ୍ରକାଶ କରିଥିଲେ। ବିଶିଷ୍ଟ ଅତିଥି ଶ୍ରୀଯୁକ୍ତ କାର୍ତ୍ତିକନାଥ ମଣ୍ଡଳ ତାଙ୍କ ବକ୍ତବ୍ୟରେ ସବୁ ଗୀତ ଗୁଡ଼ିକ ବହୁ ସୁନ୍ଦର ହୋଇଛି ଏବଂ ଏହା ଓଡ଼ିଶାର ଜନସାଧାରଣଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ମତବ୍ୟକ୍ତ କରିଥିଲେ । ଶ୍ରୀଯୁକ୍ତ ହରିହର ନାୟକ ତାଙ୍କ ବକ୍ତବ୍ୟରେ ଶ୍ରୀ ପରିଡ଼ାଙ୍କର ଏପରି ଉଦ୍ୟମକୁ ପ୍ରଶଂସା କରିବା ସହିତ ଭଦ୍ରକ ଜିଲ୍ଲାର ଜଣେ ପ୍ରତିଷ୍ଠିତ ଗୀତକାର ଭାବରେ ତାଙ୍କର ସ୍ୱତନ୍ତ୍ର ସ୍ଥାନ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟାନ୍ୟ ଅତିଥିଭାବେ ଭଦ୍ରକ ବ୍ଲକର ଶିକ୍ଷାଧିକାରୀ ଶ୍ରୀଯୁକ୍ତ ଚକ୍ରଧର ମଲ୍ଲିକ ତାଙ୍କ ବକ୍ତବ୍ୟରେ ଶ୍ରୀ ପରିଡ଼ା ନିଜର ଶିକ୍ଷକତା ପେଷା ସହିତ ଜଡ଼ିତ ଥାଇ ମଧ୍ୟ ଗୀତ ରଚନା କରିବାର କଳା ଆମ୍ଭ ସମସ୍ତଙ୍କୁ ମୁଗ୍ଧ କରିପାରିଛି। ଅତିରିକ୍ତ ଜିଲ୍ଲାଶିକ୍ଷାଧିକାରୀ ଶ୍ରୀମତୀ ତୃପ୍ତିମୟୀ ପାତ୍ର ତାଙ୍କ ବକ୍ତବ୍ୟରେ ଶ୍ରୀ ପରିଡ଼ାଙ୍କ ଏହି ଉଦ୍ୟମକୁ ସାଧୁବାଦ ଜଣାଇଥିଲେ । ଇଂ ଅଭୟ ସୂତାର ତାଙ୍କ ବକ୍ତବ୍ୟରେ ଶ୍ରୀ ପରିଡ଼ାଙ୍କର ଏହି ଉଦ୍ୟମ ଅତ୍ୟନ୍ତ ପ୍ରଶଂସନୀୟ ଓ ଏହା ଭଦ୍ରକ ଜିଲ୍ଲା ପାଇଁ ଗୌରବର ବିଷୟ। ପ୍ରଯୋଜିକା ଶ୍ରୀମତୀ ସବିତା ପରିଡ଼ା ଏହି କାର୍ଯ୍ୟକ୍ରମର ମୁଖ୍ୟ ପୁରୋଧା ଥିଲେ। ଏହି କାର୍ଯ୍ୟକ୍ରମରେ ଆଧ୍ୟାତ୍ମିକ ବାଦୀ ମଣିଷ ହରିବୋଲ କ୍ଷେତ୍ରର ସଭାପତି ଶ୍ରୀ ନଗେନ୍ଦ୍ର ପ୍ରସାଦ ଦାସ ଓ ସମ୍ଭାବନା ସାହିତ୍ୟ ପରିଷଦର ସମ୍ପାଦକ ଶ୍ରୀଯୁକ୍ତ ଋତୁରାଜ ଅକ୍ଷୟଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଶେଷରେ ଶ୍ରୀ ଭୀମ ଚରଣ ପରିଡ଼ାଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବୈକୁଣ୍ଠ ନାଥ ବିଶ୍ୱାଳ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ କୋଠାର ସରକାରୀ ହାଇସ୍କୁଲର ଶିକ୍ଷୟିତ୍ରୀ ଲିପିଲେଖା ବେହେରା, ଅଳଡଡି ସରକାରୀ ହାଇସ୍କୁଲର ଶିକ୍ଷୟିତ୍ରୀ ସୁବାଷିନୀ ଘଡ଼େଇ ପରିଚାଳନା କରିଥିଲେ।

# ଜିଲ୍ଲା ସାମ୍ବାଦିକ ସଂଘର ବନ୍ଧୁମିଳନ

ଖଣ୍ଡପଡ଼ା, ୫।୧:(ମନ୍ଥନ) ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ମା' ଉମାଦେବୀ ପୀଠରେ ନୟାଗଡ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଇଂରାଜୀ ନବବର୍ଷ ଉପଲକ୍ଷେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଜି ପୂର୍ବାହ୍ନରେ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାର ଶତାଧିକ ସାମ୍ବାଦିକ ସାମିଲ ହୋଇଥିଲେ । ଏ ଅବସରରେ ସାମ୍ବାଦିକ ମାନଙ୍କ ସୁରକ୍ଷା, ପେନସନ ଆଦି ଉପରେ ମତପ୍ରକାଶ ପାଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରୁ ବିଭିନ୍ନ ବ୍ଲକରୁ ଆସିଥିବା ସଂଘର ସଦସ୍ୟ ମାନେ ସଭାପତି ଶ୍ରୀ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସେହିପରି ଆଗାମୀ ଦିନରେ ସଂଘକୁ ମଜବୁତ କରିବା ନିମନ୍ତେ ବ୍ଲକ ସ୍ତରରେ କାର୍ଯ୍ୟକ୍ରମ ଓ ସଂଗଠନ ବୈଠକ ମାନ ଅନୁଷ୍ଠିତ ହେବ ବୋଲି ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଦସ୍ୟ ବିନାୟକ ମିଶ୍ର, ରାମେଶ୍ୱର ଶତପଥୀ, ପ୍ରଭାକର ଶିରୋମଣି, ଲୋକନାଥ ମିଶ୍ର, ସୁବାସ ମହାପାତ୍ର ପ୍ରମୁଖ ସଦସ୍ୟଙ୍କ ସମେତ ନୟାଗଡ, ଓଡଗାଁ, ରାଣପୁର, ଦଶପଲ୍ଲା, ନୂଆଗାଁ, ଗଣିଆ, ଭାପୁର, କଣ୍ଟିଲୋ ଏବଂ ଖଣ୍ଡପଡାର ଦେଢ ଶହରୁ ଊର୍ଦ୍ଧ୍ୱ ସାମ୍ବାଦିକ ସାମିଲ ହୋଇଥିଲେ ।

# ପଞ୍ଚାୟତ ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟଉଦଯାପିତ

କେନ୍ଦ୍ରାପଡ଼ା,୫।୧:(ମନ୍ଥନ)କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କଂସାର ଗ୍ରାମପଞ୍ଚାୟତ ଖେଳପଡିଆରେ ସାହାସପୁର ମହାବୀର ଆଥଲେଟିକ କ୍ଲବ ଆନୁକୂଲ୍ୟରେ ମଣିବାବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଦୁଇଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୦ଟିମ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ସାହାସପୁର ମହାବୀର ଆଥଲେଟିକ କ୍ଲବ ହଳଦୀଡିହ ର ମଣିବାବା କ୍ରିକେଟ କ୍ଲବକୁ ହରାଇ ଚମ୍ପିୟନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ କଂସାରେ ସରପଞ୍ଚ ସରୋଜିନୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଚମ୍ପିୟନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ରଶ୍ମୀରଞ୍ଜନ ରାଉତ, ସମିତିସଭ୍ୟ ସରୋଜରଞ୍ଜନ ଜେନା, ପୂର୍ବତନ ସରପଞ୍ଚ ରବୀନ୍ଦ୍ରନାଥ ପଣ୍ଡା, ସମାଜସେବୀ ନିରଞ୍ଜନ ପରିଡା ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱାର୍ଡସଭ୍ୟ ଦେବେନ୍ଦ୍ର ଜେନା, ଗଜେନ୍ଦ୍ର ପରିଡା, ନିତ୍ୟାନନ୍ଦ ମହାନ୍ତି, ଅଗଣି ଚରଣ ରାଉତ, ସରପଞ୍ଚଙ୍କ ପ୍ରତିନିଧି ମନୋଜ ନାୟକ, ବବୁଲ ଜେନା, ବିଷ୍ଣୁପଦ ନାୟକ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

# ଦୃଷ୍ଟିବାଧିତ ବି ସର୍ବଗୁଣ ସମ୍ପନ୍ନ

କେନ୍ଦ୍ରାପଡ଼ା,୫।୧:(ମନ୍ଥନ)କେନ୍ଦ୍ରାପଡ଼ା ପୌରସଂସ୍ଥା ଦ୍ୱାରା ପରିଚାଳିତ ଦୃଷ୍ଟିବାଧିତ ବିଦ୍ୟାଳୟରେ ମହାତ୍ମା ଲୁଇସ ବ୍ରେଲିଙ୍କ ୨୧୭ ତମ ଜୟନ୍ତୀ ଓ ବିଶ୍ୱ ବ୍ରେଲି ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ଆମେରିକାସ୍ଥିତ ଆଲାସ୍କା ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡ଼ ଦେବେନ୍ଦ୍ର କୁମାର ଦାସ, ମୁଖ୍ୟବକ୍ତା ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା ଓ ସମ୍ମାନିତ ଅତିଥି ଭାବେ ଓଡିଆ ଭାଷା ସାହିତ୍ୟ ବିଭାଗ ଅଧ୍ୟାପିକା ସସ୍ମିତା ଅଧିକାରୀ, ବିଶିଷ୍ଟ ସମାଜସେବୀ ତଥା ସମୀର ଟିଭିଏସର ପରିଚାଳନା ନିର୍ଦ୍ଦେଶକ ସମୀର କୁମାର ଚାନ୍ଦ,ଭୁବନମୋହନ ଦାସ, କ୍ଷୀରୋଦ କୁମାର କର, ଅଶୋକ ସାହୁ ପ୍ରମୁଖ ଯୋଗଦେଇ ମହାତ୍ମା ଲୁଇସ୍ ବ୍ରେଲିଙ୍କ ଜୀବନୀ, ବ୍ରେଲି ଲିପିର ଆବଶ୍ୟକତା ଓ ପରିବର୍ଦ୍ଧିତ ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ ଏହା ଦୃଷ୍ଟିବାଧିତ ମାନଙ୍କ ପାଇଁ ବରଦାନ ସଦୃଶ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ଓ ପିଲାମାନଙ୍କ ବିକାଶରେ ଅଧିକରୁ ଅଧିକ କ୍ରିୟାଶୀଳ ହେବାକୁ ପରାମର୍ଶ ଦେଇଥିଲେ। ପ୍ରଧାନଶିକ୍ଷକ ସ୍ୱପ୍ନାଂଶୁ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ସହକାରୀ ଶିକ୍ଷକ ବଟକୃଷ୍ଣ ବାରିକ୍ ସ୍ୱାଗତ ଭାଷଣ, ଅରୁଣ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ପିଲାମାନେ ଆବାହନୀ ସଙ୍ଗୀତ ଗାନ କରିଥିଲେ। ଅତିଥିମାନେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ ସହ ରାଜ୍ୟସ୍ତରୀୟ ପୁରସ୍କାର ପ୍ରାପ୍ତ ମହିମା ସାହୁ, ଅମିତ୍ ଜେନା, ଆୟୁଷ ରାୟ, ଓ ଗାଇଡ ଶିକ୍ଷକ ଭରତ କୁମାର ସାହୁ, ମନୋଜ କୁମାର ବେହେରାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ପିଲାମାନଙ୍କୁ ସ୍କୁଲ ଡ୍ରେସ, ଜୋତା, ସ୍ୱିଟର ଆଦି ବଣ୍ଟନ କରାଯାଇଥିଲା। ସହକାରୀ ଶିକ୍ଷୟତ୍ରୀ ସୋନାଲିକା ସ୍ୱାଇଁ ଧନ୍ୟବାଦ୍ ଅର୍ପଣ କରିଥିଲେ। ମହେନ୍ଦ୍ର ପ୍ରସାଦ ସିଂ, ମନୋଜ କୁମାର୍ ବେହେରା, ମାନିନୀ ବେହେରା, ବିକାଶ ଦାସ, ଗୀତା ଦାସ, ଅଲେଖ ଜେନା ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଖଣ୍ଡପଡ଼ା ଏନଏସିରେ ୮୪ ଲକ୍ଷର ଟେଣ୍ଡର ଫିକ୍ସିଙ୍ଗ

ଖଣ୍ଡପଡ଼ା, ୫।୧:(ମନ୍ଥନ)ଗୋଟେ ନୁହେଁ କି ୨ଟି ନୁହେଁ ୨୯ଟି କାମରେ ବିଭକ୍ତ କରି ୮୪ ଲକ୍ଷର ଟେଣ୍ଡର ଫିକ୍ସିଙ୍ଗ ହୋଇଛି। ପ୍ରଭାବଶାଳି ଲୋକଙ୍କ ଜରିଆରେ ଏହି କାମକୁ ହାତେଇନେବା ମସୁଧା କରି ସବୁ ନିୟମକୁ ଭାଙ୍ଗି ଦେଇଛି ଏନଏସି ପ୍ରଶାସନ । ମିଳିଥିବା ସୂଚନା ଅନୁଯାୟୀ ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦରେ ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ଟେଣ୍ଡର ଫିକ୍ସିଙ୍ଗ ହୋଇଥିବା ଅଭିଯୋଗ ହୋଇଛି । ପ୍ରାୟ ୧୩ ଗୋଟି ୱାର୍ଡର ଉନ୍ନୟନମୂଳକ କାମକୁ ନେଇ ଗତବର୍ଷ ଡିସେମ୍ବର ୧୬ ତାରିଖରେ ବିଜ୍ଞାପନ ବାହାରିଥିବା ବେଳେ ଅଧିକାଂଶ କାର୍ଯ୍ୟର ମୂଲ୍ୟ ୫ ଲକ୍ଷରୁ କମ ରଖାଯାଇଥିବା ସୂଚନା ମିଳିଛି । ନିୟମ ଅନୁଯାୟୀ ଏହି ବିଜ୍ଞାପନକୁ ଅନଲାଇନରେ ଏନଏସିର ନିଜସ୍ୱ ୱେବସାଇଟ କିମ୍ବା ନୟାଗଡ ଜିଲ୍ଲା ୱେବସାଇଟରେ ମଧ ଛଡାଯାଇନାହିଁ । ଏପରିକି ଅଫିସରେ ଥିବା ନୋଟିସ ବୋର୍ଡରେ କେଇଘଣ୍ଟା ପର୍ଯ୍ୟନ୍ତ ମରାଯାଇ ବାହାର କରିଦିଆଯାଇଥିବା ମଧ ଅଭିଯୋଗ ହୋଇଛି । ଫଳରେ ଏହି ପ୍ରକ୍ରିୟାରେ ବଡଧରଣର ଅନିୟମିତତା ହୋଇଥିବା ସନ୍ଦେହ ପ୍ରକାଶ ପାଇଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଟେଣ୍ଡରକୁ ସୂଚନା ଲୋକସମ୍ପର୍କ ବିଭାଗକୁ ବିଜ୍ଞାପନ ପାଇଁ ଦିଆଯାଇଥିବା ବେଳେ ଏଥିପାଇଁ ଅନାମଧେୟ ଖବରକାଗଜକୁ ପ୍ରାଥମିକତା ଦିଆଯାଇଥିବା ଜଣାପଡିଛି । ସ୍ଥାନୀୟ ଖବରକାଗଜକୁ ପ୍ରାଥମିକତା ଦେବାକୁ ସ୍ପଷ୍ଟ ଲେଖା ଥିବା ସତ୍ତ୍ୱେ ନୟାଗଡ ଜିଲ୍ଲା କିମ୍ବା ଖଣ୍ଡପଡ଼ାକୁ ଆସୁନଥିବା କାଗଜରେ ବିଜ୍ଞାପନ ବାହାରିଛି । ଯାହାକୁ ନେଇ ଏହି ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ସ୍ଥାନୀୟ ଅଞ୍ଚଳର ଠିକାଦାର ମାନେ ଅଭିଯୋଗ ଆଣିଛନ୍ତି । ପ୍ରାୟ ୮୪ ଲକ୍ଷରୁ ଊର୍ଦ୍ଧ୍ୱ କାମକୁ ୨୯ଟି କାମରେ ଭାଗ କରି ଠିକାଦାରଙ୍କୁ ଖୁସି କରିବାକୁ କରାଯାଇଥିବା ସନ୍ଦେହ ଦୃଢୀଭୂତ ହୋଇଛି । ପୂର୍ବରୁ ଏନଏସି ରେ ଟେଣ୍ଡର ଫିକ୍ସିଙ୍ଗ ଅଭିଯୋଗ ବାରମ୍ବାର ହୋଇଆସୁଥିବା ବେଳେ ଏଥର କିନ୍ତୁ ନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର ସବୁ ନିୟମକୁ ଜଳାଞ୍ଜଳି ଦେଇଥିବା ଅଭିଯୋଗ ହେଉଛି । ଜିଲ୍ଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ୨୦୦୬ ମାଟ୍ରିକ ବ୍ୟାଚର ବନ୍ଧୁମିଳନ

ଡେଲାଙ୍ଗ,୫।୧:(ମନ୍ଥନ)ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଅରିସଲ ପଞ୍ଚାୟତ ରେ ଥିବା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖଣ୍ଡିମଙ୍ଗଳପୁର ର ୨୦୦୬ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୧୯ବର୍ଷ ପରେ ସମସ୍ତ ସାଥି ଏହି ବନ୍ଧୁମିଳନ ରେ ଏକାଠି ହୋଇଥିବାରୁ ଛାତ୍ର ଜୀବନର ପାଠପଢାକୁ ମନେ ପକାଇ ଭାବର ଆଦାନପ୍ରଦାନ ହୋଇଥିଲା । ବନ୍ଧୁମିଳନ କାର୍ଯ୍ୟକ୍ରମ ରେ ୩୦ରୁ ଅଧିକ ସାଥୀ ସେମାନଙ୍କ ର ପରିବାରମାନଙ୍କ ସହ ଏଥିରେ ଏକାଠି ହୋଇଥିଲେ । ପାର୍ଥ ସାରଥୀ ପ୍ରଧାନ, ରଞ୍ଜନ ପ୍ରଧାନ, ସତ୍ୟଜିତ ସାହୁ,କିରଣବାଳା ବାରିକ, ଶୁଭଲକ୍ଷ୍ମୀ ପରିଡା, ମନୋଜ କୁମାର ଜେନା, ଦୀପକ ସାହୁ ପ୍ରମୁଖ ସମସ୍ତ ସାଥି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବିଶିଷ୍ଟ ସମାଜସେବୀ ଗଣପତି ସାହୁଙ୍କ ପରଲୋକ

ଗଞ୍ଜାମ,୫।୧:(ମନ୍ଥନ)ସ୍ଥାନୀୟ ନରେନ୍ଦ୍ର ପୁର ଗ୍ରାମ ପଞ୍ଚାୟତ ଅଧିନସ୍ଥ, ରଘୁନାଥ ପୁର ଗ୍ରାମ ର ିଶିଷ୍ଟ ସାମାଜ ସେୀ, ତାରାତାରିଣୀ ରାଇସ ମିଲ ମାଲିକ ତଥା ଧର୍ମ ପରାୟଣ ବ୍ୟକ୍ତି, ଗଣପତି ସାହୁ ଙ୍କ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଂକୁ (୮୫) ବୟସ ହୋଇଥିଲା । ସେ ଜଣେ ଧର୍ମପରାୟଣ,ପର ଉପକାରୀ, ମିଷ୍ଟଭାଷୀ, ସଦ୍ୟବାଦୀ ପ୍ରକୃତି ର ବ୍ୟକ୍ତିତ୍ୱ ଥିଲେ । ତାଙ୍କ ର ଅନୁ ଦାନରେ ତାରାତାରିଣୀ ସିଂହଦ୍ୱାର, ଗରିବ ଲୋକଙ୍କୁ ସାହାଯ୍ୟ ସୋ ଅତୁଳନିୟ ।ମୃତ ଶଯ୍ୟା ନିକଟ ରେ ଦୁଇ ପୁଅ, ମହେନ୍ଦ୍ର କୁମାର ସାହୁ,ସୂର୍ଯ୍ୟ ନାରାୟଣ ସାହୁ, ପତ୍ନୀ ସରସ୍ୱତୀ, ବୋହୂ ନାତି ନାତୁଣୀ ଝିଅ ଜ୍ୱାଇଁ ଓ ପରିବାର ବନ୍ଧୁ ବର୍ଗ ଉପସ୍ଥିତ ଥିଲେ । ତାଙ୍କ ମୃତ ଖବର ପାଇ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ବ୍ରହ୍ମପୁର ବିଧାୟକ,କେ,ଅନିଲ ପୁତୁରା, ପୂର୍ବତନ ନରେନ୍ଦ୍ର ପୁର ପ ଞ୍ଚା ୟ ତ ସମିତି ସଭ୍ୟ, ଜ୍ୟୋତି ରଞ୍ଜନ ସାହୁ ଏବଂ ବହୁ ଗ୍ରାମବାସୀ ଯୋଗ ଦେଇ ଶୋକବ୍ୟକ୍ତ କରିଥିଲେ । ଗଣପତି ସାହୁ ଙ୍କ ମର ଶରୀରକୁ ନିଜ ଜମିରେ ଶ ସତ୍କାର କରାଯାଇଥିଲା । ଏବଂ ଜ୍ୟେଷ୍ଠପୁତ୍ର ମହେନ୍ଦ୍ର ସାହୁ ମୁଖାଗ୍ନି ଦେଇ ଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳ ରେ ଶୋକା କୁଳ ପରିବେଶ ସୃଷ୍ଟି ହୋଇଛି । ସୂଚନାଯୋଗ୍ୟ ିଶିଷ୍ଟ ସାମାଜସେୀ,ଗଣପତି ସାହୁ ଜୀବନ କାଳରେ ହୁ ଗରୀବ ମେଧାବୀ ଛାତ୍ର ଛାତ୍ରୀ ସାହାଯତା ଓ ଗରିବ ଙ୍କୁ ବିବାହ ବନ୍ଧନ, ଗରିବ ବ୍ରାହ୍ମଣ ପୁତ୍ର ଙ୍କୁ ବ୍ରତ ଠାରୁ ଆରମ୍ଭ କରି ତାଙ୍କର ନିଜସ୍ୱ ଅର୍ଥ ରେ, ତାରାତାରିଣୀ ସିଂହ ଦ୍ୱାର ନିର୍ମଣ,କେରାଣ୍ଡି ତୋଳା ଶ୍ୟାମୟକାଳୀ ମନ୍ଦିର,ଛତ୍ରପୁର ଠାରେ ଜଗନ୍ନାଥ ମନ୍ଦିର,ବିଶ୍ୱ ମୂର୍ତ୍ତି ନିର୍ମାଣ, ରଘୁନାଥ ପୁର, ଗ୍ରାମ ରେ ସରସ୍ୱତୀ ।ିକା ହାଇସ୍କୁଲ,ଓ ବୃନ୍ଦାବନ ଠାରେ ଶ୍ରୀ କୃଷ୍ଣ ବିନୋଦିହାରୀ ଓଡ଼ିଆ। ଆଶ୍ରମ କରି ସମସ୍ତ କ୍ଷେତ୍ରରେ ପ୍ରିୟ ଭାଜନ ହୋଇ ଆସୁ ଥିଲେ। ଗଞ୍ଜାମ ଜିଲ୍ଲାର ଜଣେ ମହାନ୍ ଧାର୍ମିକ ଜନ ସେବକ ଶୈକ୍ଷିକ ସମାଜ ର କୀମ୍ବଦନ୍ତି ବିଶିଷ୍ଟ ସାମାଜ ସେୀ କୁ ହରାଇ ଲେ ବୋଲି ଗଣମାଧମ ଓ ବୃଦ୍ଧିଜିବୀ ମହଲ ଚର୍ଚ୍ଚା ପାଲଟିଛି ।
ଞ

# ଲୋକଙ୍କ ସ୍ୱାସ୍ଥ୍ୟ ନେଇ ଖେଳୁଛନ୍ତି ଅପମିଶ୍ରିତ କ୍ଷୀର ଓ ନକଲି ପନିର ବେପାରୀ

କାକଟପୁର,୫।୧:(ମନ୍ଥନ)ପୁରୀ ଜିଲ୍ଲା କାକଟପୁର ବଜାର ସମେତ ବିଭିନ୍ନ ଅଞ୍ଚଳରେ ନକଲି ପନିର, ଛେନା ଏବଂ ଅପମିଶ୍ରିତ କ୍ଷୀର ବହୁଳ ମାତ୍ରାରେ ବିକ୍ରି କରାଯାଉଥିବା ଖବର ଏବେ ଖାଉଟିଙ୍କୁ ଚିନ୍ତାରେ ପକାଇଛି । ଦୁଗ୍ଧଜାତ ଦ୍ରବ୍ୟ ଲୋକଙ୍କ ଆବଶ୍ୟକତା ମେଣ୍ଟାଇ ପାରୁନି । ଏହାର ସୁଯୋଗ ନେଇ ଅସାଧୁ ବେପାରୀମାନେ ଅପମିଶ୍ରଣର ଆଶ୍ରୟ ନେଲେଣି । ନିମ୍ନମାନର କ୍ଷୀର ପାଉଡର୍ ସାଙ୍ଗକୁ ଭେଜିଟେବଲ୍ ଫ୍ୟାଟ୍ ମିଶ୍ରଣ କରି ଛେନା, ପନିର ପ୍ରସ୍ତୁତ କରି ବଜାରକୁ ଛାଡୁଛନ୍ତି । ବିଶେଷ କରି କାକଟପୁର ବଜାରକୁ ସିନ୍ଥେଟିକ୍ ପନିର କବ୍ଜା କରି ସାରିଥିବା ଅଭିଯୋଗ ହେଉଛି । ଲୋକଙ୍କୁ ଆବଶ୍ୟକ ପରିମାଣର ଗାଈକ୍ଷୀର ମିଳୁ ନଥିବା ବେଳେ ପ୍ରଚୁର ପରିମାଣର ପନିର ମିଳିବାକୁ ନେଇ ଏପରି ସନ୍ଦେହ କରିବାକୁ ଖାଉଟିଙ୍କୁ ବାଧ କରୁଛି । ଏହି ଅପମିଶ୍ରିତ କ୍ଷୀର, ଛେନା, ପନିର ଆଦି ବଜାରକୁ ଆସିବା ପଛରେ ଏକ ଅନ୍ତଃରାଜ୍ୟ ର୍‌ାକେଟ କାମ କରୁଥିବା ଅଭିଯୋଗ ହୋଇଛି । ଯେଉଁମାନେ କି ରାଜଧାନୀ ସମେତ ବିଭିନ୍ନ ଜାଗାରୁ ଏହି କ୍ଷୀର ପାଉଡର୍ ଆଣି କାକଟପୁରର ବିଭିନ୍ନ ତେଜରାତି ଦୋକାନରେ ବିକ୍ରିପାଇଁ ଯୋଗାଉଛନ୍ତି ଯାହାକୁ ନେଇ ପନିର ଓ ଛେନା ପ୍ରସ୍ତୁତ କରି ବିକ୍ରି କରାଯାଉଛି । ଏହି ଛେନା, ପନିର ଶସ୍ତା ଓ ଲାଭଜନକ ହୋଇଥିବାରୁ ଅଞ୍ଚଳର କେତେକ




ଛେନା ବେପାରୀ ଏହାକୁ ସେମାନଙ୍କ ବୃତ୍ତି କରିସାରିଲେଣି। ଶସ୍ତା କ୍ଷୀରପାଉଡର୍ରେ ହେଉଛି ଛେନା, ପନିର । କିନ୍ତୁ ଏବେ କୃତ୍ରିମ ମିଲ୍କ ପାଉଡର ବଜାରରେ ହାଉଯାଉ ହେଲାଣି । ସ୍କିମ୍ଡ ମିଲ୍କ ପାଉଡର(ଏସ୍‌ଏମ୍‌ପି) କୁହାଯାଉଥିବା ଏହି ସାମଗ୍ରୀରେ ମିଲ୍କ ଫ୍ୟାଟ୍ ବଦଳରେ ଭେଜିଟେବଲ୍ ଫ୍ୟାଟ୍ ମିଶାଯାଉଛି । ନକଲି ଛେନା, ପନିର ପ୍ରସ୍ତୁତ ପାଇଁ ନାଇଟ୍ରିକ୍ ଏସିଡ୍ ବ୍ୟବହାର ହେଉଛି । ଏହାକୁ ଖାଇଲେ ଶରୀରରେ ହରମୋନ୍ଜନିତ ଅସନ୍ତୁଳନ ଭଳି ରୋଗ ଦେଖାଦିଏ । ନିମ୍ନମାନର ମିଲ୍କ ପାଉଡର ବଜାରରେ ୨୫ କିଲୋଗ୍ରାମ, ୫ କିଲୋଗ୍ରାମର ପ୍ୟାକେଟ୍ ଉପଲବ୍ଧ ହେଉଛି । ଯେଉଁଥିରୁ ମିଠା, ଛେନା ଓ ପନିର ପ୍ରସ୍ତୁତ ହୋଇଥାଏ । ଯେହେତୁ ଏହା ଶସ୍ତା, ପୂଜା ଓ ବିବାହ ଆଦି ଭୋଜିରେ ଏହାର ପ୍ରବଳ ବ୍ୟବହାର ହେଉଥିବା ଜଣାପଡିଛି। ଅପମିଶ୍ରିତ କ୍ଷୀର, ଛେନା, ପନିର ଆଦି ଦୁଗ୍ଧଜାତ ଦ୍ରବ୍ୟର ଯାଞ୍ଚ ଓ କଳାବଜାରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ନିଷ୍କ୍ରିୟ ହୋଇପଡିଛି ଜିଲ୍ଲା ଖାଦ୍ୟ ନିରାପତ୍ତା ବିଭାଗ । ନକଲି ଛେନା, ପନିର ଆଦି ସେବନ ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ । ପାଉଡର୍ ସହ ମାଇକ୍ରୋ ପ୍ଲାଷ୍ଟିକ୍ କ୍ଷୀରରେ ମିଶ୍ରଣ କରାଯାଉଛି । ଏହା ଶରୀରରେ ଜମା ହୋଇ ନାନାଦି ରୋଗ ସୃଷ୍ଟି କରେ । କ୍ୟାନସର ଓ କିଡ୍ନି ଜନିତ ରୋଗ ସୃଷ୍ଟି କରିବାର ଆଶଙ୍କା ରହିଛି । କୋଲେଷ୍ଟ୍ରଲ୍ ବୃଦ୍ଧି ସହ ହୃଦ୍ଘାତର ଆଶଙ୍କା ବଢିଯାଏ । ଆଇସିଏମ୍ଆର୍ ତଥ୍ୟ କହୁଛି, ଦେଶରେ ଉତ୍ପାଦିତ କ୍ଷୀର ମୁଣ୍ଡପିଛା ମାତ୍ର ୧୨୦ରୁ ୧୩୦ ଗ୍ରାମ । କିନ୍ତୁ ଲୋକେ ଖାଉଛନ୍ତି ୩୦୦ରୁ ୩୨୦ ଗ୍ରାମୟ ୧ ଲିଟର କ୍ଷୀରରେ ସାଧାରଣତଃ ୮୦ ପ୍ରତିଶତ ପାଣି। ଏହାସତ୍ତ୍ୱେ ଏତେ ପରିମାଣର ଦୁଗ୍ଧଜାତ ଦ୍ରବ୍ୟ ବିଶେଷ କରି ପନିର, ଛେନା ବଜାରରେ ବିକ୍ରି ପାଇଁ କୁଆଡୁ ଆସୁଛି ? ଅପମିଶ୍ରଣ ପନିର ଖାଇବା ପରେ ଯଦି ୩ରୁ ୬ ଘଣ୍ଟା ଭିତରେ ନିଃଶ୍ୱାସପ୍ରଶ୍ୱାସ କଷ୍ଟ, ଝାଡ଼ାବାନ୍ତି, ପେଟ କାଟିବା, ପରିଶ୍ରା ନହେବା ଭଳି ଲକ୍ଷଣ ଦେଖାଯାଏ ତେବେ ତୁରନ୍ତ ଡାକ୍ତର ଙ୍କ ପରାମର୍ଶ କରିବା ଆବଶ୍ୟକ ବୋଲି ବାଙ୍ଗୁରୀଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡଃ ଶାନ୍ତିଭୂଷଣ ଜେନା ପ୍ରକାଶ କରିଛନ୍ତି ।

# ଜମିବାଡି ବିବାଦରୁ ଦାଦା ପୁତୁରାକୁ ହାଣି ହତ୍ୟା କଲା

କେନ୍ଦ୍ରାପଡ଼ା,୫।୧:(ମନ୍ଥନ)କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଚକ୍ରୋଡ଼ା ଗ୍ରାମପଞ୍ଚାୟତର ନରିଲୋ ଗ୍ରାମରେ ପୁତୁରାକୁ ହାଣି ହତ୍ୟା କରିଛି ଦାଦା। ସେହିପରି ପୁତୁରାର ବାପା ଓ ମା ତଥା ଅଭିଯୁକ୍ତର ଭାଇ ଓ ଭାଉଜକୁ ହାଣି ଗୁରୁତର କରିଛି ଅଭିଯୁକ୍ତ ରାଜକିଶୋର। ଯୁବକ ଉପେନ୍ଦ୍ର ଓରଫ ପିନୁ ଓଝାକୁ ହତ୍ୟା କରାଯାଇଛି। ଗୁରୁତର ଆହତ ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ସରୋଜକାନ୍ତ ଓଝା ଓ ତାଙ୍କ ପତ୍ନୀ ସଂଯୁକ୍ତା ଓଝା। ଥାନା ସୂତ୍ରରୁ ପ୍ରକାଶ ଯେ ସରୋଜକାନ୍ତ ଓଝା ଓ ତାଙ୍କ ସାନଭାଇ ରାଜକିଶୋର ଓଝାଙ୍କ ମଧ୍ୟରେ ଦୀର୍ଘଦିନ ଧରି ଜମିବାଡି ବିବାଦ ଲାଗି ରହିଥିଲା। ସେହି ବିବାଦ ସମାଧାନ ହୋଇନଥିବା ବେଳେ ସରୋଜକାନ୍ତ ନୂତନ ଘର ନିର୍ମାଣ କରୁଥିଲେ। ଏହାକୁ ନେଇ ବିବାଦ ଅଧିକ ଉଗ୍ରରୂପ ନେଇଥିଲା। ଏହି ବିବାଦର ସମାଧାନ ପାଇଁ ଗ୍ରାମର କେତେକ ଭଦ୍ରଲୋକଙ୍କ ଉପସ୍ଥିତିରେ ଗ୍ରାମସ୍ଥିତ ଲକ୍ଷ୍ମୀନାରାୟଣ ମଣ୍ଡପରେ ଶନିବାର ରାତିରେ ଏକ ସଭା ବସିଥିଲା। ସେଠାରେ ଆଲୋଚନା ଚାଲିଥିବା ବେଳେ ସଭାର ନିଷ୍ପତ୍ତିକୁ ନ ମାନି ରାଜକିଶୋର ସଭାରୁ ଉଠି ପଳାଇଥିଲେ। ଏହାପରେ ରାଜକିଶୋର, ପୁଅ ଉମାକାନ୍ତ, ପତ୍ନୀ ପ୍ରଣତି ଓ ଝିଅ ତପିନା କଟୁରୀ, ଭୁଜାଲି,ଲୁହାରଡ ଓ ଅନ୍ୟାନ୍ୟ ମାରଣାସ୍ତ୍ର ଧରି ସରୋଜଙ୍କ ନିର୍ମାଣଧିନ ଗୃହକୁ ଭାଙ୍ଗିବା ସହ ସେଠାରେ ଲାଗିଥିବା ସିସିଟିଭିକୁ ମଧ୍ୟ ଭାଙ୍ଗି ଦେଇଥିଲେ। ଏ ସଂକ୍ରାନ୍ତରେ ଖବର ପାଇ ସଭାରେ ଉପସ୍ଥିତ



ସରୋଜ ଏବଂ ତାଙ୍କ ପତ୍ନୀ ସଂଯୁକ୍ତ ଓ ପୁଅ ଉପେନ୍ଦ୍ର ଘଟଣା ସ୍ଥଳରେ ପହଞ୍ଚି ପ୍ରତିବାଦ କରିଥିଲେ। ଏଥିରେ ଉତ୍ୟକ୍ତ ହୋଇ ସେମାନଙ୍କୁ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ରାଜକିଶୋର ଓ ତାଙ୍କ ପରିବାର ଲୋକେ ଆକ୍ରମଣ କରିଥିଲେ। ଫଳରେ ଉପେନ୍ଦ୍ର, ସରୋଜ ଓ ସଂଯୁକ୍ତା ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡି ଯାଇଥିଲେ। ଚିତ୍କାର ଶୁଣି ଗାଁ ଲୋକ ଆସିଯିବାରୁ ଆସାମୀମାନେ ଘଟଣା ସ୍ଥଳରୁ ପଳାଇଥିଲେ। ଗ୍ରାମବାସୀ ପୋଲିସ ଓ ଆମ୍ବୁଲାନ୍ସକୁ ଫୋନକରି ଡକାଇଥିଲେ। ଉଭୟ ପୋଲିସ ଓ ଆମ୍ବୁଲାନ୍ସ ଘଟଣା ସ୍ଥଳରେ ପହଞ୍ଚି ଆହତମାନଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଡାକ୍ତର ସମସ୍ତଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଇ ଦେଇଥିଲେ। କଟକ ବଡ଼ ଡାକ୍ତରଖାନାରେ ଡାକ୍ତର ଉପେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଦୁଇ ଜଣ ସରୋଜ ଓ ସଂଯୁକ୍ତା ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏ ସଂକ୍ରାନ୍ତରେ ମୃତ ଉପେନ୍ଦ୍ରଙ୍କ ପତ୍ନୀ ସୁଷମା ଓଝା କେନ୍ଦ୍ରାପଡା ସଦର ଥାନାରେ ଏତଲା ଦେଇଛନ୍ତି। ସେହି ଏତଲାକୁ ଭିତ୍ତିକରି ପୋଲିସ ଥାନା କେଶ ନଂ. ୭/୨୦୨୬ରେ ଭାରତୀୟ ନ୍ୟାୟ ସଂହିତାର ୧୦୩, ୨୯୬, ୩୨୪(୪), ୧୧୫(୨), ୧୧୮(୨), ୧୧୮(୧), ୩୫୧(୨), ୩(୫) ଦଫାରେ ମାମଲା ରୁଜୁ କରି ଆସାମୀ ଲିପୁନି ଓରଫ ଉମାକାନ୍ତ ଓଝା(୨୫) ଓ ପ୍ରଣତି ଓଝା(୪୮)ଙ୍କୁ କୋର୍ଟଚାଲାଣ କରିଥିବା ବେଳେ ରାଜକିଶୋର ଓଝାଙ୍କୁ ପଚରାଉଚରା ଜାରି ରଖିଥିବା ଥାନାଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି।



## ଧୁମ୍ ଧାମରେ ପାଳିତ ହେଲା ପୁଷ ପୁନି ପରବ



ନବରଙ୍ଗପୁର,୫।୧:(ମନ୍ଥନ)ଅବିଭକ୍ତ କୋରାପୁଟ ଜିଲ୍ଲା, ମୂଳ ନିବାସୀ, ଆଦିମ ଅଧିବାସୀ ସଂସ୍କୃତିର ଏକ ମହତ୍ତ୍ୱପୂର୍ଣ୍ଣ ପର୍ବ ଲୋକ ଆଦିବାସୀ ସଂସ୍କୃତି ର ବାର୍ତ୍ତାବହ ସାଜି ଦ୍ୱିତୀୟ ବର୍ଷ ରେ ପାଦ ଦେଇଛି ପୁଷ୍ପ ପୁନେଇ ପର୍ବ । ପୁଷ୍ପୁନି ପର୍ବ କୋରାପୁଟ ଜିଲ୍ଲାର ଆଦିବାସୀ ସମୁଦାୟ ଙ୍କ ମୁଖ୍ୟ ପର୍ବ । ପ୍ରକୃତି ର ଉପାସକ ଆଦିବାସୀ ଙ୍କ ଏହି ପର୍ବ ରେ ନିଜକୁ ସାମିଲ କରିବା ଏବଂ , ମାଟି, ଫସଲ ଓ ମାତୃଶକ୍ତି ପ୍ରତି କୃତଜ୍ଞତା ପ୍ରକାଶ କରିବାର ଏକ ପରମ୍ପରା ଏହି ପୁଷ୍ପୁନି ପର୍ବ ରେ । ପୁଷ୍ପୁନି ପର୍ବର ଇତିହାସ ଅତ୍ୟନ୍ତ ପୁରାତନୟ ଲିଖିତ ଇତିହାସ ନଥିଲେ ମଧ୍ୟ, ଏହା ମୌଖିକ ପରମ୍ପରା ମାଧ୍ୟମରେ ପିଢ଼ି ପିଢ଼ି ଧରି ଚାଲି ଆସିଛି । ଆଦିବାସୀମାନେ ଆଦିକାଳରୁ ପ୍ରକୃତିକୁ ଦେବତା ଭାବେ ପୂଜା କରିଆସୁଛନ୍ତି। ଫୁଲ (ପୁଷ୍ପ) କୁ ସେମାନେ ଜୀବନ, ସୌନ୍ଦର୍ଯ୍ୟ ଓ ସମୃଦ୍ଧିର ପ୍ରତୀକ ଭାବେ ଦେଖନ୍ତି । ପ୍ରକୃତି ଖୁସି ହେଲେ ମାନବ ଜୀବନ ସୁଖୀ ହୁଏ । କୃଷି ସହିତ ସମ୍ପର୍କ - ପୁଷ୍ପୁନି ପର୍ବ ନୂଆ । କୃଷି ଋତୁ ଆରମ୍ଭର ପ୍ରତୀକ । ଭଲ ଫସଲ ପାଇଁ ଧରଣୀ ମାଆଙ୍କୁ ପୂଜା କରାଯାଏ । ଜଙ୍ଗଲ, ପାହାଡ଼, ନଦୀ, ଗଛ ଓ ଫୁଲ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ଏହାର ଉଦ୍ଦେଶ୍ୟ । ସାମାଜିକ ଏକତା ଭାବେ ସମସ୍ତ ଗାଁବାସୀ ଏକାଠି ହୋଇ ନୃତ୍ୟ, ସଙ୍ଗୀତ ଓ ଭୋଜନ କରନ୍ତି। ଛେର୍ ଛେରା ଧ୍ୱନୀ ସହ ଆଦିବାସି ନୃତ୍ୟ, ଢୋଲ, ମାଦଳ, ତାମକ ଆଦି ବାଦ୍ୟରେ ନିଜ ସଂସ୍କୃତିକୁ ସଜୀବ ରଖିବା ପାଇଁ ଗାଁର ଯୁବକ-ଯୁବତୀମାନେ ରଙ୍ଗୀନ ପୋଷାକ ପିନ୍ଧି ପାରମ୍ପରିକ ନୃତ୍ୟ କରନ୍ତି । ଫୁଲ, ପତ୍ର, ଧାନ, ମହୁଆ। ଓ ଦେଶୀ ଖାଦ୍ୟ ଦ୍ୱାରାପୂଜା ଛେର .... ଛେରା ଧ୍ୱନି ସହ ଦେବତାଙ୍କୁ ଧନ୍ୟବାଦ ଓ ଆଗାମୀ ଦିନ ପାଇଁ ଆଶୀର୍ବାଦ ପ୍ରାର୍ଥନା କରନ୍ତି । ଏହାକୁ ଉଜ୍ଜୀବିତ ରଖିବା ପାଇଁ ପ୍ରସ୍ତୁତ ହେଉଥିବା ଏହି ପୁଷ ପୁନେଇ କାର୍ଯ୍ୟକ୍ରମ ନବରଙ୍ଗପୁର ର ପ୍ରଭୁ ଜଗନ୍ନାଥ ଓ ଅଧିଷ୍ଠାତ୍ରୀ ଦେବୀ ମା ଭଣ୍ଡାରଘରଣୀ ଙ୍କ ପିଠରୁ ଆଜ୍ଞା । ମାଳ ନେଇ ମା ଙ୍କ ପ୍ରତୀକ ଲାଠି ଗାଦି ସହ କିଏ ଡକ୍ଟର ତ କିଏ ଇଞ୍ଜିନିୟର, କିଏ ରାଜନେତା ତ କିଏ ପୋଲିସ ସମସ୍ତେ ନିଜ ନିଜ ପଦ ରୁ କିଛି ମୁହୂର୍ତ୍ତ ପାଇଁ ବାହାରି ବିଭିନ୍ନ ବେଶ ଭୁଷା ରେ ସଜ୍ଜିତ ହୋଇ ସାଂସ୍କୃତିକ ଦଳ ରେ ସାମିଲ ହୋଇଥିଲେ । ଏବଂ ସ୍ଥାନୀୟ ପୋଲିସ ପଡିଆ। ରେ ଥିବା ମଞ୍ଚ ନିକଟରେ ପହଞ୍ଚି କାର୍ଯ୍ୟକ୍ରମ ଶେଷ ହୋଇଥିଲା । ସନ୍ଧ୍ୟାରେ ଅନୁଷ୍ଠିତ ହେଉଥିବା ଏହି ମଞ୍ଚ କାର୍ଯ୍ୟକ୍ରମ ରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ରାଜ୍ୟ ସଭା ସାଂସଦ ମୁନ୍ନା ଖାଁ, ଜିଲ୍ଲା ପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ଙ୍କ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁଷ ପୁନି ପର୍ବ ର ଉଦ୍ଧେଷ୍ୟ ସମ୍ପର୍କ ରେ ଆଲୋକପାତ କରିଥିଲେ । ଏହାପରେ କଳାକାର ମାନେ ବିଭିନ୍ନ ଅବିଭକ୍ତ କୋରାପୁଟ ଜିଲ୍ଲାର ଆଦିବାସୀ ନୃତ୍ୟ ସଙ୍ଗୀତ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । କଳାକାର ମାନେ ନିଜ ନିଜ କଳା ପ୍ରଦର୍ଶିତ କରିଥିଲେ । ଆଗାମୀ ଦୁଇ ଦିନ ବିଭିନ୍ନ ଆଦିବାସୀ ନୃତ୍ୟ ସଙ୍ଗୀତ କାର୍ଯ୍ୟକ୍ରମ ରେ ଏହି ସାଂସ୍କୃତିକ ମଞ୍ଚ ଦୁଲୁକିବ ।

## ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ୨୦୨୫-୨୬

ଅନୁଗୋଳ,୫।୧:(ମନ୍ଥନ)ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ (ଡ଼ଝଉଇ) ଆନୁକୁଲ୍ୟରେଜିଲ୍ଲା ପ୍ରଶାସନ ଅନୁଗୋଳ ଏବଂ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ, ଅନୁଗୋଳରମିଳିତ ସହଯୋଗରେ ଆସନ୍ତା ୭ ତାରିଖରେ ଏକ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା, ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ହେବ । ଏହି ନିଯୁକ୍ତି ମେଳାରେ ଅନୁଗୋଳ ଜିଲ୍ଲାରସମସ୍ତ ବ୍ଲକ୍ ଓ ସହାରାଞ୍ଚଳର ୧୮ରୁ ୩୫ ବର୍ଷ ବୟସ୍କ ୫ମ ଶ୍ରେଣୀ ଠାରୁ ସ୍ନାତକ, ଆଇ.ଟି.ଆଇଏବଂ ଡିପ୍ଲୋମା ପାସ୍ ଇଚ୍ଛୁକ ପ୍ରାର୍ଥୀମାନେ ଅଂଶଗ୍ରହଣ କରିବା ସହ ଦକ୍ଷତା ବିକାଶ ତାଲିମ ପାଇଁଆବେଦନ କରିପାରିବେ । ଏହି ନିଯୁକ୍ତି ମେଳାରେ ଜିଲ୍ଲା, ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନନିଯୁକ୍ତି ପ୍ରଦାନକାରି ଘରୋଇ ସଂସ୍ଥାଗୁଡିକର ନିଯୁକ୍ତି ଦାତା ଓ ଦକ୍ଷତା ବିକାଶ ତାଲିମ ପ୍ରଦାନକାରିସଂସ୍ଥାମାନେ ଯୋଗ ଦେବାର ବ୍ୟବସ୍ଥା କରାଯାଇଅଛି । ଏତଦ ବ୍ୟତୀତ ଅନୁଗୋଳ ଆଖପାଖରେଗଢି ଉଠିଥିବା ଶିକ୍ଷାନୁଷ୍ଠାନମାନଙ୍କରେ ଥିବା ଭେଣ୍ଡରଗୁଡିକ ଦ୍ୱାରା ପରୋକ୍ଷ ନିଯୁକ୍ତି ସୁଯୋଗପ୍ରଦାନ କରାଯିବ । ଇଚ୍ଛୁକ ପ୍ରାର୍ଥୀମାନେ ନିଜର ସମସ୍ତ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, ଆଧାରକାର୍ଡ ଓ ପାସପୋର୍ଟ ଫଟୋ ସହିତ ଉକ୍ତ ନିଯୁକ୍ତି ମେଳାରେ ନିର୍ଦ୍ଧାରିତ ତାରିଖରେ ସକାଳ ୧୦ଘଟିକା ଠାରୁ ଅପରାହ୍ନ ୩ ଘଟିକା ମଧ୍ୟରେ ଯୋଗ ଦେଇ ନିଯୁକ୍ତ ତଥା ଦକ୍ଷତା ବିକାଶ ତାଲିମରସୁଯୋଗ ନେଇ ପାରିବେ ।

## ଜିଲ୍ଲା ସ୍ତରୀୟ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ

ଅନୁଗୋଳ,୫।୧:(ମନ୍ଥନ)ଆଜି ଜିଲ୍ଲାପାଳ ଶ୍ରୀ ଅବଦାଲ୍ ମୁହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେ ତାଳଚେର ପଞ୍ଚାୟତ ସମିତି ସଭାଗୃହ ଠାରେ ଜିଲ୍ଲା ସ୍ତରୀୟ ମିଳିତଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।



ଜନଶୁଣାଣି ଶିବିରରେ ସମୁଦାୟ ୪୯ଟିଅଭିଯୋଗ ଗ୍ରହଣ କରାଯାଇଥିଲା ।ସେଥିମଧ୍ୟରୁ ୩୧ଟି ବ୍ୟକ୍ତିଗତ ଓ ୧୮ଟି ଗ୍ରାମ୍ୟଭିତ୍ତିକଅଭିଯୋଗର ଶୁଣାଣି ହୋଇଥିବାବେଳେ ୬ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥାକାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଦେବଦତ୍ତ ମହନ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଡ.ମଦନ ମୋହନ ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ରାଜିବ ଲୋଚନ ପଣ୍ଡା, ତାଳଚେରତହସିଲଦାର ଆଲଫା ଜେନା, ତାଳଚେର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ସୁଶାନ୍ତ କୁମାରବରାଳ, ସହକାରୀ ଜିଲ୍ଲାପାଳ ଶ୍ରୀ ସଞ୍ଜୟ କୁମାର ଭୋଇ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ନିରଞ୍ଜନସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ଦିଲ୍ଲିପ କୁମାର ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀଶ୍ରୀନିବାସ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଉପ- ନିର୍ଦ୍ଦେଶକଉଦ୍ୟାନ ଶ୍ରୀ ଅମ୍ବର ଲୁଗୁନ୍, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ଉମା ଶଙ୍କର ମିଶ୍ର, ଜିଲ୍ଲାସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ନାରାୟଣ ମହାପାତ୍ରଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଓବ୍ଲକ୍ ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଏହି ଶିବିରକୁ ଆସିଥିବା ଲୋକମାନେଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ ।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ମାଲକାନଗିରି,୫।୧:(ମନ୍ଥନ)ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଏଫଏଲସି ହଲ୍ ଠାରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଅଭିଯୋଗ ଗୁଡ଼ିକର ଶୁଣାଣୀ କରିଥିବା ବେଳେ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍, ଉପ ଜିଲ୍ଲାପାଳ ଅଶ୍ୱିନ ଏଏଲ ଓ ବନଖଣ୍ଡ ଅଧିକାରୀ ସାଇ କିରଣ ଉପସ୍ଥିତ ଥିଲେ । ସମୁଦାୟ ୨୨ ଟି ଅଭିଯୋଗ ର ଶୁଣାଣୀ କରିଥିଲେ ଜିଲ୍ଲାପାଳ । ତନ୍ମଧ୍ୟରୁ ୨୦ ଟି ବ୍ୟକ୍ତିଗତ ଓ ୨ ଟି ଗ୍ରାମ୍ୟ ସମସ୍ୟା ରହିଥିଲା । ଦୁଇଁ ଗୋଟି ବ୍ୟକ୍ତିଗତ ଅଭିଯୋଗକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି । ଏହି ଶିବିରରେ ଆବାସ, ବାର୍ଦ୍ଧକ୍ୟ ଭତ୍ତା, ବିଦ୍ୟାଳୟ ଭିତ୍ତିଭୂମି ସମ୍ବନ୍ଧୀୟ ଅଭିଯୋଗର ଶୁଣାଣୀ ହୋଇଥଲା । ଅଭିଯୋଗ ଶୁଣାଣୀ ପରେ ଜିଲ୍ଲାପାଳ ଓ ସମସ୍ତ ଅଧିକାରୀ ସଦର ମହକୁମା ସ୍ଥିତ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନରେ ଯାଇ ମଧ୍ୟାହ୍ନ ଭୋଜନ ର ମାନ ପରଖିଛନ୍ତି । ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଡିଓ ଓ ତହସିଲଦାର ମାନେ ଉପସ୍ଥିତ ଥିଲେ ।

## ଦୂରାବସ୍ଥାରେ ଗୋଲିଆ ଗାଁ ଛକ ନିକଟସ୍ଥ ନଳକୂପ, ପ୍ରତିକାର ଦାବି

ବୁଗୁଡ଼ା,୫।୧:(ମନ୍ଥନ)ବୁଗୁଡା ବ୍ଲକର ଗୋଲିଆ। ଗାଁ ଛକରୁ ବାଦୁଆ। ଗ୍ରାମ ଅଭିମୁଖେ ଲମ୍ବିଥିବା ନବ ନିର୍ମିତ ରାସ୍ତା କଡସ୍ଥ ଏକ ନଳକୂପ ଦୂରାବସ୍ଥାରେ ଥିବା ଦେଖିବାକୁ ମିଳିଛିୟ ନଳକୂପଟିର ଏଭଳି ଅବସ୍ଥା ପାଇଁ ରାସ୍ତା ନିର୍ମାଣ କରିଥିବା ଗୀତାଲକ୍ଷ୍ମୀ କନଷ୍ଟ୍ରକସନ ସଂସ୍ଥାକୁ ଲୋକେ ଦାୟୀ କରୁଥିବା ଜଣାଯାଇଛି ।



ପ୍ରକାଶ ଯେ, ପୂର୍ବରୁ ଏହି ନଳକୂପଟି ଲୋକଙ୍କ କାମରେ ଆସୁଥିଲା । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ନିର୍ମାଣ ବେଳେ ନଳକୂପଟିକୁ ମାଟିରେ ପୋତି ହୋଇଯାଇଥିବାରୁ ମାଠିଆ। କିମ୍ବା ବାଲଟିରେ ପାଣି ଧରିବା ସମ୍ଭବ ହେଉନାହିଁ । ଅନ୍ୟପକ୍ଷରେ ନଳକୂପ ଜାଗାଟି କାଦ ପଚପଚ ଅବସ୍ଥାରେ ରହୁଛି । ପୂର୍ବରୁ ଲୋକେ ସେହି ନଳକୂପରୁ ପାଣି ନେଇ ରୋଷେଇ ସହିତ ଅନ୍ୟାନ୍ୟ କାମରେ ବ୍ୟବହାର କରୁଥିଲା ବେଳେ ଏବେ ଆଉ ଲୋକଙ୍କ ସେହି କାମରେ ଲାଗୁନଥିବାରୁ ଅସନ୍ତୋଷ ଦେଖା ଦେଇଛି । ଏଣୁ, ଉକ୍ତ ସମସ୍ୟାର ତୁରନ୍ତ ପ୍ରତିକାର ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି । ତେବେ ଏ ନେଇ ଆରଡବ୍ଲୁଏସଏସ ସହକାରୀ ଯନ୍ତ୍ରୀ ରାମା ରାଓଙ୍କୁ ପଚାରିବାରୁ ଯଥାଶୀଘ୍ର ଏହାର ପ୍ରତିକାର ବ୍ୟବସ୍ଥା କରାଯିବ ବୋଲି ସେ ମତବ୍ୟକ୍ତ କରିଛନ୍ତି ।

## ସଂସ୍କୃତି ଓ ପରମ୍ପରାକୁ ବଞ୍ଚେଇବା ସହ ନୂତନ ପିଢୀର ଢୋଲିଆ ସୃଷ୍ଟି ପାଇଁ ପ୍ରୟାସ - ସଭାପତି

ବ୍ରହ୍ମପୁର,୫।୧:(ମନ୍ଥନ)ସ୍ଥାନୀୟ ଉତ୍କଳ ଆଶ୍ରମ ରୋଡ଼ ସ୍ଥିତ ଗଞ୍ଜାମ କଳା ପରିଷଦ କବିସୂର୍ଯ୍ୟ ରଙ୍ଗ ମଞ୍ଚ ଠାରେ ମା ଦଣ୍ଡକାଳୀ ଗଞ୍ଜାମ ଜିଲ୍ଲା ଢୋଲିଆ। ମହାସଂଘର ଦ୍ୱିତୀୟ ବାର୍ଷିକ ଉତ୍ସବ ରବିବାର ଅପରାହ୍ନରେ ପାଳନ କରାଯାଇଛି । ମହାସଂଘର ସଭାପତି ଲୋକନାଥ ସାମନ୍ତରାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ପରିବହନ ମନ୍ତ୍ରୀ ଶ୍ରୀଯୁକ୍ତ ବିଭୁତି ଭୂଷଣ ଜେନା ଯୋଗଦାନ କରିଥିବା ବେଳେ, ସମ୍ମାନିତ ଅତିଥି ଭାବେ ବିଧାୟକ ବ୍ରହ୍ମପୁର କେ ଅନିଲ କୁମାର, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀମତୀ ଆଦିତ୍ୟ ଆଚାର୍ଯ୍ୟ, ବିଜେପି ରାଷ୍ଟ୍ରୀୟ ପରିଷଦ ସଦସ୍ୟ କାହ୍ନୁ ଚରଣ ପତି, ଗଜପତି ଜିଲ୍ଲା ପ୍ରାକ୍ତନ ଆରକ୍ଷୀ ଅଧିକାରୀ ଜୟରାମ ଶତପଥୀ, ସାମ୍ବାଦିକ ସୁଦୀପ



ସାହୁ, ଜିଲ୍ଲା ଦଣ୍ଡନାଟ ସଭାପତି ବ୍ରଜ ସୁନ୍ଦର ମଲ୍ଲିକ, ପ୍ରାକ୍ତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସୁରଥ ପ୍ରଧାନ, ସମାଜସେବୀ ବାବୁ ଗୌଡ ପ୍ରମୁଖ ଯୋଗଦେଇ ମଞ୍ଚାସୀନ ରହିଥିଲେ । ଏହି ପରିପ୍ରେକ୍ଷୀରେ ସଭାପତି ଶ୍ରୀ ସାମନ୍ତରାୟ ପ୍ରାରମ୍ଭିକ ସୂଚନା ପ୍ରଦାନ ପୂର୍ବକ ଆଧୁନିକତାର ଛାପରେ ଧୀରେ ଧୀରେ ଲୋପ ପାଇଯାଉ ଥିବା ଆମ ସଂସ୍କୃତି ଆଉ ପରମ୍ପରାକୁ ବଞ୍ଚେଇ ରଖୁବା ପାଇଁ କେତେକ ଅହରହ ଚେଷ୍ଟା କରୁଥିବା ବେଳେ, କେଉଁଠି ନା କେଉଁଠି ଉପଯୁକ୍ତ ଭିତ୍ତିଭୂମିର ଅଭାବ ତ ପୁଣି ଆଉ କୋଉଠି ସରକାରୀ ଉଦାସୀନତା ମୁଖ୍ୟ କାରଣ ରହିଛି । ଏଣୁ ଏପରି ଘଡିସନ୍ଧି ମୁହୂର୍ତ୍ତରେ ନିଜ ପରମ୍ପରାକୁ ବଞ୍ଚେଇବା ସହ ନୂଆଁ ଢୋଲିଆ। ସୃଷ୍ଟି କରିବାର ଉଦ୍ଦେଶ୍ୟରେ ଏହି ମହାସଂଘ ଗଠନ ହୋଇଥିବା ବକ୍ତବ୍ୟ ରଖିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଢୋଲ ଶବ୍ଦରେ ପ୍ରକମ୍ପିତ ହୋଇଥିବା ବେଳେ ଚଢେୟା ଚଢ଼େୟାଣୀ ନୃତ୍ୟ, ଶିବ ପାର୍ବତୀ ନୃତ୍ୟ, ଗାହଣୀ ଗଣ୍ଡି, ରଣପା ଆଦି ପାରମ୍ପରିକ ନୃତ୍ୟ ସହ ଓଡ଼ିଶୀ ପରି ଅନନ୍ୟ ନୃତ୍ୟ ଆଦି ପରିବେଷଣ ହୋଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଏହି ଅବସରରେ ମାନ୍ୟବର ମନ୍ତ୍ରୀଙ୍କ ଦ୍ୱାରା ଢୋଲଗୁରୁ ସ୍ୱର୍ଗତ ବାଞ୍ଛାନିଧି ଘଡେଇ ଗୁରୁ ବିଶ୍ୱ ନାୟକ, ଗୁରୁ ଜଗନ୍ନାଥ ଦାସ, ଗୁରୁ ମିଟିକ ନାୟକ, ଗୁରୁ ଖଲି ଦାସ, ଗୁରୁ ସୀମାଞ୍ଚଳ ଜେନା, ଗୁରୁ ଜେ. ଶ୍ରୀନୁ ଏବଂ ଗୁରୁ ସି ଏଚ୍. ଚନ୍ଦ୍ର ଶେଖର ରାଓଙ୍କୁ ସଂଘ ତରଫରୁ ସର୍ବଶ୍ରେଷ୍ଠ ବାଦ୍ୟ ଗୁରୁ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଉକ୍ତ ସଭାକାର୍ଯ୍ୟକୁ ଜିଲ୍ଲା ଯାତ୍ରା ନିର୍ଦ୍ଦେଶକ ଟୁଟୁ ପାଢୀ ସଭା ସଂଚାଳନ କରିଥିବା ବେଳେ, ମହାସଂଘର ଉପ ସଭାପତି ତାରା ପ୍ରସାଦ ଦାଶ, ସମ୍ପାଦକ ଖଲି ଦାସ, ସହ ସମ୍ପାଦକ ରଞ୍ଜନ ଦାସ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ । ସଂଘର ଅନ୍ୟ ବହୁ ସଦସ୍ୟ ମାନେ ପରିଚାଳନରେ ସହଯୋଗ କରିବା ସହ ଜିଲ୍ଲାର ଶତାଧିକ ଢୋଲିଆ। ମାନଙ୍କ ସମାଗମ ରହିଥିବା ବେଳେ, କାର୍ଯ୍ୟକ୍ରମ ଶେଷରେ ନାଟ୍ୟ ନିର୍ଦ୍ଦେଶକ କୃଷ୍ଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଖଡ଼ିଆଙ୍କ ଦୁଃଖ ଦେଖି ସହିପାରିଲେନି ମନ୍ତ୍ରୀ, ଯୋଗାଇ ଦେଲେ ୧୭ ପକ୍କା ଘର

ମୋରଡ଼ା,୫।୧:(ମନ୍ଥନ)ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ ଫାନିଆ। ପଞ୍ଚାୟତ ସାଲସାହି ଗ୍ରାମର ସୁବର୍ଣ୍ଣରେଖା କେନାଲ କଡରେ ବସବାସ କରୁଥିବା ଆଦିମ ଜନଜାତି ଖଡିଆ। ସମ୍ପ୍ରଦାୟ ଅତି ଦୟନୀୟ ଭାବେ ଜରିତଳେ ଜୀବନ ଯାପନ କରୁଛନ୍ତି । ମୁଣ୍ଡ ଗୁଞ୍ଜିବାକୁ ଘର ନାହିଁ କି ଅନ୍ଧକାରକୁ ଦୂର୍ କରିବାପାଇଁ ବିଜୁଳି ।ଗୃହ ଓ ନଗର ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ସାଲସାହିର ଖଡ଼ିଆ। ସାହିରେ ପହଞ୍ଚି ଗୋଟିଏ ଗୋଟିଏ ଘରକୁ ଯାଇ ଦେଖିଥିଲେ ଓ ଦୁଃଖ ପ୍ରକାଶ କରିଥିଲେ,



୨୪ବର୍ଷ ପୂର୍ବ ସରକାରରେ କିପରି ଜନଜାତି ଲୋକ ଆବାସ ଯୋଜନା ଓ ମୌଳିକ ସୁବିଧାରୁ ବାଦପଡ଼ିଲେ ଏବଂ ସେହି ଲୋକମାନଙ୍କୁ ଆସ୍ୟାସନା ଓ ପ୍ରତିଶୃତି ଦେଇଥିଲେ ଖୁବ୍ ଶୀଘ୍ର ପକ୍କାଘର ଯୋଗାଇଦେବେ । ଏକ ମାସପରେ ପ୍ରତିଶୃତି ପାଳନ କରିଛନ୍ତି ମନ୍ତ୍ରୀ ଆଜି ୧୭ ଜନଜାତି ପରିବାର ପାଇଁ ପକ୍କାଘରର ଭୂମି ପୂଜନ କରିଛନ୍ତି । ଏଚଆରଡିଏସ୍ ଇଣ୍ଡିଆ। ସେଚ୍ଛାସେବୀ ଅନୁଷ୍ଠାନ ସହିତ ଯୋଗାଯୋଗ କରି ମନ୍ତ୍ରୀ ଜନଜାତିଙ୍କୁ ଘର ଯୋଗାଇ ଦେବାସହ ଆନ୍ୟାନ ମୌଳିକ ସୁବିଧା ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତିୟ ୧୭ପରିବାରକୁ ପଟ୍ଟା ମଧ୍ୟ ପ୍ରଦାନ କରିଛନ୍ତି । ବହୁ ଦିନର ପକ୍କା ଘର ସ୍ୱପ୍ନ ସାକାର ହେବାକୁ ଯାଉଛିୟ ଖଡିଆ। ସମ୍ପ୍ରଦାୟ ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହେବେ ।

## ଅଳପୁଆରେ +୨ କଲେଜ ଖୋଲିବା ପାଇଁ ଦାବି ଜୋର ଧରିଲା

ପଟ୍ଟାମୁଣ୍ଡାଇ,୫।୧:(ମନ୍ଥନ)ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ। ଠାରେ +୨ କଲେଜ ଖୋଲିବା ପାଇଁ ଦୀର୍ଘଦିନ ହେବ ଅଂଚଳବାସୀ ଦାବୀ କରିଆସୁଛନ୍ତି । ମାତ୍ର ସରକାରୀ ସ୍ତରରେ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ । ଅଳପୁଆ। ନୋଡାଲ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାବେଳେ ଏହାର ଅଧିକ ବିକାଶ ଆବଶ୍ୟକ ଓ ଅଳପୁଆ। ପଂଚାୟତର ପିଲାମାନେ ପ୍ରଚଣ୍ଡ ଖରା ଓ ବର୍ଷା ଏପରିକି ବନ୍ୟା ସମୟରେ ପ୍ରାୟ ୮/୧୦ ଦୂର ଦାଣ୍ଡିସାହି ଓ କାଶୀନାଥ କଲେଜକୁ ପାଠ ପଢିବା ପାଇଁ ବହୁ କଷ୍ଟରେ ଯିବାକୁ ବାଧ୍ୟ ହେଉଛନ୍ତି । ଯାହାକି ପାଠ ପଢିବା ପାଇଁ ମାନସିକ ସ୍ତରରେ ପିଲାମାନେ ପ୍ରଭାବିତ ହେଉଛନ୍ତି । ଅଳପୁଆ। ନୋଡାଲ ହାଇସ୍କୁଲରେ +୨ କଲେଜ ଖୋଲିବା ପାଇଁ ସରକାରୀ ସ୍ତରରେ ଉପଯୁକ୍ତ ପଦକ୍ଷେପ ନେବାକୁ ବରିଷ୍ଠ ନାଗରିକ ସମନ୍ୱୟ ସମିତି ପକ୍ଷରୁ କେନ୍ଦ୍ରାପଡ଼ା ବିଧାୟକଙ୍କ ନିକଟରେ ଦାବୀ କରାଯାଇଛି । ନିକଟରେ ସମନ୍ୱୟ ସମିତି ପକ୍ଷରୁ ବରିଷ୍ଠ ସମାଜସେବୀ ଗଗନ ମହାଳିକ ବିଭୁତିଭୂଷଣ ପଟନାୟକ,ଦାମୋଦର ଧଳ, ଜିଲ୍ଲା ପରିଷଦ ସଦସ୍ୟା ପ୍ରିୟଦର୍ଶନୀ ତରାଇ, ଅଳପୁଆ। ସରପଞ୍ଚ ପଦ୍ମିନୀ ବେହେରା, ସମିତି ସଭ୍ୟ ରାମ ଚନ୍ଦ୍ର ସେଠୀ,ତରଡ଼ିପାଳ ସରପଞ୍ଚ ଦେବବ୍ରତ ନାୟକ, ସମିତି ସଭ୍ୟ ନିରଞ୍ଜନ ବାରିକ, ସୁକାନ୍ତ ରାଉତ,କିଶୋର ରାଉତ,ଶିକ୍ଷାବିତ ଅଶୋକ ନାୟକ,ଜିଲ୍ଲା ପରିଷଦ ସଦସ୍ୟ ନାରଦ ବିଶ୍ୱାଳଓ ସରୋଜିନୀ ଦାସ ପୂର୍ବତନ ସରପଞ୍ଚ ରବୀନ୍ଦ୍ର ଧଳ, ଜାନକୀ ବିଶ୍ୱାଳ, ରମେଶ ଦାସ,କିଶୋର ବେହେରା,ପୂର୍ବତନ ସମିତିସଭ୍ୟ ଅକ୍ଷୟ ରାଉତ, ଚନ୍ଦନ ସାହୁ,ଡମ୍ବରୁଧର ବିଶ୍ୱାଳ, ଦିଲ୍ଲିପ ବିଶ୍ୱାଳ, ସରୋଜ ଦାସ,କୈବଲ୍ୟ ପରିଡା, ଦେବାଶିଷ ଧଳ ପ୍ରମୁଖଙ୍କ ସ୍ୱାକ୍ଷର ସମ୍ବଳିତ ଏକ ଦାବୀପତ୍ର ଗଣ ଶିକ୍ଷା ବିଭାଗ ମନ୍ତ୍ରୀ, ସଚିବ, ନିର୍ଦ୍ଦେଶକ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲାପାଳ କେନ୍ଦ୍ରାପଡ଼ା ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି ଓ ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ହେଉଛି ।

## ରତ୍ନାକର ବାଗ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ର ଦ୍ୱିତୀୟ ଦିବସ

ବଙ୍ଗୋମୁଣ୍ଡା,୫।୧:(ମନ୍ଥନ)ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ କପିଳାଭଟା ଓ ତାଳଭଟା ଗ୍ରାମର ମିଳିତ ଆନୁକୂଲ୍ୟରେ ରେ ଚାଲିଥିବା ତୃତୀୟ ତମ ରତ୍ନାକର ବାଗ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜି ଦ୍ୱିତୀୟ ଦିବସ ରେ ପହଞ୍ଚିଛି । ଆୟୋଜକ କମିଟି ର ସଭାପତି ହୁଲେଶ୍ୱର ହଂସ ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ପରମେଶ୍ୱର ମହାନନ୍ଦ, ସମ୍ମାନୀୟ ଅତିଥି ଭାବେ ପୂର୍ବତନ ସମିତି ସଭ୍ୟ ମଧୁସୂଦନ ସାହୁ,ସମାଜସେବୀ ଭୁରିଶ୍ରବା ବିଶି, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ନୀଳମଣି ବିଶି,ତାଳଭଟା ଗଉନ୍ତିଆ। ବୃନ୍ଦାବନ ବେହେରା,ପୂର୍ବତନ ଫୁଟବଲ ଖେଳାଳି କୁଞ୍ଜବିହାରି ବେହେରା, ଲମ୍ବୋଦର ବେହେରା, ଧବଳେଶ୍ୱର ବେହେରା, ସମାଜକର୍ମୀ ଦେବରାଜ ମହାନନ୍ଦ,ଶିକ୍ଷକ କଳାକୃଷ୍ଣ ବିଶି, ଭାଲୁମୁଣ୍ଡା ସମ୍ବାଦ ଖବର କାଗଜ ପ୍ରତିନିଧି ରାଧେଶ୍ୟାମ ମେହେର, ଯୁବ ସ୍ୱେଚ୍ଛାସେବୀ ରିଙ୍କୁ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଦ୍ୱିତୀୟ ଦିବସ ମ୍ୟାଚ ରେ ତେତେଲପଡା ଓ ବଙ୍କାପୁର ଦଳ ମଧ୍ୟରେ



ଖେଳ ହୋଇଥିଲା । ଏଥିରେ ବଙ୍କାପୁର କୁ ୨-୦ ଗୋଲ ରେ ପରାସ୍ତ କରି ତେତେଲପଡା ଦଳ ବିଜୟୀ ହୋଇଥିଲା । ରେଫରୀ ନିତେଶ ମାଝୀ ଖେଳ ପରିଚାଳନା କରିଥିବା ବେଳେ ଲାଇନ ରେ ବୈଷ୍ଣବ ତାଣ୍ଡି ଓ ନବୀନ ସରାଫ ସହଯୋଗ କରିଥିଲେ । ପରମାନନ୍ଦ ଛତ୍ରିଆ। ଧାରା ବିବରଣୀ ପ୍ରଦାନ କରିଥିଲେ । ଆୟୋଜକ କମିଟି ର ସଂଯୋଜକ ରାହୁଲ ବାଗ,ଉପସଭାପତି ତ୍ରିବିକ୍ରମ ବେହେରା, ସମ୍ପାଦକ ଆଶିଷ ବେହେରା, ସହ ସମ୍ପାଦକ ଗିରିଶ ଅଦା, କୋଷାଧ୍ୟକ୍ଷ ପ୍ରିୟରଞ୍ଜନ ହଂସ, ଉପଦେଷ୍ଟା ଅଶୋକ କୁମାର ବିଶି,କେଦାର ଭୋଇ,ସଦସ୍ୟ ଜିତେନ୍ଦ୍ର ହଂସ, ନରେନ୍ଦ୍ର ପୁଞ୍ଜି, ଅଭିଷେକ ହଂସ, ନିତ୍ୟା ହଂସ,ବିକାଶ ହଂସ,ସୁନୀଲ କୁମାର ବିଶି ସହ ବହୁ ସଦସ୍ୟ ମାନେ ସହଯୋଗ କରିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କ୍ରୀଡା ପ୍ରତିଯୋଗିତା ଉଦଯାପିତ

କେନ୍ଦ୍ରାପଡ଼ା,୫।୧:(ମନ୍ଥନ) କେନ୍ଦ୍ରାପଡା ଶିକ୍ଷା ବିକାଶ ସମିତି ଅଧିନରେ କେନ୍ଦ୍ରାପଡ଼ା ସଂକୁଳର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଡେରାବିଶ ବ୍ଲକ ଅନ୍ତର୍ଗତ ତିଲଙ୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏଗାର ଗୋଟି ଶିଶୁବିଦ୍ୟାମନ୍ଦିରରୁ ଦୁଇଶହ ଭାଇଭଉଣୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ମୁଖ୍ୟଅତିଥି ଶିବ ପ୍ରସାଦ ରାଉତ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଧ୍ୱଜା ଉତ୍ତୋଳନ କରି କ୍ରୀଡା ପ୍ରତିଯୋଗିତାର ଶୁଭ ଉଦଘାଟନ କରିଥିଲେ । ଏହାପରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ର ନାଥ ଶତପଥୀ, ମୁଖ୍ୟବକ୍ତା ଭାବେ ସଂକୁଳ ପ୍ରମୁଖ ବଳରାମ କର, ସଂଯୋଜକ ମନୋଜ କୁମାର ରାଉତ ଓ ଶିଶୁମନ୍ଦିର ସମ୍ପାଦକ ବିପିନ ବିହାରୀ ଖଟୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ସଭା ମଣ୍ଡନ କରିଥିଲେ । କ୍ରୀଡା ବୃତ୍ତ ପଠନ ପରେ ଅତିଥିମାନଙ୍କ ଦ୍ୱାରା କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଶେଷରେ ଧ୍ୱଜା ଅବତରଣ ପରେ ଧନ୍ୟବାଦ ଅର୍ପଣ ଓ ବନ୍ଦେ ମାତରଂ ଗାନ କରାଯାଇ କାର୍ଯ୍ୟକ୍ରମ ସମାପନ କରାଯାଇଥିଲା ।

## ଲାଲବାହାଦୂର ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁପୂଜନ

କେନ୍ଦ୍ରାପଡ଼ା,୫।୧:(ମନ୍ଥନ)କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମପଞ୍ଚାୟତର ମେହେନ୍ଦିପୁର ସ୍ଥିତ ଲାଲବାହାଦୂର ସରକାରୀ ଉଚ୍ଚ ବିଦ୍ୟାଳୟରରେ ଗୁରୁପୂଜନ କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ଶିକ୍ଷକ ଅକ୍ଷୟ କୁମାର ଦାଶ, ରବୀନ୍ଦ୍ର କୁମାର ପରିଡା, ପ୍ରେମାନନ୍ଦ ଷଡଙ୍ଗୀ, ମଧୁସୁଦନ ନାଥ, କ୍ଷୀରୋଦ ଚନ୍ଦ୍ର ସାମଲ, ପ୍ରଭାତୀ ବିଶ୍ୱାଳ, ଭ୍ରମରବର ରାଉତ, ଭାବଗ୍ରାହୀ ନନ୍ଦ ପ୍ରମୁଖଙ୍କୁ ଛାତ୍ରଛାତ୍ରୀମାନେ ପୂଜା କରିବା ସହ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ଜଗତଜନନୀ ବିଶ୍ୱରୂପା ମା' କାଳୀଙ୍କୁ ପୂଜାର୍ଚ୍ଚନା କରାଯିବା ପରେ ବିଦ୍ୟାଳୟ ପରିସରରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀ ଓ ପ୍ରତିଷ୍ଠାତା ସ୍ୱର୍ଗତ ଗୋକୁଳ ଚନ୍ଦ୍ର ବିଶ୍ୱାଳଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଏହାପରେ ଦିବଙ୍ଗତ ଶିକ୍ଷକ,




ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପୂର୍ବତନ, ବର୍ତ୍ତମାନର ଶିକ୍ଷକ/ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ବକ୍ତବ୍ୟ ପ୍ରଦାନ କରି ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି କାମନା କରିଥିଲେ। ବିଦ୍ୟାଳୟର କୁନିକୁନି ଛାତ୍ରୀମାନେ ସମବେତ ସଂଗୀତ ଗାନ କରି ସଭାସ୍ଥଳକୁ ବେଶ ମନ୍ତ୍ରମୁଗ୍ଧ କରିଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ୧୯୮୭ବ୍ୟାଚର ଛାତ୍ରଛାତ୍ରୀମାନେ ସୁସଂଗଠିତ ଭାବେ ପରିଚାଳନା କରିଥିଲେ। ଶେଷରେ ଶାରଦା ପ୍ରସନ୍ନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## କୋଶଲ ମା ମାଟିର ଲାଗି ମୁଠେ ଛେରଛେରା ମାଗିଲା କେଏମଏମ

ବଲାଙ୍ଗୀର,୫।୧:(ମନ୍ଥନ)ପଶ୍ଚିମ ଓଡ଼ିଶାର ବଡ଼ ତିହାର ଭିତରେ ଅନ୍ୟତମ ତିହାର ହେଲା ପୁଷପୁନି ଇ ତିହାର କୃଷିଭିତ୍ତିକ ଆରୁ ସଭ୍ୟତା ଭିତ୍ତିକ ତିହାର ଅଟେ କୋଶଲାଞ୍ଚଳରେ ଦୁଇ କୋଟି ଜନସାଧାରଣ ବସବାସ କରୁଥିବାବେଳେ ଏଠାକାର ଅଧିକାଂଶ ଜନସାଧାରଣ କୃଷି ଉପରେ ନିର୍ଭର କରିଥାନ୍ତି । ଅକ୍ଷୟ ତୃତୀୟା ଦିନ ଚାଷୀମାନେ ଚାଷ କାର୍ଯ୍ୟ ଆରମ୍ଭ କରିବା ପାଇଁ ମୁଠି ଅନୁକୂଳ କରିଥାନ୍ତି । ଚାଷୀ ମାନେ ଧାନ ଖାଦ୍ୟ ଶସ୍ୟ ସହିତ ଡାଲି ଜାତୀୟ, ଅର୍ଥକାରୀ ଫସଲ ଏବଂ ବିଭିନ୍ନ ପନିପରିବା ଚାଷ କରିଥାନ୍ତି ଚାଷ କାର୍ଯ୍ୟ ପର୍ଯ୍ୟାୟକ୍ରମେ ଚାଷ ନୀତି -ନିୟମ ମୁତାବକ ଆରମ୍ଭ କରି ଅକ୍ଟୋବର ମାସରୁ ନଭେମ୍ବର ମାସର ଶେଷ ସୁଦ୍ଧା ବିଭିନ୍ନ ପ୍ରକାର ଫସଲ ଅମଳ କରିଥାନ୍ତି । ଉତ୍ପାଦନ ଚାଷ ଅମଳ ସହ ବିକ୍ରିବଟା କରି ଧାର କରଜ ସୁଝିଥାନ୍ତି ଓ ଚାଷ କାର୍ଯ୍ୟରେ ସହଯୋଗ କରିଥିବା ବା ଶ୍ରମିକ ଭାବେ କାମ କରିଥିବା ମଜୁରିଆ। (ହଳିଆ।, କୁଠିଆ। )ମାନଙ୍କୁ ମଧ୍ୟ ଚାଷ ଅମଳ ଶେଷ ସମୟରେ ସେମାନଙ୍କର ପାରିଶ୍ରମିକ ସହିତ ପ୍ରୋତ୍ସାହନ ବାବଦକୁ ପଇସା ପତ୍ର ଓ ଧାନ ମଧ୍ୟ ଦେଇଥାନ୍ତି ଚାଷୀମାନେ ଚାଷ କାର୍ଯ୍ୟକରି ପୌଷପୂର୍ଣ୍ଣମୀ ଦିନକୁ ଚାଷର ଶେଷ ଦିନ ଭାବି ଗୌନ୍ତିଆ।,ପ୍ରଜା, ହଳିଆ।, ମୁଲିଆ।, ଶ୍ରମିକ ମାନେ ମିଶି ମୌଜ ମଜଲିସ ଉତ୍ସବ ଆନନ୍ଦ ସହ ଭୋଜି ଭାତର ଆସର କରିଥାନ୍ତି, ଏହି ଦିନରେ ପ୍ରତ୍ୟେକ ଘରେ ପିଠା ପଣା, ମଣ୍ଡା ତିଆରି କରି ଖୁସି ଆନନ୍ଦ ମନେଇ ଥାନ୍ତି । ଆଜି କୋଶଲ ରାଏଜ ମୁକ୍ତି ମୋର୍ଚ୍ଚା ଆହ୍ୱାନରେ ଉପଖଣ୍ଡର ରେଙ୍ଗାଲି, ଧୂମାଭଟା ଓ ବିଭିନ୍ନ ଗ୍ରାମକୁ ଯାଇ ସଦସ୍ୟ ମାନେ ଛେରଛେରା ମାଗିଥିଲେ । ଏହି ଛେରଛେରା କାର୍ଯ୍ୟକ୍ରମ ସପ୍ତାହବ୍ୟାପି ଅନୁଷ୍ଠିତ ହେବ ବୋଲି କେ. ଏମ. ଏମ ପକ୍ଷରୁ ସୂଚନା ଆଜିର ଛେରଛେରା କାର୍ଯ୍ୟକ୍ରମରେ ଉପଖଣ୍ଡ ସଭାପତି ଗିରିରାଜ ଭୋଇ,ପ୍ରବକ୍ତା ଜନସନ ନାଗ ସମ୍ପାଦକ ଜଗନ ମେହେର, ଉପସଭାପତି ବନମାଳୀ ନାଏକ,ମଦନ ମାଝୀ, ସୁଶୀଲ ରଣା,ସୁରେନ୍ଦ୍ର ମହାନନ୍ଦ, କିରଲୁ ମାଝୀ,ଘନଶ୍ୟାମ ଭୁଏ ଓ ଅନେକ ସଦସ୍ୟ ସଦସ୍ୟା ପ୍ରମୁଖ ଉପସ୍ଥିତ ଥିଲେ ।

ମଙ୍ଗଳବାର, ୦୬ ଜାନୁଆରୀ ,୨୦୨୬ ଭୁବନେଶ୍ୱର
TUESDAY, 06 JANUARY, 2026, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଅଗ୍ନିକାଣ୍ଡ ମଣିଷକୃତ ଦାୟିତ୍ୱହୀନତା

ନିକଟ ଅତୀତରେ ହଙ୍କକଙ୍ଗ, ଗୋଆ ଏବଂ ସ୍ୱୀଜରଲ୍ୟାଣ୍ଡରେ ଭୟାବହ ଅଗ୍ନିକାଣ୍ଡରେ ମୃତାହତ ଓ କ୍ଷୟକ୍ଷତି ମଣିଷକୃତ ଅବହେଳା ବା ଦାୟିତ୍ୱହୀନତାରୁ ହୋଇଥିବା କୁହାଯାଇପାରିବ। ନୂତନ ବର୍ଷ ପାଳନରେ ସମଗ୍ର ବିଶ୍ୱ ମଜ୍ଜିଯାଇଥିବାବେଳେ ସ୍ୱୀଜରଲ୍ୟାଣ୍ଡର କ୍ରାନସ ମଣ୍ଟାନୀ ସହରରେ ଏକ ସ୍କିରିସର୍ଟ ବାରରେ ଭୟାବହ ଅଗ୍ନିକାଣ୍ଡ ଘଟି ୪୦ଜଣଙ୍କ ମୃତ୍ୟୁ ଘଟିବା ସଙ୍ଗେ ସଙ୍ଗେ ଶତାଧିକ ଲୋକ ଗୁରୁତର ଆହତ ହେବା ୨୦୨୬ରେ ପ୍ରଥମ ଅଗ୍ନିକାଣ୍ଡ ଘଟଣା। ଏହି ଅଗ୍ନିକାଣ୍ଡର କାରଣ ଜଣାପଡିନଥିଲେ ମଧ୍ୟ ଅଗ୍ନିକାଣ୍ଡରୁ ଅଳ୍ପକେ ବର୍ତିଯାଇଥିବା ପ୍ରତ୍ୟାକ୍ଷଦର୍ଶୀଙ୍କ କହିବା ଅନୁଯାୟୀ କାଠରେ ନିର୍ମିତ ଛାତ, ୱେଟରମାନେ ସାମ୍ପେନ ବୋତଲ ସହ ବାଣ ଏବଂ ମହମବତୀ ଧରି ସେଥିରେ ଅଗ୍ନି ସଂଯୋଗ କରି କଳାକୌଶଳ ପ୍ରଦର୍ଶନ କରିବା ଏହି ଭୟାବହ ଅଗ୍ନିକାଣ୍ଡ ଟ୍ରାଜେଡିର ମୁଖ୍ୟକାରଣ। ଏହା ନିସନ୍ଦେହ ଯେ, ସାମ୍ପେନ ଭର୍ତି ବୋତଲ, ବାଣ ଓ ମହମବତୀର ଏକାଠି ରଖିବା ସର୍ବଦା ବର୍ଜନୀୟ ଏବଂ ଅନୁଚିତ କାର୍ଯ୍ୟ ହୋଇଥିବାବେଳେ ଏହି ଦହନଶୀଳ ସାମଗ୍ରୀଗୁଡିକୁ ଏକତ୍ର ରଖିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ। ଯେଉଁଥିରୁ ଭୟାବହ ବିସ୍ଫୋରଣ ସହ ଅଗ୍ନିକାଣ୍ଡ ଘଟି ୪୦ ଅମୂଲ୍ୟ ଜୀବନ ଯାଇଛି। ସେହିପରି ଗତ ମାସରେ ଗୋଆରେ ଏକ କାଠ ନିର୍ମିତ କକ୍ଷ୍ୟରେ ମନୋରଂଜନ କାର୍ଯ୍ୟକ୍ରମ ଚାଲିଥିବା ବେଳେ ହଠାତ ଅଗ୍ନିକାଣ୍ଡ ଘଟି ୨୫ଜଣ ଜୀବନ ଦଗଧ୍ ହୋଇଥିଲେ। ଆହୁରି ମଧ୍ୟ ଗଲା ବର୍ଷ ନଭେମ୍ବର ମାସରେ ହଙ୍କକଙ୍ଗର ୱାଙ୍ଗ ଫୁକ୍ କୋର୍ଟରେ ବାଉଁଶରେ ନିର୍ମିତ ମଂଚରୁ ଅଗ୍ନିକାଣ୍ଡ ଘଟି ୧୬୧ ଜଣ ଜୀବନ୍ତ ଦଗଧ୍ ହୋଇଥିଲେ। କହିବା ବାହୁଲ୍ୟ ଯେ, ଉତ୍ସବ ପାଇଁ ନିର୍ମିତ ମଂଚ ଶୁଖିଲା ବାଉଁଶରେ ନିର୍ମିତ ହୋଇଥିବାବେଳେ ନଡାରେ ଛପର ହୋଇଥିଲା ଅତ୍ୟନ୍ତ ଦହନଶୀଳ। ସାଧାରଣତଃ ଭାରତରେ କାଠ, ବାଉଁଶ, ନଡାର ବ୍ୟବହାର ଅଧିକ। ଏହି ତିନି ସାମଗ୍ରୀରେ ଭାରତରେ ବାସଗୃହ ନିର୍ମାଣ କରାଯାଇଥାଏ। ପରିଣତି ସ୍ୱରୁପ ଗ୍ରୀଷ୍ମ କାଳରେ ଘର ପୋଡି, ଏକ ସାଧାରଣ ଘଟଣା ଭାବେ ରହି ଆସିଥିଲା। ପ୍ରଶ୍ନ ଉଠୁଛି ଦହନଶୀଳ ସାମଗ୍ରୀ କାଠ, ବାଉଁଶ ଏବଂ ନଡାରେ ନିର୍ମିତ ଆମୋଦ ପ୍ରମୋଦ କିମ୍ବା ସମ୍ମିଳନୀ କକ୍ଷକୁ କର୍ତୁପକ୍ଷ ଅନୁମତି ଦେଲେ କିପରି? ଅଗ୍ନିକାଣ୍ଡ ଦାଉରୁ ରକ୍ଷା ପାଇବା ପାଇଁ ଏବେ ଭାରତରେ ବାଲି, ସିମେଂଟ, ଇଟାରେ ବାସଗୃହ ନିର୍ମାଣ ହେଉଛି। କିନ୍ତୁ ୨୦୧୭ ମସିହାରେ ଲଣ୍ଡନର ଗ୍ରୀନଫେଲ ଟାୱାରର ଅଗ୍ନିକାଣ୍ଡ ଘଟି ୭୧ଜଣଙ୍କର ଜୀବନ ଯାଇଥିଲା। ଏକ ରେଫ୍ରିଜେଟରରେ ଅଗ୍ନିକାଣ୍ଡ ଘଟି ସମସ୍ତ ୨୪ମହଲା ବିଶିଷ୍ଟ କୋଠାକୁ ବ୍ୟାପୀ ଯାଇଥିଲା। କହିବା ବାହୁଲ୍ୟ ଯେ, ସମଗ୍ର ଟାୱାରଟି ଦନହଶୀଳ ଆଲୁମିନିୟମର ଏକ ମିଶ୍ରଣ ପ୍ରଲେପ ଦିଆଯାଇଥିଲା। ଏବେ ଏହି ମିଶ୍ରଣ ଭାରତରେ ବଡ ବଡ ବାଣିଜ୍ୟିକ କୋଠାରେ ବ୍ୟବହୃତ ହେଉଥିବା କୁହାଯାଏ। ଏଭଳି ଉପକରଣ ସାଧାରଣତଃ ଷ୍ଟୋଭର ବର୍ଣ୍ଣର, ସିଲିଣ୍ଡର ଏବଂ ଚୁଲି, ଭାଟି ଆଦିରେ ବ୍ୟବହୃତ ହୋଇଥାଏ। ଆହୁରି ମଧ୍ୟ ବିଦ୍ୟୁତ ସଟସର୍କୀଟ ଆକସ୍ମିକ ଅଗ୍ନିକାଣ୍ଡର ଆଉ ଏକ ମୁଖ୍ୟ କାରଣ ଭାବେ ସାଂପ୍ରତିକ ସମୟରେ ଉଭା ହୋଇଛି। ୧୯୦୩ ମସିହାରେ ଚିକାଗୋରେ ଏକ ଦୁଇନ୍ ଟାୱାର ଅଗ୍ନିକାଣ୍ଡରେ ସମ୍ପୂର୍ଣ୍ଣ ତରଳି ଯାଇଥିବାବେଳେ ୬୦୦ରୁ ଅଧିକ ଲୋକଙ୍କର ଜୀବନ ହାନୀ ଘଟିଥିଲା। ଆମ ଭାଷାରେ ଏକ ପ୍ରବାଦ ରହିଛି, ଘର ପୋଡିଠାରୁ ବିପଦ ନାହିଁ କି ଘୋଡା ଚଢାଠାରୁ ସମ୍ପତି ନାହିଁ। ଅଗ୍ନିକାଣ୍ଡରେ ବ୍ୟାପକ ଜୀବନ ଯାଏ, ବିପନ୍ନଙ୍କ ପରିବାର ବରବାଦ୍ ହୋଇଯାଏ ଏବଂ ଅଗ୍ନିକାଣ୍ଡର ଭୟ ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଥାଏ, ଯାହାକି ଗୋଆ, ହଙ୍କକଙ୍ଗ ଏବଂ ସ୍ୱୀଜରଲ୍ୟାଣ୍ଡର ସ୍କିରିସର୍ଟରେ ଏବେ ଧାରଣା ସୃଷ୍ଟି କରିଛି। ଆମ ଦେଶରେ ବଡ ବଡ ମେଡିକାଲରେ ଅଗ୍ନିକାଣ୍ଡ ଏବେ ସାଧାରଣ ଘଟଣାରେ ପରିଣତ ହୋଇଥିବା କହିଲେ ଅତିରଂଜିତ ହୋଇନପାରେ। ଏଭଳି ଅଗ୍ନିକାଣ୍ଡ କେବଳ ମଣିଷକୃତ ଅବହେଳା, ଦାୟିତ୍ୱହୀନତାର କାରଣ। ନୂତନ ବର୍ଷ ୨୦୨୬ରେ ଅଗ୍ନି ନିରାପତା ବ୍ୟବସ୍ଥାକୁ ବିଶ୍ୱବ୍ୟାପୀ ସମସ୍ତ ରାଷ୍ଟ୍ର କଡାକଡି ଭାବେ ପାଳନ କରିବେ ବୋଲି ଆମେ ଆଶା କରିବା।

# ଏକ ଉଜ୍ଜ୍ୱଳ ପ୍ରତିଭା ଜାନକୀ ବଲ୍ଲଭ ପଟ୍ଟନାୟକ

### ଅରବିନ୍ଦ ତ୍ରିପାଠୀ

ବହୁତ କମ୍ ଯୋଗଜନ୍ମା ବ୍ୟକ୍ତି ଅଛନ୍ତି ଯେଉଁମାନେ କି ନିଜର କର୍ମ, ଜ୍ଞାନ, ଆଚରଣ, ଦୃଢମନୋବଳ, ଇଚ୍ଛାଶକ୍ତି ଇତ୍ୟାଦି ଦ୍ୱାରା ଦେଶ ମାତୃକାର ସେବା କରିବା ସହିତ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ଓଡ଼ିଶା ତଥା ଭାରତବର୍ଷର ନାମକୁ ଗୌରାବାନ୍ୱିତ କରିବା ସହିତ ଏକ ସୁବର୍ଣ୍ଣ ଇତିହାସ ସୃଷ୍ଟି କରିପାରିଛନ୍ତି । ସେହିପରି ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ତଥା ଏକାଧାରାରେ ସଫଳ ରାଜନୈତିଜ୍ଞ, ସୁସାହିତ୍ୟିକ, ସୁସାମ୍ବାଦିକ, ସୁଯୋଗ୍ୟ ସମ୍ପାଦକ, କବି, ଲେଖକ, ବରିଷ୍ଠ ସଂଗଠକ, ସ୍ୱାଧୀନତା ସଂଗ୍ରାମୀ, ଦିଗଦ୍ରଷ୍ଟା ତଥା ମହାନ ଜନନାୟକ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ଆସାମ ରାଜ୍ୟର ରାଜ୍ୟପାଳ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ । ତୁଳସୀ ଦୁଇପତ୍ରରୁ ବାସିଲା ପରି ତାଙ୍କ ଜ୍ଞାନର ପରିଚୟ ପିଲାଟି ଦିନରୁ ମିଳିଯାଇଥିଲା । ପିଲାଦିନରୁ ସେ ଜଣେ ମେଧାବୀ ଛାତ୍ର ରହିବା ସହିତ ଛାତ୍ର ଜୀବନରୁ କବିତା ଲେଖାଲେଖି ଆରମ୍ଭ କରିଦେଇଥିଲେ । ବକ୍ତୃତା ଦେବାରେ ମଧ୍ୟ ସେ ପାରଙ୍ଗମ ଥିଲେ । ଓଡ଼ିଶାକୁ, ଓଡ଼ିଆ ଭାଷାକୁ ଭଲ ପାଉଥିବା ଜଣେ ଚଟ୍ଟୋଟ ବ୍ୟକ୍ତିତ୍ୱର ପରିଚୟ ଦେଇଥିଲେ । ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ତଥା ବିକାଶ ଆଦି କାର୍ଯ୍ୟରେ ନିଜକୁ ସଂପୂର୍ଣ୍ଣ ଭାବରେ ନିୟୋଜିତ କରିବା ସହିତ ରାଜନୈତିକ ଶାସନ କାଳରେ ତାହାକୁ କାର୍ଯ୍ୟରେ ପରିଣତ କରି ଦେଖାଇଥିଲେ । ଓଡ଼ିଆଭାଷାକୁ ସରକାରୀ ଭାଷାର ମାନ୍ୟତା ଘୋଷଣା କରିବାରେ ସେ ହେଉଛନ୍ତି ସର୍ବପ୍ରଥମ ତଥା ଏକମାତ୍ର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ ସୁଯୋଗ୍ୟ ସନ୍ତାନ । ୧୯୨୭ ମସିହା ଜାନୁଆରୀ ମାସ ୩ ତାରିଖରେ ଖୋର୍ଦ୍ଧା ଜିଲ୍ଲାର ରାମେଶ୍ୱର ଗ୍ରାମଠାରେ ପିତା ଗୋକୁଳାନନ୍ଦ ପଟ୍ଟନାୟକ ଓ ମାତା ରମ୍ଭାଦେବୀଙ୍କ ଔରସରୁ ଜାନକୀ ଭୂମିଷ୍ଠ ହୋଇଥିଲେ । ସାତ ବର୍ଷ ବୟସରେ ରାମେଶ୍ୱର ନିମ୍ନ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଇଲେ । ୧୯୩୮ ମସିହାରେ ଏମ୍.ଇ. ସ୍କୁଲ୍ ପାଶ୍ କଲେ । ୧୯୪୩ ମସିହାରେ ମାଟ୍ରିକ୍ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହୋଇ ଆଇ.ଏ. ପଢିଲେ । ଏହାପରେ ସଂସ୍କୃତରେ ସମ୍ମାନ ସହ ଉତ୍କଳ ବିଶ୍ୱବିଦ୍ୟାଳୟରୁ ବି.ଏ. ପାଶ୍ କଲେ । ତତ୍ପରେ ରାଜନୀତି ବିଜ୍ଞାନରେ ସ୍ନାତୋକତର ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ପାଶ୍ କଲେ । ରାଜନୀତି, ସାହିତ୍ୟ, କଳା, ସଂସ୍କୃତ ଭାଷା ସବୁଥିରେ ତାଙ୍କର ଅଗାଢ୍ୟ ପାଣ୍ଡିତ୍ୟ ଥିଲା । ଉତ୍କଳର ଭାଷା, ସାହିତ୍ୟ, କଳା, ସଂସ୍କୃତି ଇତ୍ୟାଦିକୁ ଦେଶ ବିଦେଶରେ ପରିଚୟ ପ୍ରଦାନ କରିବାରେ ଜାନକୀ ବଲ୍ଲଭଙ୍କର ନିଷ୍ଠାପର ଉଦ୍ୟମ ରହିଥିଲା । ଏହା ବ୍ୟତୀତ ଶିଳ୍ପ, ପର୍ଯ୍ୟଟନ, ପର୍ଯ୍ୟଟନର ବିକାଶ, କୃଷିର ବିକାଶ ଇତ୍ୟାଦି କରିବାରେ ସେ ଅଗ୍ରଣୀ ଭୂମିକା ନେଇଥିଲେ । ଓଡ଼ିଶା ଓ ନୂଆଦିଲ୍ଲୀ ସିଧାସଳଖ ରେଳ ଓ ବିମାନ ଚଳାଚଳ ସେ ଆରମ୍ଭ କରିଥିଲେ । ସମାଜର ସବୁସ୍ତରର ବ୍ୟକ୍ତିମାନଙ୍କ ପାଇଁ ଯଥା ଚାଷୀ, ଆଦିବାସୀ, ହରିଜନ, ଦଳିତ, ଶ୍ରମିକ ଏମାନଙ୍କ ଜୀବନ ଜିବିକା ପାଇଁ ବହୁ ସରକାରୀ ବ୍ୟବସ୍ଥା କରିବା ସହ ଆଇନ୍ ପ୍ରଣୟନ କରିଥିଲେ । ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଯୋଜନା ଲାଗୁ କରିବାରେ ଜାନକୀ ହେଉଛନ୍ତି ସର୍ବ ପ୍ରଥମ ଓଡ଼ିଆ ମୁଖ୍ୟମନ୍ତ୍ରୀ । ବିଦ୍ୟାଳୟରେ ଉପସ୍ଥାନ ବଢିବା ସହିତ ପିଲାମାନଙ୍କ ଭିତରେ ପାଠ ପଢିବା ପାଇଁ ଆଗ୍ରହ କିପରି ସୃଷ୍ଟି ହୋଇପାରିବ ତାହାର ସୁଚିନ୍ତିତ ଖସଡା ପ୍ରସ୍ତୁତ କରିଥିଲେ ।

ଖବର କାଗଜରେ ଜଡ଼ିତ-ଜାନକୀବାବୁ ୧୯୪୯ ମସିହାରେ ଉତ୍କଳ କେଶରୀ ଡଃ ହରେକୃଷ୍ଣ ମହତାବଙ୍କ ପ୍ରରୋଚନାରେ ଦୈନିକ ଖବର କାଗଜ ପ୍ରଜାତନ୍ତ୍ର ଓ ଇଷ୍ଟର୍ଣ୍ଣ ଟାଇମ୍ସରେ ସାମ୍ବାଦିକ ଭାବେ କାର୍ଯ୍ୟ କରିଥିଲେ । ୧୯୫୨ ମସିହା ଅଗଷ୍ଟ ୨୧ ତାରିଖରେ ପ୍ରଜାତନ୍ତ୍ରର ସମ୍ପାଦକ ଭାବରେ ଯୋଗ ଦେଇଥିଲେ । ଏହି ସବୁ ଖବର କାଗଜରେ କାର୍ଯ୍ୟ କରି ଡଃ ମହତାବଙ୍କର ଏବଂ ସାରା ଓଡ଼ିଶାର ସୁଯୋଗ୍ୟ ସାମ୍ବାଦିକ ଏବଂ ସମ୍ପାଦକର ମାନ୍ୟତା ପାଇଥିଲେ । ୧୯୬୭ ମସିହାରେ ନିଜ ସଂପାଦନାରେ ମାସିକ ପତ୍ରିକା ପୌରୁଷ ପ୍ରକାଶ ପାଇଥିଲା । ଏହା ପୂର୍ବରୁ ଗୌତବ ବୁଦ୍ଧ ଥିଲା ତାଙ୍କର ପ୍ରକାଶିତ ପୁସ୍ତକ । ରାଜନୈତିକ ଘଟଣା- ୧୯୫୦ ମସିହାରେ ଜାନକୀ ବଲ୍ଲଭ ରାଜ୍ୟ ଯୁବ କଂଗ୍ରେସର ସଭାପତି ଭାବରେ ନିର୍ବାଚିତ ହୋଇଥିଲେ । ୧୯୮୦ ରୁ ୧୯୮୯ ପ୍ରଥମ ପାଳିରେ ଦୁଇ ଥର ଏବଂ ୧୯୯୫ରୁ ୧୯୯୯ ଦ୍ୱିତୀୟ ପାଳିରେ ଥରେ ଏହିପରି ଭାବରେ ସର୍ବାଧିକ ତିନି ଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଥିଲେ । ୧୯୭୧ ମସିହାରେ କଟକ ଲୋକସଭା ଆସନରୁ ଜାନକୀ ବିଜୟୀ ହୋଇଥିଲେ । ୧୯୭୩ ରୁ ୧୯୭୭ ମସିହା ପ୍ରତିରକ୍ଷା ବିଭାଗର ଉପମନ୍ତ୍ରୀ ଓ ପରେ ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ । ସେତେବେଳେ ଇନ୍ଦିରା ଗାନ୍ଧୀ ଭାରତର ପ୍ରଧାନମନ୍ତ୍ରୀ ଥିଲେ । ୧୯୯୭ ରୁ ୨୦୦୯ ମସିହା ମଧ୍ୟରେ ପିସିସି ସଭାପତିଠାରୁ ଆରମ୍ଭ କରି ଏଆଇସିସିର ବିଭିନ୍ନ ପଦ ପଦବୀ ଅଳଙ୍କୃତ କରିଥିଲେ । ୧୯୮୦ ମସିହାରେ ଦ୍ୱିତୀୟ ଥର ଲୋକସଭାକୁ ନିର୍ବାଚିତ ହୋଇ ଇନ୍ଦିରାଗାନ୍ଧୀଙ୍କ ସରକାରରେ ଶ୍ରମ , ବିମାନ ଚଳାଚଳ, ପର୍ଯ୍ୟଟନ ବିଭାଗର ମନ୍ତ୍ରୀଭାବେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ । ୨୦୦୪ ରୁ ୨୦୦୯ ମସିହା ବିଧାନସଭାରେ ବିରୋଧୀ ଦଳର ନେତା ଭାବରେ କାର୍ଯ୍ୟ କରିଥିଲେ । ୨୦୦୯ ରୁ ୨୦୧୪ ଆସାମର ରାଜ୍ୟପାଳ ଭାବରେ ସୂଚାରୁ ଭାବରେ ଦାୟିତ୍ୱ ସମ୍ପାଦନା କରିଥିଲେ ।

ସାହିତ୍ୟ ଓ ଗ୍ରନ୍ଥ ରଚନା-ରାମାୟଣ, ମହାଭାରତ, ଶ୍ରୀମଦ୍ ଭଗବତ ଗୀତା ଭଳି ମହାନ ଗ୍ରନ୍ଥର ଗଦ୍ୟାନୁବାଦ ଆଜି ଘରେ ଘରେ ପରିଚିତ । ପ୍ରକାଶିତ ପୁସ୍ତକ ସ୍କୁଲ ପତ୍ରିକା ଅବକାଶରେ ପ୍ରକାଶିତ ହୋଇଥିବା ପ୍ରଥମ କବିତା ଅଶୋକ । ୧୯୪୮ ରୁ ୧୯୮୭ ମସିହା ଦୀର୍ଘ ୪୦ ବର୍ଷ ଭିତରେ ସେ ଲେଖିଥିବା ୨୬ଟି ନିର୍ବାଚିତ କବିତା ସିନ୍ଧୁ ଉପତ୍ୟକା । ଏହି ସଂକଳନଟି ହିନ୍ଦୀ, ବଙ୍ଗଳା ଓ ଅହମିଆ ଭାଷାରେ ଅନୁଦିନ ହୋଇ ବେଶ୍ ଆଦୃତ ହୋଇପାରିଥିଲା । ତାଙ୍କ ପ୍ରକାଶିତ ପ୍ରବନ୍ଧ ସଂକଳନ ମଧ୍ୟରୁ ସ୍ୱପ୍ନ ଓ ସଂକଳ୍ପ ନିର୍ବାଚିତ ପ୍ରବନ୍ଧ ସଂକଳନ ଅନ୍ୟତମ।ଏଥିରେ ରାଜନୀତି ସଂସ୍କୃତି, ଇତିହାସ, ଧର୍ମ, ସାହିତ୍ୟ, ସମାଜଚେତନା, ପରିବେଶର ସମାହାର। ରାମାୟଣ, ମହାଭାରତ ଓ ଶ୍ରୀମଦ ଭାଗବତର ଗଦ୍ୟାନୁବାଦ କରି ଜାନକୀବଲ୍ଲଭ ଘରେ ଘରେ ପରିଚିତ ହୋଇପାରିଛନ୍ତି। ଭ ର୍ତ୍ତୃହରିଙ୍କ 'ଶତକ ତ୍ରୟ' ଓଡିଆ ଅନୁବାଦ ଜାନକୀଙ୍କ ଦକ୍ଷତା ଓ ସଂସ୍କୃତ ଜ୍ଞାନର ଜ୍ୱଳନ୍ତ ଉଦାହରଣ। ଏହାଛଡା ଗୌତମ ବୁଦ୍ଧ ରାମକୃଷ୍ଣ କଥାମୃତ ତାଙ୍କର ସାରସ୍ୱତ ଲେଖନୀର ସମାହାର। ସେ ପାଇଥିବା ଶତାଧିକ ପୁରସ୍କାର ତନ୍ମଧ୍ୟରୁ କିଛି-

ସମ୍ମାନ - ୧୯୮୬ ବୈରାଗ୍ୟ ଶତକ ଓଡ଼ିଆ ଅନୁବାଦ ପାଇଁ ଓଡିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର।

୧୯୯୬- ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଜ୍ଞାନ ବାଚସ୍ପତି ଉପାଧି।

୨୦୦୧- ବଙ୍କିମ ଉପନ୍ୟାସ ମାଳାର ଅନୁବାଦ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

୨୦୦୩- ଗୌରୀଶଙ୍କର ସ୍ମୃତିଚକ୍ର ସମ୍ମାନ

୨୦୦୮- ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟର କୁଳାଧିପତି।

୨୦୧୧- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଉତ୍କଳ ରତ୍ନ ସମ୍ମାନ।

୨୦୧୨- ଗଙ୍ଗାଧର ରଥ ଫାଉଣ୍ଡେସନ୍ ପକ୍ଷରୁ ସାହିତ୍ୟ ଭାରତୀ ସମ୍ମାନ।

୨୦୧୨- ଅଖିଳ ଭାରତର ପ୍ରାଚ୍ୟ ବିଦ୍ୟା ସମ୍ମିଳନୀର ରାଷ୍ଟ୍ରୀୟ ଅଧ୍ୟକ୍ଷ।

୨୦୧୨- ମଦନ ମୋହନ ମାଲବ୍ୟ ମିଶନ୍ ପକ୍ଷରୁ ମହାମନା ମାଲବ୍ୟ ସ୍ମୃତି ସମ୍ମାନ।

ଗାନ୍ଧି ଗୋଲ୍ଲାଲ ଫ୍ୟାମିଲି ପକ୍ଷରୁ ସାମ୍ବାଦିକତା, ସାହିତ୍ୟ କ୍ଷେତ୍ରରେ ଗାନ୍ଧି ସମ୍ମାନ। ଏହାଛଡା ବହୁ ସରକାରୀ, ଜାତୀୟ ତଥା ଆନ୍ତର୍ଜାତୀୟ ସଂଗଠନ ପକ୍ଷରୁ ଶତାଧିକ ପୁରସ୍କାର ଓ ସମ୍ମାନ ସାହିତ୍ୟ, କଳା ସଂସ୍କୃତ ଭାଷା, ସଂଗଠକ ସ୍ୱାଧୀନତା ସଂଗ୍ରାମୀ, ସାମ୍ବାଦିକ ଇତ୍ୟାଦି ଭାବରେ ପାଇଛନ୍ତି। ଜାନକୀ କୁହନ୍ତି, କ୍ରୋଧ କରନାହିଁ। କ୍ରୋଧ ହେଉଛି ମଣିଷର ଚିରଶତ୍ରୁ। ଏହାକୁ ମଣିଷ ନିୟନ୍ତ୍ରଣ କରିପାରିଲେ ଉନ୍ନତି ହୋଇପାରିବ। ଉଚ୍ଚକୂଳରେ ଜନ୍ମହେବା ଦୈବର ଅଧୀନ। ମାତ୍ର ପୁରୁଷକାର ମୋର ଅଧୀନ ଏହାକୁ ସେ ଅକ୍ଷର ଅକ୍ଷରରେ ପାଳନ କରିବା ସହିତ ସମସ୍ତଙ୍କ ପାଇଁ ଏହି ମନ୍ତ୍ର ସେ ଛାଡିଯାଇଛନ୍ତି। ଏହିପରି ଜଣେ ମହାନ ଜନନାୟକ ପୃଥିବୀ ପୃଷ୍ଠରେ ବିରଳ। ତାଙ୍କର ଜ୍ଞାନର ଜ୍ୟୋତି ସମସ୍ତଙ୍କୁ ସ୍ଥାୟୀଭୂତ କରିଥିଲା। ଏହିପରି ବ୍ୟକ୍ତିତ୍ୱର ମୃତ୍ୟୁ ହୁଏନାହିଁ। ସର୍ବଦା ସେ ଚିର ଅମର।

ମୁଖପାତ୍ର, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ଭୁବନେଶ୍ୱର
ମୋ-୯୯୩୭୬୮୯୬୮୩

# ଟ୍ରେଣ୍ଡର ମାୟାଜାଲ : ହର୍ଡ଼ ମେଣ୍ଟାଲିଟିର ଅନ୍ତହୀନ ପ୍ରବଣତା

### ପ୍ରଫେସର ଡାକ୍ତର ସମ୍ରାଟ କର

ଅନେକେ ନିଜ ଚେହେରାକୁ ସୁନ୍ଦର କରି ସୋସିଆଲ ମିଡ଼ିଆରେ ଅପଲୋଡ଼ କରିବା ପରେ ଲାଇକ, କମେଣ୍ଟ ଦେଖି ଖୁସି ହେଉଛନ୍ତି। କଳ୍ପିତ ଲାଇକ କି କମେଣ୍ଟ ନ ମିଳିଲେ ମାନସିକ ଯନ୍ତ୍ରଣା ଭୋଗୁଛନ୍ତି। ପୁଣି ଟ୍ରେଣ୍ଡ ଅନୁସରଣ ନକଲେ ଫୋମେ (ଫିଅର ଅଫ କମିସିଂ ଆଉଟ)ର ଶିକାର ହେଉଛନ୍ତି। ସୋସିଆଲ ମିଡ଼ିଆ ଟ୍ରେଣ୍ଡ ଅନୁସରଣ କରୁନଥିବା ଲୋକ ବି ଅନେକ ସମୟରେ ସମାଲୋଚିତ ହେଉଛନ୍ତି। ସେମାନେ ଯୁଗୋପଯୋଗୀ ନୁହଁନ୍ତି, ସମୟ ସହିତ ତାଳ ମିଳାଇ ଶିଖିବା ଜାଣିନାହାନ୍ତି। ଟ୍ରେଣ୍ଡ ଅନୁସରଣ କରୁନାହାନ୍ତି ମାନେ ପୁରୁଣାକାଳିଆ ଚିନ୍ତାଧାରାର ବୋଲି ମଧ୍ୟ ଅନେକ ସମୟରେ ଶୁଣିବାକୁ ପଡୁଛି।ଏଭଳି ମନ୍ତବ୍ୟ ଅନେକ ସମୟରେ ସୋସିଆଲ ମିଡ଼ିଆ ପ୍ରତି ଢ଼ଳିବାକୁ ପରୋକ୍ଷରେ ଇନ୍ଧନ ଯୋଗାଉଛି। ମନୋବିଜ୍ଞାନୀଙ୍କ ଯୁକ୍ତି ହେଉଛି, ଏଭଳି ଟ୍ରେଣ୍ଡ କାରଣରୁ ଅନେକ ବର୍ନଆଉଟ ସିଣ୍ଡ୍ରୋମରେ ପୀଡ଼ିତ ହେଉଛନ୍ତି। ନୂଆ ପିଢ଼ି ମଧ୍ୟରେ ହର୍ଡ଼ ମେଣ୍ଟାଲିଟି ବିକଶିତ ହେଉଛି। ମନସ୍ତାତ୍ୱିକ ବିଜ୍ଞାନ ଅନୁସାରେ ଆଲଗୋରିଦିମ ଏବଂ ବାସ୍ତବ ଜୀବନ ମଧ୍ୟରେ ଚାଲିଥିବା ପ୍ରତିଯୋଗିତା କାରଣରୁ ଲୋକଙ୍କ ମଧ୍ୟରୁ ସୃଜନଶୀଳତା କ୍ରମାଗତ ଭାବେ କମି ଚାଲିଛି। ଲୋକମାନେ ଡୁମ ସ୍କ୍ରୋଲିଂରେ ବ୍ୟସ୍ତ ରହି ବାସ୍ତବ ଜଗତରୁ ନିଜକୁ ବିଚ୍ଛିନ୍ନ କରିଦେଉଛନ୍ତି। ଲାଇକ, କମେଣ୍ଟ, ଫଲୋଅର୍ସଙ୍କ ସଂଖ୍ୟା ହିସାବ କରି ନିଜର ଆତ୍ମ ମୂଲ୍ୟାୟନ କରୁଛନ୍ତି। ଏହା ଏକ ବିରକ୍ତିକର ପ୍ରକ୍ରିୟା, ଯାହା ଅନେକଙ୍କ ମଧ୍ୟରେ ଉଦବେଗ ବିଷର୍ଣ୍ଣତା ଏବଂ ନୈରାଶ୍ୟ ଭରିଦେଉଛି ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସାମାଜିକ ଗଣମାଧ୍ୟମରେ ପ୍ରଚଳିତ ଟ୍ରେଣ୍ଡର ପ୍ରଭାବ ଆମ ମାନଙ୍କ ନିତିଦିନିଆ ଜୀବନ ଉପରେ ଏତେ ଅଧିକ ମାତ୍ରାରେ ପଡୁଛି ଯେ ସତେ ଯେପରି ଏହି ଟ୍ରେଣ୍ଡ ନଥିଲେ ଆମ ଖାଦ୍ୟ ଶୈଳୀ ଓ ପୋଷାକ ପରିଧାନର ଶୈଳୀ ବୋଧ ହୁଏ ଭିନ୍ନ ହୋଇଥାନ୍ତା। ଅନେକ ତଥାକଥିତ ପ୍ରଚାରଧର୍ମୀ ଫାଷ୍ଟ ଫେସନ ଗୁଡ଼ିକ ଏପରି ଲୋକମାନଙ୍କ ଭିତରେ ଛାଇ ହୋଇଯାଉଛି ଯେ ସେଥିରୁ ବର୍ତ୍ତିବା ସହଯେ ସମ୍ଭବ ହେଉନାହିଁ। ଉଦାହରଣ ବଶତଃ ଫାଷ୍ଟ ଫେସନ ଧାରା ସହ ସାମାଜିକ ଗଣମାଧ୍ୟମ ଯୋଗୁଁ ଟ୍ରେଣ୍ଡ କରୁଛି ଇଭିଲ ଆଇ ଫ୍ୟାସନ। ଇଭିଲ ଆଇ ବା ଖରାପ ନଜର ଯାହାକି ଏକ ପ୍ରକାର ନୀଳ ରଙ୍ଗର ମାଳି। ଯେଉଁଥିରେ କଳା ରଙ୍ଗର ଏକ ବିନ୍ଦୁ ରହିଥାଏ। ବିଶ୍ୱାସ ରହିଛି ଆଖି ପରି ଦେଖାଯାଉଥିବା ଏହି ମାଳିଟି କୁ ନଜରରୁ ରକ୍ଷା କରିଥାଏ। ଇଭିଲ ଆଇର ଟ୍ରେଣ୍ଡ ଏବେ ଏତେ ବ୍ୟାପିଗଲାଣି ଯେ ଏହି ଟ୍ରେଣ୍ଡର ମାୟାରେ ସାଧାରଣ ଜନତା ଠାରୁ ସେଲିବ୍ରେଟିଙ୍କ ପର୍ଯ୍ୟନ୍ତ ବି ବାୟା ହୋଇଗଲେଣି। ସାମାଜିକ ଗଣମାଧ୍ୟମ ଅନେକ ଜ୍ଞାନ ସୂଚୀତ କରେ ଓ ଅନେକ ଅଜଣା ତଥ୍ୟ ମଧ୍ୟ ଆମ୍ଭ ମାନଙ୍କୁ ଜଣାଇଥାଏ। ତେବେ ଘଣ୍ଟା ଘଣ୍ଟା ଧରି ଏହି ଟ୍ରେଣ୍ଡ ଭିତରେ ବିଶେଷକରି ସୋସିଆଲ ମିଡ଼ିଆ ଭିତରେ ଜଡ଼ିତ ରହିବା ଦ୍ୱାରା ଜଣଙ୍କର ସୃଜନଶୀଳତା କେବଳ ନଷ୍ଟ ହେଉନି ଏହାର ଗୁରୁତର ପ୍ରଭାବ ତାଙ୍କର ଜୀବନଚର୍ଯ୍ୟା ଉପରେ ପଡୁଛି। ଖାଇବା, ପିଇବା, ବସିବା-ଉଠିବା, ଅନ୍ୟ ମାନଙ୍କ ସହ ଯୋଡ଼ି ହେବା ଓ ନିଜର ତମାମର ଧରାବନ୍ଧା ରୁଟିନ ମଧ୍ୟ ବାଧା ପ୍ରାପ୍ତ ହେଉଛି। ନିଜେ ସୋସିଆଲ ମିଡ଼ିଆରେ ପଠାଇଥିବା ଟ୍ରେଣ୍ଡଟି ଲାଇକ କି କମେଣ୍ଟ ନ ଆସିଲେ ଅନେକଙ୍କ ଭିତରେ ଏପରି ବିରକ୍ତି ଓ ହତାଶ ଭାବ ସହ ଉତ୍ତେଜନା ସୃଷ୍ଟି କରିଥାଏ ଯେ ସେମାନେ ମାନସିକ ଭାରସାମ୍ୟ ମଧ୍ୟ ହରାଇଥାନ୍ତି। ତେଣୁ ଏ କ୍ଷେତ୍ରରେ ସବୁଠାରୁ ବଡ଼ କଥା ହେଉଛି ନିଜର ସମୟର ମୂଲ୍ୟାୟନ ସହ ଦୈନନ୍ଦିନ ରୁଟିନ ବନ୍ଧା ଜୀବନଟିକୁ ମଧ୍ୟ ଦେଖନ୍ତୁ। କାରଣ ଭାବ ପ୍ରବଣତାର ଅନ୍ତହୀନ ବାସ୍ତବତାକୁ ଛୁଇଁବା ଅନେକଙ୍କ ପାଇଁ କେବଳ କଷ୍ଟକର ହୋଇନଥାଏ ବରଂ ବିଶାଦ ଓ ଅବସାଦର କାରଣ ହୋଇଥାଏ। ତେଣୁ ଜଣେ ଏହିପରି ଫିୟର ଅଫ ମିସିଂ ଆଉଟ ବା ହର୍ଡ଼ ମେଣ୍ଟାଲିଟିର ଶିକାର ହୋଇଥିଲେ ପୀଡ଼ିତର ପାଖ ଲୋକମାନେ ଆଦୌ ଅଧୈର୍ଯ୍ୟ ନହୋଇ ବରଂ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ତାଙ୍କ ପାଇଁ ଏକ ଭଲ ରୁଟିନଟି ତିଆରି କରନ୍ତୁ ଏବଂ ସର୍ବୋପରି ତାଙ୍କ ସହିତ ଗଭୀର ଆତ୍ମୀୟତା ବଢ଼ାଇ କିଛି ସମୟ ଏକାଗ୍ରତାର ଲୟ ଶିଖାନ୍ତୁ। ସୋସିଆଲ ମିଡ଼ିଆକୁ ନେଇ ତାଙ୍କ ଭିତରେ ରହିଥିବା ଅହେତୁକ ଦୁର୍ବଳତାକୁ ପ୍ରଶମିତ କରିବା ପାଇଁ ପରିବାରର ଲୋକ ଓ ଆତ୍ମୀୟ ମାନଙ୍କର ଗୁରୁ ଦାୟିତ୍ୱ ରହିଛି।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

# ବଉଳ ଅମାବାସ୍ୟା

### ଗଙ୍ଗାଧର ସାମଲ

ପୌଷ ମାସ ଅମାବାସ୍ୟା ଦିନଟି ବଉଳ ଅମାବାସ୍ୟା ଭାବେ ଓଡ଼ିଶାର ଘରେ ଘରେ ପାଳିତ ହୋଇଥାଏ। ସାଧାରଣତଃ ଏହି ସମୟରେ ଆମ୍ବ ଓ ପଣସ ଗଛ ଗୁଡ଼ିକରେ ବଉଳ ବା ଫଳକଷି ଧରେ। ଲୋକମାନଙ୍କ ମନରେ ବିଶ୍ୱାସ ଯେ ବଉଳ ଅମାବାସ୍ୟା ଦିନ ବିଧି ଅନୁସାରେ ଗଛ ମାନଙ୍କର ପୂଜା କଲେ, ଗଛରେ ବହୁତ ଫଳ ହୁଏ। ବଉଳ ଅମାବାସ୍ୟା ପାଳନର ବିଧିବିଧାନ ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରକାରର ଦେଖାଯାଏ। ପୁରୀ ଶ୍ରୀମନ୍ଦିରରେ ଜଗନ୍ନାଥଙ୍କ ସକାଳ ଧୂପରେ ଗଇଁଠା ପିଠାସହ ବଉଳ ଲାଗି ହୁଏ। ଓଡ଼ିଆ ଘରଣୀମାନେ ପବିତ୍ରତାର ସହିତ ଉତ୍ସବଟିକୁ କେତେକ ଅଞ୍ଚଳରେ ପାରମ୍ପରିକ ରୀତିରେ ପାଳନ କରନ୍ତି। ଘରେ ଗଇଁଠା ପିଠା ତିଆରି କରାଯାଏ। ଉକ୍ତଦିନ ବାଡ଼ିରେ ଥିବା ଆମ୍ବ, ପଣସ, ନଡ଼ିଆ, ଗୁଆ, ପିଜୁଳି ଆଦି ଗଛ ମୂଳରୁ ଘାସ, ଅନାବନା ଗଛ ଓ ଲତା ପରିଷ୍କାର କରାଯାଏ। ଗୋବର ପାଣିରେ ଗଛମୂଳକୁ ଲିପାଯାଇଥାଏ। ତାପରେ ସେହି ଗଛ ଗୁଡ଼ିକରେ ଚିତା ପକାଯାଏ। ସନ୍ଧ୍ୟା ହେଲେ ଗଛଗୁଡ଼ିକୁ ହଳଦୀ ପାଣିରେ ଗାଧୋଇ ଦେଇ ସିନ୍ଦୂର, ଧୂପଦୀପ ଓ ଗଇଁଠା ପିଠାରେ ପୂଜା କରାଯାଇଥାଏ। କେତେକ ଅଞ୍ଚଳରେ ପୂଜା ପାଇଁ ପ୍ରସ୍ତୁତ ଗଇଁଠା ପିଠାକୁ ବଉଳଗୁଡ଼ ମଧ୍ୟ କୁହାଯାଏ। ଆମ୍ବ ବଉଳ ସଂଗ୍ରହ କରି ପିଠା ସହିତ ରଖାଯାଏ। ବଉଳ ଧରିଥିବା ଆମ୍ବଗଛ ମୂଳେ ଗଇଁଠା ପିଠା ଭୋଗ କରାଯାଏ ଏବଂ ଏହି ଭୋଗ ଓ ଆମ୍ବ ବଉଳ ପାଖ ପଡ଼ିଶା ବନ୍ଧୁ କୁଟୁମ୍ବଙ୍କୁ ବାଣ୍ଟି ପର୍ବଟିକୁ ପାଳନ କରାଯାଏ। ଆଉ କେଉଁ କେଉଁ ସ୍ଥାନରେ ଈଶାଣ କୋଣରେ ଓ ରୋଷେଇ ଘରେ ପୂଜା କରି ଭୋଗ ବଣ୍ଟାଯାଏ। ଆଉ କେଉଁ କେଉଁ ସ୍ଥାନରେ ମଧ୍ୟ ଘରେ କ୍ଷୀରିପିଠା କରି ନୂଆ ବଉଳ ଆଣି ନିଜ ପରିବାରର ଇଷ୍ଟ ଦେବୀଙ୍କୁ ପୂଜା କରାଯାଏ। ସାଧାରଣତଃ ଗୋଷ୍ଠୀଗତ ଭାବେ ରହୁଥିବା କୁଟୁମ୍ବରେ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଘରେ ଏହି ପୂଜା ହୋଇଥାଏ ଏବଂ ସମ୍ଭବସ୍ଥଳେ ଭାଇ ବିରାଦର ସମସ୍ତେ ଭୋଜିରେ ଏକାଠି ହୋଇ ପ୍ରଥମେ ବଉଳ ମିଶ୍ରିତ ଭୋଗ ସେବନ କରିଥାନ୍ତି ଓ ପରେ ବିଭିନ୍ନ ସୁମିଷ୍ଟ ଭୋଜନରେ ଆପ୍ୟାୟିତ ହୋଇଥାନ୍ତି। ଉକ୍ତ ସାମାଜିକ ପର୍ବଟିର ନାମ ଏବଂ ପାଳନ ବିଧିରୁ ସ୍ପଷ୍ଟ ଅନୁମେୟ ଯେ ନୂତନ ବଉଳକୁ ସ୍ୱାଗତ ଜଣାଇ ଓଡ଼ିଆ ଘରେ ଏହା ପର୍ବ ରୂପେ ସ୍ଥାନ ପାଇଛି।

ମାଣିକପାଟଣା, ଆଳି, କେନ୍ଦ୍ରାପଡ଼ା,

# ଜନସେବା କରିବାକୁ ଆପଣ ଆଗ୍ରହୀ କି

### ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଆସନ୍ତୁ, ନେତାଶ୍ରୀ, ଲୋକେ ବହୁ ସମସ୍ୟାର ସମ୍ମୁଖୀନ, ନୀରବ, ଆଉ ରବ ବହୁ ପ୍ରକାରରେ ଚତୁଃଦିର୍ଗରେ ଦୃଶ୍ୟ ଆଉ ଅଦୃଶ୍ୟ କଷ୍ଟରେ ଲୋକେ ତ୍ରାହି ତ୍ରାହି ଡାକ ଦେଉଛନ୍ତି। ଆପଣଙ୍କ ଗୋଚରକୁ ଆସୁଛି, ଆପଣ ଦେଖି ପାରୁଛନ୍ତି, ଶୁଣିବାକୁ ପାଉଛନ୍ତି, ଆପଣଙ୍କୁ ପ୍ରଜାପତି, ପଶୁପତିଙ୍କ କଳା ଆକର୍ଷଣ କରି ଉଚ୍ଛନ୍ନ କରୁଛି। ବସ୍ତୁ କଳା ନେଇକି ଆପଣ ଅବତୀର୍ଣ୍ଣ ହେବା ଟାଣ ସଂକଳ୍ପ ଦିଗକୁ ଭିଡୁଛି, ମୁଁ ଜନତାଙ୍କ ପାଇଁ ସମୟ ଦେବି। ଏ ସଂକଳ୍ପ ମନରେ ଦୃଢ଼ ହେବାରେ ଲାଗିଲାନି, ହେଲେ ଆପଣ କ୍ଷେତ୍ର ଖୋଜିବାରେ ନିଶ୍ଚେ ହେବେ। ଭାବନା ଯଦି ଶୁଦ୍ଧ ତେବେ ଆସିବ ହାତୀଘୋଡ଼ା ପାଲକି। ଜୟ କହେଁଇଆ ଲାଲକି। ଗୋପର ବାଳକଙ୍କୁ କହେଁଇଆ ପ୍ରତୀକ୍ଷା ଥିବା କ୍ଷେତ୍ର ମିଳିଯିବ। ଯଦି ଧନୀ ମାନି ଜମିଦାରୀ ଭାବନା ଉଙ୍କି ମନରେ ଯୋଜନା ବାନ୍ଧୁଛି ତେବେ ଆଠ ଦିଗରୁ ଅଷ୍ଟମଲ୍ଲ ପ୍ରତୀକ୍ଷିତ ଏହା ବି ବୁଝି ପାରିବେ। ନ ହେଲେ ଆଉ ଏକମାର୍ଗ ଉନ୍ମୁକ୍ତ, ଯାହା ନିଜକୁ ମିଶାଇ ଶହେ ଭାଇ ଶତକଡ଼ା ହାସଲ ଉଦ୍ଦିଷ୍ଟ ଭୂମିରେ ଥିବା ଜନତାଙ୍କୁ ନିଜର ଭାଇ ଭଉଣୀ ବୋଲି କହି ନିଜଆଡୁ ନିଜ ଆୟୋଜନରେ ଭବ୍ୟ ସଭା କରି ଉଦଘୋଷ କରିବା, ପୁଣି ସଭାରେ କାନ୍ଦି କାନ୍ଦି ଭାଷଣରେ ଜନତା ଭୋଗ କରୁଥିବା ସମସ୍ୟାର ବୟାନ କରିବା, ଏସବୁ ରାଜନୀତି ଭୋଜବାଦୀ। ଏସବୁ ସ୍ୱାର୍ଥସିଦ୍ଧିର ଏକ ଏକ ସୋପାନ। ନେତା ତ ନେତା ରାମ ନ ହେଲେ କୃଷ୍ଣ ଇଏ ଏକ ଏକ ଏକକ ଆଦର୍ଶ କୃଷ୍ଣ ଏମିତି ତାକୁ ଶେଷ କରିବାକୁ ଶାସନ ଥିବା ରାଜଶକ୍ତି ବିଭିନ୍ନ ମାରଣ ଶକ୍ତି ପ୍ରୟୋଗ କରି ପାରିନାହିଁ। ଶେଷରେ କପଟରେ ଧରିଆଣି ଏକ ସ୍ପୋର୍ଟ୍ସ ପ୍ରତିଯୋଗିତାରେ ମରାଇବା ପ୍ରକ୍ରିୟା ବୁଦ୍ଧି ଲଗାଇ ପ୍ରଜା ଜନଙ୍କୁ ଦେଖାଇବା ପାଇଁ କୌଶଳ ଆୟୋଜନ କରି ପ୍ରଜାଜନଙ୍କୁ ଭୋଜିରେ ଭୋଜନକୁ ଆମନ୍ତ୍ରଣ କରି ସ୍ପୋର୍ଟ୍ସ ବ୍ୱାହିରେ କୃଷ୍ଣ ଯେ ସର୍ବପ୍ରକାର ବଳବାନ, ଗୋପ ଜନ ଭାବି ନେଇଛନ୍ତି ଭଲ ଦଳପତି ସେ ହେବେ ଆପଦ ବିପଦ ଆତଙ୍କରୁ ଭବିଷ୍ୟତକୁ ବଡ଼ ସାହାରା ହେବେ ଏହା ନିଶ୍ଚିନ୍ତ, ଦିନେ ଏ ପ୍ରବଳ ପ୍ରତାପୀ ହୋଇପାରନ୍ତି। ତାଙ୍କ ପିତୃ ସମ୍ପତ୍ତିକୁ ବଢ଼ାଇବା ସହ ମାତୃଭୂମିର ସୀମାବଦ୍ଧ।ଇ ପାରିବେ। ଏଇ ଭାବନାର ଅନ୍ତ କରିବା ମାନସିକତାରେ ସେ ଦେଶର କେନ୍ଦ୍ର ପ୍ରଶାସକ କଂସ ଏକ କପଟ ଆଚରଣର ପଥଧର, ହୋଇ ମଲ୍ଲ ଯୋଦ୍ଧାଙ୍କ ସାଥିରେ ଦ୍ୱନ୍ଦ୍ୱ ଯୁଦ୍ଧ କରି ତାଙ୍କର ସମର୍ଥକ ପ୍ରଶଂସକ ଆଗରେ କଳବଳ କରି ତାଙ୍କରି ପ୍ରିୟ ଦୁଇ ଭାଇଙ୍କୁ ବିକଳାଙ୍ଗ ବା ଜୀବନରୁ ଶେଷ କରିବା ଭାବନା ଉଦ୍ରେକ କରିବା ଚିନ୍ତାରେ ମନକୁ ଆସିଥିଲା ଗୋପରୁ ଲକ୍ଷେ ଭାର ଦୁଗ୍ଧ ସହ ଗୋପିଜନଙ୍କୁ ଡକାଇ ତାଙ୍କରି ସମ୍ମୁଖରେ ମଲ୍ଲଯୁଦ୍ଧର ପ୍ରଦର୍ଶନ କରାଇ କାମ ଫତେ କରିବା ଓ ରାଜବଳ ଆଗରେ ପ୍ରଜାର ଭାବନା କେମକିତି ଓଲଟ ପାଲଟ ହୋଇପାରେ ଏହା ଚେତେଇଦେବା। ଲକ୍ଷେ ଭାର ବିନା ବାହୁଙ୍ଗୀରେ ବିନା ଲକ୍ଷେ ଲୋକରେ ଆସିବା ସମ୍ଭବ ନୁହେଁ, ରାଜଶକ୍ତିର କଟୁଆଳ ଓ ସେନାଶକ୍ତିଙ୍କୁ ଆଦେଶ। ଉଦ୍ଦିଷ୍ଟ ସ୍ଥାନକୁ ଭାରସହ ଭାରୁଆଙ୍କୁ ପ୍ରବେଶ, ବାହୁଙ୍ଗୀ ଏକ ଆୟୁଧ ହୋଇପାରେ ଏ ଭାବନା କଟୁଆଳ ସେନା ମୁଖ୍ୟମାନେ ବୁଝି ପାରିନଥିଲେ ଏମିତିକି ଖୋଦ ରାଜା କଂସ ବୁଝିବି ନଥିଲେ ମଲ୍ଲ ଯୁଦ୍ଧରେ ରାଜପକ୍ଷ ମଲ୍ଲ ଚିତପଟାଙ୍ଗ ହେବା ବେଳେ ଗୋପ ଜନଙ୍କ ବୋଧ ହେଲା ଏ ରାଜ ଚକ୍ରାନ୍ତ ଆକ୍ରୋଶ ରଖି ପେଶାଦାର ମଲ୍ଲଙ୍କ ସହ ଦୁଇ କିଶୋରଙ୍କୁ ଯୁଦ୍ଧ ଲଗାଇ ପଥ ନିଷ୍କଣ୍ଟକ କଂସ ଚାହୁଁଥିଲେ। ତାଙ୍କର ଏବିଦ୍ଧ ନଷ୍ଟ ଦରକାର ଆରମ୍ଭ ହୋଇଥିଲା ଗୋଳ ବାହୁଙ୍ଗୀ ମାଡ଼ରେ ସେନାପୁଲିଶ ଛିନଛତ୍ର କଂସଙ୍କ କଳ୍ପିତ ପରିବେଶର ଛତ୍ର ଭଙ୍ଗ ହାହୁତାଶରେ କଂସ ସିଂହାସନରୁ ଟଳି ପଡ଼ିଲେ। ଧର୍ମପଥ ହୁଡ଼ାମାନେ ଏହା ହିଁ ଭୋଗନ୍ତି। ଦମ୍ଭ ପାଇଁ ପଦବୀ ବଳ ନୁହେଁ, ଧର୍ମ ବଳ ଦରକାର, ଜନସନ୍ତୋଷ ଦରକାର।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩



# ଇନ୍ଦୋରରେ ନୂଆ ୨୦ ଡାଇରିଆ ରୋଗୀ ଚିହ୍ନଟ

**ନୂଆଦିଲ୍ଲୀ,୫।୧(ଏଜେନ୍ସି):** ଇନ୍ଦୋରରେ ଆଉ ୨୦ ଜଣ ଡାଇରିଆ ରୋଗୀ ଚିହ୍ନଟ । ଇନ୍ଦୋର ଭଗୀରଥପୁର ଅଞ୍ଚଳରେ ପାଇପ୍ ଯୋଗେ ଯୋଗାଇ ଦିଆଯାଇଥିବା ଦୂଷିତ ପାଣି ପିଇ ଏପର୍ଯ୍ୟନ୍ତ ୬ ଜଣଙ୍କ ମୃତ୍ୟୁ ହୋଇଥିବା ସରକାରୀ ଭାବେ କୁହାଯାଉଛି । ଏବେବି ୧୪୨ ଜଣ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି । ଦୂଷିତ ପାଣି ପିଇ ମୋଟ୍ ୩୯୮ ଜଣ ହସପିଟାଲରେ ଭର୍ତ୍ତି ହୋଇଥିଲେ ।୧୪୨ ଜଣ ଚିକିତ୍ସାଧୀନ ଥିବା ବେଳେ ଅନ୍ୟମାନେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ୧୧ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଆଇସିୟୁରେ ଚିକିତ୍ସା କରାଯାଉଛି ।ଭଗୀରଥପୁର



ଅଞ୍ଚଳରେ ସ୍ୱାସ୍ଥ୍ୟ ଟିମ୍ ୯ ହଜାରରୁ ଅଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ସେମାନଙ୍କ ମଧ୍ୟରେ ୨୦ ଜଣ ଡାଇରିଆରେ ଆକ୍ରାନ୍ତ ହୋଇଥିବା ଚିହ୍ନଟ କରାଯାଇଛି ।ନର୍ମଦା ନଦୀରୁ ଇନ୍ଦୋରକୁ ଯୋଗାଣ ହେଉଥିବା ପାଇପ୍ ଲାଇନ୍ ଉପରେ ଏକ ପାଇଖାନା ନିର୍ମାଣ ହୋଇଥିବାରୁ ସେଥିରୁ ଦୂଷିତ ପାଣି ନିର୍ଗତ ହୋଇ ପାଇପ୍ ପାଣିରେ ମିଶିଥିଲା । ଏହା ଜଣାପଡ଼ିବା ପରେ ପ୍ରତିକାର ପଦକ୍ଷେପ ନିଆଯାଇଛି ।ଲୋକଙ୍କୁ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଇ ଦିଆଯାଉଛି ।

# ରାହୁଲ-ରେବନ୍ତଙ୍କୁ ଫାଶୀ ଦିଆଯିବା ଉଚିତ

**ନୂଆଦିଲ୍ଲୀ,୫।୧(ଏଜେନ୍ସି):** ରାହୁଲ-ରେବନ୍ତଙ୍କୁ ଫାଶୀ ଦେଇଦେବା ଉଚିତ । ଏଭଳି କହି ବିବାଦରେ ଭାରତ ରାଷ୍ଟ୍ର ସମିତି ନେତା ତଥା ପୂର୍ବତନ ମନ୍ତ୍ରୀ କେ.ଟି. ରାମା ରାଓ । ସେ କଂଗ୍ରେସ ଦଳ ଏବଂ ଏହାର ନେତାମାନଙ୍କୁ ଟାର୍ଗେଟ କରି ଏଭଳି ବୟାନ ଦେଇଛନ୍ତି । ନିର୍ବାଚନ ବେଳେ ଦେଇଥିବା ପ୍ରତିଶ୍ରୁତିକୁ କଂଗ୍ରେସ ପୂରଣ କରୁନଥିବାରୁ ସେ ଦଳକୁ ସମାଲୋଚନା କରିଛନ୍ତି । କେ.ଟି.ଆର. ଅଭିଯୋଗ କରିଛନ୍ତି ଯେ, କଂଗ୍ରେସ ନିର୍ବାଚନ ସମୟରେ ଜନସାଧାରଣଙ୍କୁ ଅନେକ ବଡ଼ ବଡ଼ ପ୍ରତିଶ୍ରୁତି ଦେଇଥିଲା । କିନ୍ତୁ କ୍ଷମତାକୁ ଆସିବା ପରେ ସେଗୁଡ଼ିକୁ ପୂରଣ କରିବାରେ ବିଫଳ ହୋଇଛି । କଂଗ୍ରେସ ୨୦୦,୦୦୦ ଟଙ୍କିରି, ଋଷୀଙ୍କ ପାଇଁ ଋଣ ଛାଡ ଏବଂ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣ ପ୍ରତିଶ୍ରୁତି ଦେଇଥିଲା । କିନ୍ତୁ ଏହି ପ୍ରତିଶ୍ରୁତିଗୁଡ଼ିକ ମଧ୍ୟରୁ ଗୋଟିଏ ମଧ୍ୟ ପୂରଣ ହୋଇନାହିଁ । ତାଙ୍କ ବିବୃତ୍ତିରେ KTR



କହିଛନ୍ତି, ରାହୁଲ ଗାନ୍ଧୀଙ୍କୁ ଅଶୋକ ନଗର ଛକରେ ଫାଶି ଦିଆଯିବା ଉଚିତ । କାରଣ ସେ ୨୦୦,୦୦୦ ଟଙ୍କିରି ପ୍ରତିଶ୍ରୁତି ଦେଇ ପୂରଣ କରିନଥିଲେ । କୃଷକଙ୍କ ପାଇଁ ଋଣ ଛାଡ଼ ପ୍ରତିଶ୍ରୁତି ପୂରଣ କରିନଥିବାରୁ ତାଙ୍କୁ ୱାରଙ୍ଗଲରେ ଫାଶି ଦିଆଯିବା ଉଚିତ । ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣ ପ୍ରତିଶ୍ରୁତି ପୂରଣ କରିନଥିବାରୁ ରାହୁଲ ଗାନ୍ଧୀ ଏବଂ ରେଓ୍ୱନ୍ତ ରେଡ୍ଡୀଙ୍କୁ କାମାରେଡ୍ଡୀରେ ଫାଶି ଦିଆଯିବା ଉଚିତ । ଯଦି ପ୍ରତ୍ୟେକ ଅପୂରଣୀୟ ରହିଥିବା ପ୍ରତିଶ୍ରୁତି ପାଇଁ ଫାଶି ଦିଆଯାଏ, ତେବେ କଂଗ୍ରେସକୁ ୪୨୦ଥର ଫାଶି ଦେବାକୁ ପଡିବ । KTR ଏହି ବିବୃତ୍ତି ରାଜ୍ୟରେ ରାଜନୈତିକ ତାପମାତ୍ରା ବୃଦ୍ଧି କରିଛି । ସୋସିଆଲ ମିଡିଆରେ ମଧ୍ୟ ଲୋକେ ଏହା ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି । ତେଲେଙ୍ଗାନାରେ କଉଜଙ୍କ ଭାରତ ରାଷ୍ଟ୍ର ସମିତିକୁ ପରାସ୍ତ କରି କଂଗ୍ରେସ ନିର୍ବାଚନ ଜିତିଥିଲା । ହେଲେ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିନଥିବାରୁ ଏବେ ବର୍ଷିଛନ୍ତି କେଟିଆର ।

# ରାମ ରହିମଙ୍କୁ ମିଳିଲା ପୁଣି ପାରୋଲ

**ନୂଆଦିଲ୍ଲୀ,୫।୧(ଏଜେନ୍ସି):** ପୁଣି ଜେଲରୁ ବାହାରିଛନ୍ତି ଡେରା ସଚ୍ଚା ସୌଦା ମୁଖ୍ୟ ଗୁରମୀତ ରାମ ରହିମ । ଯୌନ ଶୋଷଣ ଏବଂ ସାମ୍ବାଦିକଙ୍କୁ ହତ୍ୟା ମାମଲାରେ ଜେଲ ଦଣ୍ଡାଦେଶ ଭୋଗୁଛନ୍ତି । ରୋହତକର ସୁନାରିଆ ଜେଲରୁ ପାରୋଲରେ ବାହାରିଛନ୍ତି । ୧୫ଥର ପାଇଁ ସେ ପାରୋଲରେ ବାହାରିଥିବାବେଳେ ଏଥରକ ୪୦ଦିନ ପାଇଁ ବାହାରିଛନ୍ତି । ଯାହାକୁ ମଞ୍ଜୁର କରିଛନ୍ତି ହରିୟାଣା ସରକାର । ୨୦ ବର୍ଷ ଜେଲ ଦଣ୍ଡ ଭୋଗୁଥିବା ଗୁରମିତ ରାମ ରହିମଙ୍କ ପାରୋଲ ମଞ୍ଜୁରକୁ ନେଇ ଏବେ ସାଧାରଣରେ ଅସନ୍ତୋଷ ଦେଖା ଦେଇଥିବାବେଳେ ପ୍ରଶ୍ନ କରିଛି କଂଗ୍ରେସ । କଂଗ୍ରେସ ବିଧାୟକ ପରଗତ ସିଂ ହରିୟାଣା ସରକାରଙ୍କୁ ପ୍ରଶ୍ନ କରିଛନ୍ତି । ସେ କହିଛନ୍ତି ବିଭିନ୍ନ ଅଭିଯୋଗରେ ଏବେ ମଧ୍ୟ ତାଙ୍କ ବିରୋଧରେ ମାମଲା ଋଲିଛି । ମାତ୍ର ବାରମ୍ବାର କାହିଁକି ପାରୋଲରେ ଛଡ଼ାଯାଉଛି । ଏତେଥର ପାରୋଲରେ ଛାଡ଼ିବା ପଛରେ କଣ କାରଣ ରହିଛି ବୋଲି ମଧ୍ୟ ସେ ପ୍ରଶ୍ନ କରିଛନ୍ତି । କହି ରଖୁଛୁ କି, ଜଣେ ସାଧ୍ୱୀଙ୍କୁ ଯୌନ ଶୋଷଣ ମାମଲାରେ ଜେଲରେ ରହିଛନ୍ତି । ଏହାସହ ସାମ୍ବାଦିକ ରାମଚନ୍ଦ୍ର ଛତ୍ରପତିଙ୍କ ହତ୍ୟା ଅଭିଯୋଗ ମଧ୍ୟ ତାଙ୍କ ନାମରେ ରହିଛି । ୨୫ ଅଗଷ୍ଟ ୨୦୧୭ ମସିହାରୁ ସେ ଜେଲରେ ରହିଛନ୍ତି । ନିର୍ବାଚନ ସମୟରେ ତାଙ୍କୁ ପାରୋଲରେ ଛଡ଼ା ଯାଇଥିବାବେଳେ ଏହାକୁ ନେଇ ବେଶ ଚର୍ଚ୍ଚା ମଧ୍ୟ ହୋଇଥିଲା । ଏହା ପୂର୍ବରୁ ଗତ ବର୍ଷ ଅଗଷ୍ଟରେ ରାମ ରହିମ ୪୦ ଦିନିଆ ପାରୋଲରେ ବାହାରକୁ ଆସିଥିଲେ । ଏହି ସମୟରେ ସେ ଡେରା ମୁଖ୍ୟାଳୟରେ ସତସଙ୍ଗ ଓ ପ୍ରବଚନ ଦେଇଥିଲେ । ଗୁରମୀତ ରାମ ରହିମଙ୍କୁ ୨୦୧୭ରେ ଦୁଇ ସାଧ୍ୱୀଙ୍କୁ ବଳାତ୍କାର କରିବା ମାମଲାରେ ୨୦ ବର୍ଷ ଜେଲ୍ ଦଣ୍ଡ ହୋଇଥିଲା ।

# ପିଓକେ ସମେତ ପୂରା ଜମ୍ମୁକାଶ୍ମୀର ଭାରତର

**ନୂଆଦିଲ୍ଲୀ,୫।୧(ଏଜେନ୍ସି):** ବ୍ରିଟିଶ ସାଂସଦ ବବ୍ ବ୍ଲାକମ୍ୟାନ୍ ଜମ୍ମୁ ଓ କାଶ୍ମୀରକୁ ନେଇ ଭାରତକୁ ଦେଉଥିବା ସମର୍ଥନକୁ ସେ ପୁଣି ଏବେ ଦୋହରାଇଛନ୍ତି । ବ୍ଲାକମ୍ୟାନ୍ ପାକିସ୍ତାନର ପିଓକେକୁ ଅବୈଧ ଦଖଲ ବୋଲି କହିଛନ୍ତି । ସମଗ୍ର ଜମ୍ମୁ ଓ କାଶ୍ମୀରକୁ ଭାରତ ସହିତ ପୁନଃ ମିଶ୍ରଣ କରାଯିବା ଉଚିତ । ସେ କହିଛନ୍ତି ଯେ, ଧାରା ୩୭୦ ରଦ୍ଦ କରିବା ପାଇଁ ତାଙ୍କର ଦାବି ତିନି ଦଶନ୍ଧିରୁ ଅଧିକ ପୁରୁଣା ଏବଂ ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାରଙ୍କ ୨୦୧୯ ନିଷ୍ପତ୍ତି ସହିତ ଜଡିତ ନୁହେଁ । ଜୟପୁରର କନଷ୍ଟିଚ୍ୟୁସନାଲ୍ କ୍ଲବରେ ଏକ ହାଇ-ଟି କାର୍ଯ୍ୟକ୍ରମରେ ଭାଷଣ ଦେଇ ବ୍ଲାକମ୍ୟାନ୍ ଏହା କହିଛନ୍ତି । ବବ୍ ବ୍ଲାକମ୍ୟାନ କହିଛନ୍ତି କି, ମୁଁ ସେତେବେଳେ କେବଳ ଧାରା ୩୭୦କୁ ଉଚ୍ଛେଦ କରିବାକୁ କହିନଥିଲି, ଯେତେବେଳେ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ଘୋଷଣାପତ୍ରରେ ଏହାକୁ ଅନ୍ତର୍ଭୁକ୍ତ କରିଥିଲେ ଏବଂ କାର୍ଯ୍ୟକାରୀ କରିଥିଲେ । ମୁଁ ୧୯୯୨ ରେ ଏହା ବିଷୟରେ କହିଥିଲି, ଯେତେବେଳେ କାଶ୍ମୀର ପଣ୍ଡିତ ମାନଙ୍କୁ ଜମ୍ମୁ ଓ କାଶ୍ମୀରରୁ ବିତାଡିତ କରାଯାଇଥିଲା । ସେହି ସମୟରେ ତାଙ୍କର ସକ୍ରିୟତାକୁ ମନେ ପକାଇ ବ୍ରିଟିଶ ସାଂସଦ କହିଛନ୍ତି ଯେ, ବ୍ରିଟେନରେ ବିସ୍ଥାପିତ ସମ୍ପ୍ରଦାୟ ଦ୍ୱାରା ସମ୍ମୁଖୀନ ହେଉଥିବା



ଅନ୍ୟାୟ ପ୍ରତି ଦୃଷ୍ଟି ଆକର୍ଷଣ କରିବା ପାଇଁ ପ୍ରୟାସ କରାଯାଇଥିଲା । ବ୍ଲାକମ୍ୟାନ୍ କହିଛନ୍ତି, ଆମେ ସେହି ସମୟରେ ଏକ ବଡ଼ ସଭା କରି ଲୋକଙ୍କୁ କହିବାକୁ ଋହୁଁଥିଲୁ ଯେ ଏହା ଭୁଲ, ଏହା ଅନ୍ୟାୟ, କେବଳ ସେମାନଙ୍କ ଧର୍ମ ଯୋଗୁଁ ଲୋକଙ୍କୁ ସେମାନଙ୍କ ପୈତୃକ ଘରରୁ ବିତାଡ଼ିତ କରାଯାଉଥିଲା ।
ବ୍ରିଟିଶ ସାଂସଦ କହିଛନ୍ତି ଯେ, ସେ ଏହି ଅଞ୍ଚଳରେ ଆତଙ୍କବାଦକୁ ନିନ୍ଦା କରିଆସିଛନ୍ତି ଏବଂ ଜମ୍ମୁ କାଶ୍ମୀରର କିଛି ଅଂଶ ଉପରେ ପାକିସ୍ତାନର ନିୟନ୍ତ୍ରଣକୁ ସମାଲୋଚନା କରିଛନ୍ତି । ମୁଁ କେବଳ ଘଟୁଥିବା ଆତଙ୍କବାଦକୁ ନିନ୍ଦା କରିନାହିଁ, ବରଂ ଜମ୍ମୁ କାଶ୍ମୀର ରାଜ୍ୟର କିଛି ଅଂଶ ଉପରେ ପାକିସ୍ତାନର ଅବୈଧ ଦଖଲକୁ ମଧ୍ୟ ନିନ୍ଦା କରିଛି, ବ୍ଲାକମ୍ୟାନ୍ କହିଥିଲେ । ମୁଁ ଆରମ୍ଭରୁ କହିଆସିଛି ଯେ ସମଗ୍ର ଜମ୍ମୁ କାଶ୍ମୀର ରାଜ୍ୟକୁ ଭାରତୀୟ ଶାସନ ଅଧୀନରେ ପୁନଃସଂଯୋଗ କରାଯିବା ଉଚିତ । ବ୍ଲାକମ୍ୟାନ୍ ପହଲଗାମରେ ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ ନିନ୍ଦା କରିଛନ୍ତି, ଯେଉଁଥିରେ ୨୬ ଜଣ ଲୋକ ପ୍ରାଣ ହରାଇଥିଲେ । ସେହି ସମୟରେ X ରେ ଏକ ପୋଷ୍ଟରେ, ସାଂସଦ କହିଥିଲେ ଯେ ସେ ଏହି ଆକ୍ରମଣରେ ମର୍ମାହତ, ଯାହା ନିର୍ଦ୍ଦୋଷ ଲୋକଙ୍କ ଜୀବନ ନେଇଥିଲା । ସେ କହିଛନ୍ତି ଯେ ସେବେ ଠାରୁ ଶାନ୍ତି ପୁନଃସ୍ଥାପିତ ହୋଇଥିବାରୁ ସେ ଆଶ୍ୱସ୍ତ, କିନ୍ତୁ ପରିସ୍ଥିତି ଦୁର୍ବଳ ରହିଛି । ସେ ୟୁକେ ସରକାରଙ୍କୁ ଆତଙ୍କବାଦ ବିରୁଦ୍ଧରେ ଭାରତ ସହିତ ଦୃଢ଼ ଭାବରେ ଠିଆ ହେବାକୁ ଅନୁରୋଧ କରିଥିଲେ, କାରଣ ନୂଆଦିଲ୍ଲୀ ପାଶ୍ଚାତ୍ୟ ଦେଶଗୁଡ଼ିକ ସହିତ ଘନିଷ୍ଠ ସୁରକ୍ଷା ସହଯୋଗ ଋହୁଁଛି ।

## କାଳ ସାଜୁଛି କୁହୁଡ଼ି: ଅନେକ ସ୍ଥାନରେ ବିମାନ ଯାତ୍ରା ବିଳମ୍ବ

**ନୂଆଦିଲ୍ଲୀ,୫।୧(ଏଜେନ୍ସି):** ବିମାନ ଯାତ୍ରା ପାଇଁ କାଳ ସାଜୁଛି କୁହୁଡ଼ି । ଆଜି ବି ଘନ କୁହୁଡ଼ି, କମ୍ ଦୃଶ୍ୟମାନ ହେବା ଏବଂ ତୁଷାରପାତ ସମେତ ଅନେକ ପ୍ରତିକୂଳ ପାଗ ଯୋଗୁଁ ଭାରତର ବିଭିନ୍ନ ସ୍ଥାନରେ ବିମାନ ଚଳାଚଳ ପ୍ରଭାବିତ । ଯାହା ଫଳରେ ଅନେକ ବିମାନ ବିଳମ୍ବ ଏବଂ ବାତିଲ ହୋଇଛି । ଯଦ୍ୱାରା ଯାତ୍ରୀମାନେ ଅପେକ୍ଷା କରି କରି ବିରକ୍ତ ହୋଇଛନ୍ତି । ତୁଷାରପାତ ଯୋଗୁଁ ଲେହକୁ ଏବଂ ଲେହରୁ ବିମାନ ଚଳାଚଳ ବନ୍ଦ ହୋଇଛି । ଇଣ୍ଡିଗୋ ଏକ ଟ୍ରାଭେଲ ଆଡଭାଇଜରି ଜାରି କରି କହିଛି ଯେ ତୁଷାରପାତ ଯୋଗୁଁ ଲେହ ବିମାନବନ୍ଦରରେ ବିମାନ ଚଳାଚଳକୁ ଅସ୍ଥାୟୀ ଭାବରେ ବନ୍ଦ ରଖାଯାଇଛି । ଉଡ଼ାଣ ଏବଂ ଅବତରଣ ଉଭୟ ପ୍ରଭାବିତ ହୋଇଥିଲା । ଯାହା ଫଳରେ ବିମାନରେ ଏବଂ ବିମାନବନ୍ଦରରେ ଅପେକ୍ଷା ଯାତ୍ରୀମାନେ ଅଧିକ ସମୟ ଧରି ଅପେକ୍ଷା କରିଛନ୍ତି । ସେପଟେ ବିମାନ ସେବା ଯୋଗାଉଥିବା ଅନ୍ୟ କମ୍ପାନୀ ଗୁଡିକର ବିମାନ ମଧ୍ୟ କେତେକ ସ୍ଥାନରେ କୁହୁଡି ପାଇଁ ବିଳମ୍ବ ହୋଇଥିବା ସୂଚନା ରହିଛି ।

# ଜେଡି ଭାନ୍ସଙ୍କ ଘର ଉପରେ ଆକ୍ରମଣ

**ନୂଆଦିଲ୍ଲୀ,୫।୧(ଏଜେନ୍ସି):** ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ଓହାୟୋ ସ୍ଥିତ ନିବାସ ଉପରେ ଆକ୍ରମଣ ହେବାର ଖବର ଆସିଛି । ସିଏନଏନର ରିପୋର୍ଟ ମୁତାବିକ , ଜଣେ ବ୍ୟକ୍ତି ହଠାତ ଘର ଭିତରେ ପଶି ଭଙ୍ଗାରୁଜା କରିଥିଲା । ହେଲେ ଏହି ସମୟରେ ଭାନ୍ସ ସେଠାରେ ଉପସ୍ଥିତ ନଥିଲେ । ସନ୍ଦିଗ୍ଧକୁ ତୁରନ୍ତ ହେପାଜତକୁ ନିଆଯିବା ସହ ତାକୁ ପଚରାପଚରି କରାଯାଉଛି ।ପ୍ରାରମ୍ଭିକ ରିପୋର୍ଟ ମୁତାବିକ, ଭାନ୍ସଙ୍କ ଘରର ଝରକା ଗୁଡ଼ିକ ଭାଙ୍ଗି ଯାଇଛି । ଯାଞ୍ଚ ଏଜେନ୍ସି ଘଟଣା ବିଷୟରେ ଜାଣିବାକୁ ଚେଷ୍ଟା ଚଳାଇଛନ୍ତି ଯେ , ଆକ୍ରମଣକାରୀ କେଉଁ ଉଦ୍ଦେଶ୍ୟରେ ଏହି ଆକ୍ରମଣ କରିଛି । ସେ ଜେଡି ଭାନ୍ସଙ୍କୁ



କିମ୍ବା ତାଙ୍କ ପରିବାରର କୌଣସି ସଦସ୍ୟଙ୍କୁ ଟାର୍ଗେଟ୍ କରିବାକୁ ଋହୁଁ ଥିଲା କି ? ଏହା ବିଷୟରେ ଜାଣିବା ପାଇଁ ଜୋରଦାର ଉଦ୍ୟମ ଋଲିଛି । ଜେଡି ଭାନ୍ସଙ୍କର ଏହି ଘର ୱାଶିଂଟନ ଡିସିର ବାହ୍ୟ ଅଞ୍ଚଳରେ ଅବସ୍ଥିତ । ପୁଲିସ ସୂତ୍ରାନୁସାରେ , ରାତିରେ ସମୟ ପ୍ରାୟ ୧୨ଟାରେ ଜଣେ ବ୍ୟକ୍ତିକୁ ତାଙ୍କ ନିବାସ ଆଡ଼କୁ ଯିବାର ଦେଖାଯାଇ ଥିଲା । ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ, ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣ ଓ ରାଷ୍ଟ୍ରପତି ମାଦୁରୋଙ୍କୁ ଗିରଫ କରିବା କାରଣରୁ ମଧ୍ୟ ଏହିପରି ଆକ୍ରମଣ ହୋଇ ଥାଇ ପାରେ ।ସ୍ଥାନୀୟ ମିଡ଼ିଆ ମୁତାବିକ , ଜେଡି ଭାନ୍ସ ଏହି ସମୟରେ ଫ୍ଲୋରିଡାରେ ଅଛନ୍ତି । କିଛି ସମୟ ପାଇଁ ସେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଗୋଲ୍ଫ କ୍ଲବରେ ମଧ୍ୟ ଥିଲେ । ଭାନ୍ସ ଓ ଡୋନାଲ୍ଡ ଟ୍ରମ୍ପ ଭେନେଜୁଏଲା ଉପରେ କବଜାକୁ ନେଇ ଆଲୋଚନା କରିଥିଲେ । ଅପରେସନ ପରେ ଭାନ୍ସ କହିଥିଲେ ଯେ, ଆମେରିକା ମାଦୁରୋଙ୍କୁ କ୍ଷମତା ଛାଡ଼ିବାକୁ ଅନେକ ରାସ୍ତା ଦେଇଥିଲା, କିନ୍ତୁ ସେ ଏଡେଇ ଦେଇଥିଲେ ଫକହି ରଖୁଛି କି , ଜେଡି ଭାନ୍ସ ଆମେରିକାର ୫୦ତମ ଉପରାଷ୍ଟ୍ରପତି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଗତ ବର୍ଷ ସେ ପ୍ରଥମ ଥର ଉପରାଷ୍ଟ୍ରପତି ପଦର ଶପଥ ନେଇଥିଲେ । ତାଙ୍କର ପତ୍ନୀ ଉଷା ଚିଲୁକୁରୀ ଭାନ୍ସ ଭାରତୀୟ ବଂଶୋଦ୍ଭବ ଅଟନ୍ତି ।

# ଆଜମେରରେ ଋଦର ଚଢାଇବା ବିରୋଧ ଆବେଦନ ଖାରଜ

**ନୂଆଦିଲ୍ଲୀ,୫।୧(ଏଜେନ୍ସି):** ସୋମବାର ସୁପ୍ରିମକୋର୍ଟ ଆଜମେର ସରିଫ ଦରଘାରେ ବାର୍ଷିକ ଉର୍ସ ସମୟରେ ସୁଫି ସନ୍ଥ ଖ୍ୱାଜା ମୋଇନୁଦ୍ଦିନ ଚିସ୍ତିଙ୍କ ସମାଧିରେ ଆନୁଷ୍ଠାନିକ ଭାବେ କେନ୍ଦ୍ର ସରକାର ଏବଂ ପ୍ରଧାନମନ୍ତ୍ରୀଙ୍କୁ ଋଦର ଚଢାଇବାକୁ ନିଷେଧ କରିବା ପାଇଁ ଏକ ଆବେଦନକୁ ଖାରଜ କରିଦେଇଛନ୍ତି । କୋର୍ଟ କହିଛନ୍ତି, ଆବେଦନ ନ୍ୟାୟସଙ୍ଗତ ନୁହେଁ । ପ୍ରଧାନ ବିଋରପତି(ସିଜେଆଇ) ସୂର୍ଯ୍ୟକାନ୍ତ ଏବଂ ବିଋରପତି ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ କହିଛନ୍ତି, ଆମ ମତରେ, ଏହି ଆବେଦନରେ ଉଠାଯାଇଥିବା ପ୍ରସଙ୍ଗଗୁଡ଼ିକ ନ୍ୟାୟସଙ୍ଗତ ନୁହେଁ । ତେଣୁ ଆବେଦନକୁ ଖାରଜ କରାଯାଉଛି । ଏକ ସଂକ୍ଷିପ୍ତ ଶୁଣାଣି ପରେ ମାମଲାକୁ ଖାରଜ କରାଯାଇଥିଲା । ବିଶ୍ୱ ବୈଦିକ ସନାତନ ସଂଘର ସଭାପତି ଜିତେନ୍ଦ୍ର ସିଂହଙ୍କ ଦ୍ୱାରା ଆଇନଜୀବୀ ବରୁଣ କୁମାର ସିହ୍ନାଙ୍କ ମାଧ୍ୟମରେ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇଥିଲା । ଏଥିରେ ଆଜମେର ସରିଫ ଦରଘାରେ ଚାଇବା ପାଇଁ ଋଦର ଅର୍ପଣ ବନ୍ଦ କରିବା ଲାଗି ପ୍ରଧାନମନ୍ତ୍ରୀଙ୍କ ସମେତ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଦାବି କରାଯାଇଥିଲା, କାରଣ ଏପରି ପ୍ରଥା



ଲୋକଙ୍କ ଇଚ୍ଛା, ଦେଶର ସାର୍ବଭୌମତ୍ୱ ଏବଂ ସମ୍ବିଧାନର ମୂଲ୍ୟବୋଧ ବିରୋଧରେ ବୋଲି ଉଲ୍ଲେଖ କରାଯାଇଥିଲା । ଶୁଣାଣି ସମୟରେ ଆଇନଜୀବୀ ବରୁଣ ସିହ୍ନା କହିଥିଲେ ଯେ, ଆବେଦନଟି ଖ୍ୱାଜା ମୋଇନୁଦ୍ଦିନ ଚିସ୍ତିଙ୍କୁ ଦିଆଯାଉଥିବା ସରକାରୀ ସମ୍ମାନ, ସରକାରୀ ସୁରକ୍ଷା ଏବଂ ପ୍ରତୀକାତ୍ମକ ମାନ୍ୟତା ଉପରେ ପ୍ରଶ୍ନ ଉଠାଇଛି । ସେ ଯୁକ୍ତି ଦେଇଥିଲେ, ସମ୍ବିଧାନର ଧାରା ୨୬ ଅନୁଯାୟୀ ଆଜମେର ଦରଗା ଏକ ସୁରକ୍ଷିତ ଧାର୍ମିକ ସ୍ଥଳ ଭାବରେ ଯୋଗ୍ୟ ନୁହେଁ । ସେ ୧୯୬୧ ମସିହାର ଦରଘା କମିଟି, ଆଜମେର ଏବଂ ଅନ୍ୟାନ୍ୟ ବନାମ ସୟଦ ହୁସେନ ଅଲି ଏବଂ ଅନ୍ୟାନ୍ୟ ମାମଲାରେ ସମ୍ବିଧାନ ପୀଠର ରାୟର ଉଦାହରଣ ଦେଇଥିଲେ । କୋର୍ଟ ସ୍ପଷ୍ଟ କରିଛନ୍ତି, ବର୍ତ୍ତମାନର ଆବେଦନ ଖାରଜ ହେବା ଦ୍ୱାରା ଆଜମେର କୋର୍ଟରେ ବିଋରାଧୀନ ସିଭିଲ୍ ମାମଲା ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ । ସୁପ୍ରିମକୋର୍ଟ ଏହି ଆବେଦନକୁ ତୁରନ୍ତ ତାଲିକାଭୁକ୍ତ କରିବାକୁ ମନା କରିବାର ମାତ୍ର ସପ୍ତାହ ପରେ ଏହି ରାୟ ଆସିଛି । ଆଜମେର ଶରିଫ୍ ଦରଘାର ୮୧୪ତମ ବାର୍ଷିକ ଉର୍ସ ପୂର୍ବରୁ ଏହାକୁ ଡିସେମ୍ବର ୨୨ ତାରିଖରେ ଏକ ଜରୁରୀ ଶୁଣାଣି ପାଇଁ ଦାଖଲ କରାଯାଇଥିଲା ।

# ଭାରତରେ ବାଂଲାଦେଶ-ନେପାଳ ଭଳି ପରିସ୍ଥିତି ସୃଷ୍ଟି ଷଡ଼ଯନ୍ତ୍ର

**ନୂଆଦିଲ୍ଲୀ,୫।୧(ଏଜେନ୍ସି):** ଭାରତୀୟ ଗୁଇନ୍ଦା ସଂସ୍ଥାଗୁଡ଼ିକ ପାକିସ୍ତାନର ଗୁଇନ୍ଦା ସଂସ୍ଥା ISI ସମ୍ପର୍କରେ ଏକ ବଡ଼ ଚେତାବନୀ ଜାରି କରିଛନ୍ତି । ISI ଭାରତରେ ନିଜର ଗୁପ୍ତଚର ନେଟୱାର୍କ ବିସ୍ତାର କରିବାକୁ ଚେଷ୍ଟା କରୁଛି । ଏହାର ସଙ୍କେତ ଅନେକ କ୍ଷେତ୍ରରେ ମିଳିଛି । ପାକିସ୍ତାନ ଭାରତ ବିରୋଧରେ ଏକ ବଡ଼ ଧରଣର ପ୍ରଋର ଅଭିଯାନର ମଧ୍ୟ ଷଡଯନ୍ତ୍ର କରୁଛି । ଏଥିରେ ଭାରତୀୟ ସଶସ୍ତ୍ର ବାହିନୀକୁ ବଦନାମ କରିବା ପାଇଁ ପ୍ରୟାସ କରାଯାଉଛି । ଭାରତୀୟ ପ୍ରତିରକ୍ଷା ଗବେଷଣା ଶାଖା ରିପୋର୍ଟ ସୂଚିତ କରୁଛି ଯେ, ISI ଆଉ କେବଳ ସୀମା ପାର ଆତଙ୍କବାଦୀ ପଠାଇବା ଉପରେ ନିର୍ଭର କରିବାକୁ ଋହୁଁନାହିଁ । ଏହାର ଲକ୍ଷ୍ୟ ହେଉଛି ଭାରତରେ ହିଂସା ଏବଂ ଅସ୍ଥିରତାର ଏକ ଘରୋଇ ପରିବେଶ ସୃଷ୍ଟି କରିବା । ଯାହା ଦ୍ୱାରା ISI ଭାରତରେ ଘଟୁଥିବା ଘଟଣାରୁ ନିଜକୁ ଦୂରେଇ ରଖିଥିବା ଦେଖାଇ ପାରିବ । ISI ଭାରତରେ ସରକାରୀ ନୀତି ବିରୋଧରେ ପ୍ରତିବାଦ କରିବା ପାଇଁ ବ୍ୟକ୍ତି ଏବଂ ସଂଗଠନଗୁଡ଼ିକୁ ଉସୁକାଇବା ପାଇଁ ଏକ ଷଡ଼ଯନ୍ତ୍ର ରଚୁଛି । ଏହି ପ୍ରତିବାଦଗୁଡ଼ିକୁ ହିଂସାରେ ପରିଣତ କରିବାର ଯୋଜନା ମଧ୍ୟ କରାଯାଉଛି । ଫରିଦାବାଦରେ ସମ୍ପ୍ରତି ଗିରଫ ହୋଇଥିବା ଘରୋଇ ଆତଙ୍କବାଦୀ ମଡ୍ୟୁଲକୁ ଏହି ଷଡ଼ଯନ୍ତ୍ରର ଏକ ଅଂଶ ବୋଲି ବିବେଚନା କରାଯାଉଛି । ଅପରେସନ୍ ସିନ୍ଦୂର ପରେ, ଅନେକ ପାକିସ୍ତାନୀ ଆତଙ୍କବାଦୀ ନେଟୱାର୍କ ଦୁର୍ବଳ ହୋଇଯାଇଛି । କଡ଼ା ସୁରକ୍ଷା ଯୋଗୁ ଅନୁପ୍ରବେଶ କଷ୍ଟକର ହୋଇପଡ଼ିଛି । ଫଳସ୍ୱରୂପ, ISI ଏବେ ଭାରତ ଭିତରେ ନେଟୱାର୍କ ସ୍ଥାପନ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରୁଛ । ଏଜେନ୍ସିଗୁଡ଼ିକ କହିଛନ୍ତି ଯେ, ପାକିସ୍ତାନ ବାଂଲାଦେଶ ଉପରେ ମଧ୍ୟ ନଜର ରଖିଛି । ସେଠାରେ ଭାରତର ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକୁ ଟାର୍ଗେଟ କରିବା ପାଇଁ ଏକ ଲଞ୍ଚ ପ୍ୟାଡ୍ ତିଆରି କରିବାକୁ ପାକିସ୍ତାନ ଲକ୍ଷ୍ୟ ରଖିଛି ।ଗୁଇନ୍ଦା ଏଜେନ୍ସି ଅନୁଯାୟୀ, ISIର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଯୋଜନା ଅଛି । ଏଥିରେ ଗୁପ୍ତଚର ନେଟୱାର୍କ ସ୍ଥାପନ କରିବା ଏବଂ ସାରା ଦେଶରେ ଏକ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିବା ପାଇଁ ପ୍ରଋର ଅଭିଯାନ ଆରମ୍ଭ କରିବା ଅନ୍ତର୍ଭୁକ୍ତ ରହିଛି । ବାଂଲାଦେଶ ଏବଂ ନେପାଳରେ ଦେଖାଯାଇଥିବା ସ୍ଥିତି ଭଳି ବଡ଼ ଧରଣର ପ୍ରତିବାଦ ଏବଂ ସରକାର ପରିବର୍ତ୍ତନ ପାଇଁ ଦାବି ଉଠାଇବା ଷଡଯନ୍ତ୍ର ଭାରତ ବିରୋଧରେ ପାକିସ୍ତାନ ରଚୁଛି । ସେହିପରି ଭାରତୀୟ ସେନାର ପ୍ରତିଛବିକୁ ଖରାପ କରିବା ପାଇଁ ଯୋଜନା କରାଯାଉଛି । ଯାହା ଦ୍ୱାରା ଭାରତର ସାଧାରଣ ଲୋକଙ୍କ ମଧ୍ୟରେ ସେନା ପ୍ରତି ଥିବା ବିଶ୍ୱାସ କମିଯିବ । ଆଇଏସଆଇ ନିଜର ଗୁପ୍ତଚର ନେଟୱାର୍କ ପାଇଁ ଏକ ପ୍ରାଥମିକ ଅସ୍ତ୍ର ଭାବରେ ହନି ଟ୍ରାପ୍ ବ୍ୟବହାର କରୁଛି । ଏହା ସହିତ, ସମାନ ବୈଋରିକ ଚିନ୍ତାଧାରା ଥିବା ଆର୍ଥିକ ସମସ୍ୟା ଅବା ବ୍ୟକ୍ତିଗତ ଅସୁବିଧା ଥିବା ବ୍ୟକ୍ତିମାନଙ୍କୁ ଟାର୍ଗେଟ କରାଯାଉଛି । ଏପରି ବ୍ୟକ୍ତିମାନଙ୍କୁ ସହଜରେ କିପରି ଫାଶରେ ପକାଇ ଦିଆଯାଇ ପାରିବ ସେନେଇ ଆଇଏସଆଇ ଯୋଜନା କରୁଛି । ଏଜେନ୍ସିଗୁଡ଼ିକ କହିଛନ୍ତି ଯେ, ଏହି ନେଟୱାର୍କ ପ୍ରତିଷ୍ଠା କରିବା ପାଇଁ ଆଇଏସଆଇ ବହୁ ପରିମାଣର ଟଙ୍କା ବିନିଯୋଗ କରୁଛି । ଅପରେସନ୍ ସିନ୍ଦୂର ପରେ , ଭାରତୀୟ ସଶସ୍ତ୍ର ବାହିନୀ ସମ୍ପର୍କରେ ସୂଚନା ସଂଗ୍ରହ ପାଇଁ ଆଇଏସଆଇର ପ୍ରୟାସ ବହୁ ଗୁଣା ବୃଦ୍ଧି ପାଇଛି । ଏହି ଚ୍ୟାଲେଞ୍ଜଗୁଡ଼ିକୁ ଦୃଷ୍ଟିରେ ରଖି, ଭାରତୀୟ ଗୃହ ମନ୍ତ୍ରଣାଳୟ ସମ୍ପ୍ରତି ଜାତୀୟ ଆତଙ୍କବାଦ ବିରୋଧୀ ନୀତି ଆରମ୍ଭ କରିଛି । ଜାତୀୟ ତଦନ୍ତ ସଂସ୍ଥା ATS ଦଳ ଗଠନ କରିଛି ଏବଂ ସମସ୍ତ ସ୍ତରରେ ସମାନ ପ୍ରସ୍ତୁତି ସୁନିଶ୍ଚିତ କରିବା ପାଇଁ ରାଜ୍ୟଗୁଡ଼ିକୁ ପଠାଯାଇଛି ।ଗୃହମନ୍ତ୍ରୀ ଅମିତ ଶାହ ଏହାକୁ କାର୍ଯ୍ୟକାରୀ କରିବାକୁ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅଧିକାରୀମାନେ କହିଛନ୍ତି, ଏହି ନୀତି ପାକିସ୍ତାନର ଷଡ଼ଯନ୍ତ୍ର ଏବଂ ଭାରତର ସୁରକ୍ଷା ପ୍ରତି ଚ୍ୟାଲେଞ୍ଜର ମୁକାବିଲାରେ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ।

# 'ବାଣ ଫୁଟାଉଥିବା ଲୋକେ ଦେଶଦ୍ରୋହୀ'

**ନୂଆଦିଲ୍ଲୀ,୫।୧(ଏଜେନ୍ସି):** ବିଜେପି ନେତ୍ରୀ ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀ ଦିଲ୍ଲୀ ପ୍ରଦୂଷଣକୁ ନେଇ ଦେଇଛନ୍ତି ବଡ଼ ବୟାନ । ସେ କହିଛନ୍ତି ଏହାର କାରଣ ନଡା ଜଳାଇବା କିମ୍ବା ପ୍ରଦୂଷଣ ନୁହେଁ ।ଦୀପାବଳିରେ ହୋଇଥିବା ଆତାସବାଜି । ଦୀପାବଳିର ତିନି ଦିନ ପୂର୍ବ ପର୍ଯ୍ୟନ୍ତ ବାୟୁ ସଫା ଥିଲା । ଗ୍ରୀନ୍ କ୍ରାକରକୁ ଅନୁମତି ଦେଇଥିବା କାରଣରୁ ସୁପ୍ରିମକୋର୍ଟଙ୍କୁ ମଧ୍ୟ ସମାଲୋଚନା କରିଛନ୍ତି ମାନେକା । ସେ କହିଛନ୍ତି, 'ଗ୍ରୀନ୍ କ୍ରାକର' ବା 'ସବୁଜ ବାଣ' ନାମକ ଏଭଳି କେଣସି ଜିନିଷ ନଥାଏ । ଭଗବାନ ରାମ ଓ ସୀତା ବନବାସରୁ ଫେରିବା ସମୟରେ କ'ଣ ବାଣ ଫୁଟିଥିଲା କି ?ପରିବେଶ ଓ ପଶୁ ଅଧିକାର ନେଇ ସବୁବେଳେ ସ୍ୱର ଉତ୍ତୋଳନ କରି ଚର୍ଚ୍ଚାରେ ରହିଥାନ୍ତି ବିଜେପି ନେତ୍ରୀ ମାନେକା ଗାନ୍ଧୀ । ସେ ଦିଲ୍ଲୀ ପ୍ରଦୂଷଣ ପାଇଁ ବାଣକୁ ଦାୟୀ କରିଛନ୍ତି । ଏପରିକି ବାଣ ଫୁଟାଉଥିବା ଲୋକଙ୍କୁ ସେ ଦେଶଦ୍ରୋହୀ ବୋଲି କହିଛନ୍ତି ।



ମାନେକା କହିଛନ୍ତି, ଯେଉଁ ଲୋକ ବାଣ ବ୍ୟବହାର କରନ୍ତି ସେମାନେ 'ଦେଶଦ୍ରୋହୀ' । ଏହାକୁ ନେଇ ମୋ ମନରେ ଅନ୍ୟ କେଣସି ଶବ୍ଦ ନାହିଁ । ମାନେକା ଆହୁରି କହିଛନ୍ତି, ଦୀପାବଳି, ଦଶହରା, ବାହାଘର, ନୂଆ ବର୍ଷ, କ୍ରିକେଟ ମ୍ୟାଚ୍ ବେଳେ କିମ୍ବା ଅନ୍ୟ କୌଣସି ଦିନରେ ଲୋକେ ବାଣ ଫୁଟାଇଥାନ୍ତି । ଏହାର ଫଳ ସ୍ୱରୂପ ଆମକୁ ନିଶ୍ୱାସ ନେବାରେ କଷ୍ଟ ହୁଏ । ହେଲେ କୁଟା ଜାଳିବା କିମ୍ବା ଗାଡ଼ି ଉପରେ ଦୋଷ ଦିଆଯାଏ । କେବଳ ଦୀପାବଳିରେ ଯଦି ୮୦୦ କୋଟି ଟଙ୍କାର ବାଣ ଦିଲ୍ଲୀରେ ଫୁଟାଯାଏ ତେବେ ଏହାର ଫଳ କ'ଣ ହେବ ? ଏପରିକି ସେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ମଧ୍ୟ ସମାଲୋଚନା କରିଛନ୍ତି । ମାନେକା କହିଛନ୍ତି, ସୁପ୍ରିମକୋର୍ଟ ଭୁଲ ନିର୍ଦ୍ଦେଶ ଦେବା ଗୋଟେ ଅଭ୍ୟାସ ହୋଇଗଲାଣିୟ ବାଣ ବ୍ୟାନ୍ କରିବାର ଅଛି ଯଦି ସମ୍ପୂର୍ଣ୍ଣ ବ୍ୟାନ୍ କରି ଦିଅନ୍ତୁ । ନଚେତ କୁହନ୍ତୁ ସବୁ ଲୋକ ମରିଯାଅ ।

## ଦିଲ୍ଲୀ ଦଙ୍ଗା ଘଟଣା

# ୨ମୁଖ୍ୟ ଅଭିଯୁକ୍ତ ଶର୍ଜିଲ-ଉମରଙ୍କ ଜାମିନ୍ ଖାରଜ୍ କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୫।୧(ଏଜେନ୍ସି):** ଶର୍ଜିଲ ଇମାମ ଓ ଉମର ଖାଲିଦଙ୍କ ଜାମିନ୍ ଆବେଦନ ଖାରଜ କଲେ ସୁପ୍ରିମକୋର୍ଟ । ଆଜି ୨୦୨୦ରେ ଘଟିଥିବା ଘଟଣାକୁ ନେଇ ସୁପ୍ରିମକୋର୍ଟ ଏହି ରାୟ ଶୁଣାଇଛନ୍ତି । ୨୦୨୦ ମସିହା ଫେବୃଆରି ମାସରେ ଉତ୍ତର-ପୂର୍ବ ଦିଲ୍ଲୀରେ ଘଟିଥିବା ସାମ୍ପ୍ରଦାୟିକ ଦଙ୍ଗା ସହ ଜଡ଼ିତ ବହୁତ ବଡ଼ ଷଡ୍ୟନ୍ତ୍ର ମାମଲାର ମୁଖ୍ୟ ଅଭିଯୁକ୍ତ ଥିଲେ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟ (ଜେଏନୟୁ)ର ପୂର୍ବତନ ଛାତ୍ରନେତା ଉମର ଖାଲିଦ ଓ ଶର୍ଜିଲ ଇମାମ । ଦଙ୍ଗାରେ ସେମାନଙ୍କ ଭୂମିକା ବହୁତ ବଡ଼ ଥିବା କହି ସୁପ୍ରିମକୋର୍ଟ ଏହି ନିଷ୍ପତ୍ତି ନେଇଛନ୍ତି । ତେବେ ଅନ୍ୟ ୫ଜଣ ଅଭିଯୁକ୍ତଙ୍କୁ କୋର୍ଟ ଜାମିନ ଦେଇଥିବା ଜଣାଯାଇଛି । ଉମର ଖାଲିଦ ପ୍ରାୟ ପାଞ୍ଚ ବର୍ଷ ଧରି ଜେଲରେ ଅଛନ୍ତି । ତାଙ୍କୁ ସେପ୍ଟେମ୍ବର ୨୦୨୦ରେ ଗିରଫ କରାଯାଇଥିଲା । ଖାଲିଦ ସୁପ୍ରିମକୋର୍ଟରେ ଯୁକ୍ତି ଦେଇଥିଲେ ଯେ, ତାଙ୍କ ବିରୋଧରେ କୌଣସି ହିଂସାତ୍ମକ କାର୍ଯ୍ୟାନୁଷ୍ଠାନର ପ୍ରମାଣ ନାହିଁ ଏବଂ ସେ କେବଳ ଭାଷଣ ଦେବା ପାଇଁ ଜେଲରେ ଅଛନ୍ତି । ଏହା ସତ୍ତ୍ୱେ, ସୁପ୍ରିମକୋର୍ଟ, ଦିଲ୍ଲୀ ହାଇକୋର୍ଟର ନିଷ୍ପତ୍ତିକୁ ସମର୍ଥନ କରି ତାଙ୍କୁ ଜାମିନ ଦେବାକୁ ମନା କରିଛନ୍ତି । ସୁପ୍ରିମକୋର୍ଟ କହିଛନ୍ତି ଯେ, ଉମର ଖାଲିଦ ଏବଂ ଶର୍ଜିଲ ଇମାମଙ୍କ ଭୂମିକା ଅନ୍ୟ ଅଭିଯୁକ୍ତମାନଙ୍କଠାରୁ ଭିନ୍ନ, ଏବଂ ସେମାନଙ୍କ ବିରୋଧରେ ଷଡ଼ଯନ୍ତ୍ରର ପର୍ଯ୍ୟାପ୍ତ ପ୍ରମାଣ ଅଛି । କୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଏବେ ୨ମୁଖ୍ୟ ଅଭିଯୁକ୍ତଙ୍କ ଭୂମିକା ଅନ୍ୟ ଅଭିଯୁକ୍ତଙ୍କ ସହିତ ତୁଳନା କରାଯାଇପାରିବ ନାହିଁ । ଏହି ମାମଲାରେ ଅଭିଯୁକ୍ତମାନଙ୍କ ବିରୋଧରେ ଗୁରୁତର ଅଭିଯୋଗ ରହିଛି । ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ୍ ଅଭିଯୋଗ କରିଥିଲା ଯେ ଉମର ଖାଲିଦ, ଶର୍ଜିଲ ଇମାମ ଓ ଅନ୍ୟ ୭ ଅଭିଯୁକ୍ତ ଏହି ଦଙ୍ଗାକୁ ଉସକାଇବା ସହ ବିଶାଳ ଷଡ଼ଯନ୍ତ୍ର ରଚନା କରିଥିଲେ । ଦୁହେଁ ନାଗରିକତା ସଂଶୋଧନ ଆଇନ (ସିଏଏ) ଏବଂ ଜାତୀୟ ନାଗରିକ ପଞ୍ଜୀକରଣ (ଏନଆରସି) ବିରୋଧରେ ପ୍ରତିବାଦ ସମୟରେ ହିଂସା ସୃଷ୍ଟି କରିବାକୁ ଷଡ଼ଯନ୍ତ୍ର କରିଥିଲେ ।୨୦୨୦ ଫେବୃଆରି ୨୩ରୁ ୨୫ ତାରିଖ ମଧ୍ୟରେ ଏହି ଦଙ୍ଗା ହୋଇଥିଲା ।

# ତଟରକ୍ଷୀ ବାହିନୀରେ ସାମିଲ ହେଲା 'ସମୁଦ୍ର ପ୍ରତାପ'

**ନୂଆଦିଲ୍ଲୀ,୫।୧(ଏଜେନ୍ସି):** ଭାରତ ଆତ୍ମନିର୍ଭରଶୀଳତା କ୍ଷେତ୍ରରେ ଆଉ ଏକ ବଡ଼ ସଫଳତା ହାସଲ କରିଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଆଜି ଭାରତୀୟ ତଟରକ୍ଷୀ ବାହିନୀର ବେଡ଼ାରେ ୬୦ ପ୍ରତିଶତରୁ ଅଧିକ ସ୍ୱଦେଶୀ ସାମଗ୍ରୀରେ ନିର୍ମିତ ପ୍ରଦୂଷଣ ନିୟନ୍ତ୍ରଣ ପୋତ 'ସମୁଦ୍ର ପ୍ରତାପ'କୁ ସାମିଲ କରିଛନ୍ତି । ଯଦିଓ ଏହି ଜାହାଜକୁ ମୁଖ୍ୟତଃ ସାମୁଦ୍ରିକ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଡିଜାଇନ୍ କରାଯାଇଛି, କିନ୍ତୁ ଏହା ସର୍ଚ୍ଚ ଏବଂ ରେସ୍କ୍ୟୁ ଅପରେସନ୍, ତଟୀୟ ପାଟ୍ରୋଲିଂ ଏବଂ ସାମୁଦ୍ରିକ ସୁରକ୍ଷାକୁ ମଜବୁତ କରିବାରେ ସମାନ ଭାବରେ ସକ୍ଷମ । ଗୋଆ ସିପ୍ୟାର୍ଡ ଲିମିଟେଡ୍ ଦ୍ୱାରା ନିର୍ମିତ 'ସମୁଦ୍ର ପ୍ରତାପ'ର ଲମ୍ବ ୧୧୪.୫ ମିଟର ଏବଂ ଓଜନ ପ୍ରାୟ ୪,୨୦୦ ଟନ୍ । ଏହାର ସର୍ବାଧିକ ଗତି ଘଣ୍ଟାକୁ ୨୨ ଟନରୁ ଅଧିକ । ପ୍ରତିରକ୍ଷା ମନ୍ତ୍ରୀଙ୍କ ଅନୁଯାୟୀ, ଗୋଟିଏ ପ୍ଲାଟଫର୍ମରେ ଏକାଧିକ କ୍ଷମତାର ସମନ୍ୱୟ ହିଁ ଆଜିର ସାମୁଦ୍ରିକ ଆହ୍ୱାନ ପାଇଁ ଆବଶ୍ୟକ । ଏହି ଜାହାଜରେ ୬୦%ରୁ ଅଧିକ ସ୍ୱଦେଶୀ ଜ୍ଞାନକୌଶଳ ବ୍ୟବହୃତ ହୋଇଛି, ଯାହା 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନର ଏକ ବଡ଼ ସଫଳତା । ଏହା ଦର୍ଶାଉଛି ଯେ ଭାରତର ପ୍ରତିରକ୍ଷା ଶିଳ୍ପ ଏବେ ଜଟିଳ ଚ୍ୟାଲେଞ୍ଜଗୁଡ଼ିକୁ ସମ୍ଭାଳିବାରେ ସମ୍ପୂର୍ଣ୍ଣ ପରିପକ୍ୱ ହୋଇସାରିଛି । ରାଜନାଥ ସିଂ କହିଛନ୍ତି ଯେ ସାମୁଦ୍ରିକ ପ୍ରଦୂଷଣ ଏକ ଗମ୍ଭୀର ବିଶ୍ୱସ୍ତରୀୟ ଆହ୍ୱାନ ଭାବେ ଉଭା ହୋଇଛି, ଯାହା ମତ୍ସ୍ୟଜୀବୀଙ୍କ ଜୀବିକା ଏବଂ ଆଗାମୀ ପିଢ଼ିର ସୁରକ୍ଷା ଉପରେ ପ୍ରଭାବ ପକାଉଛି । ତେଣୁ ତଟରକ୍ଷୀ ବାହିନୀର ପ୍ରଦୂଷଣ ନିୟନ୍ତ୍ରଣ ଅଭିଯାନ ପ୍ରଶଂସନୀୟ । ଏହି ଜାହାଜ ଦେଶବାସୀ ଓ ମତ୍ସ୍ୟଜୀବୀଙ୍କ ମଧ୍ୟରେ ଏକ ନୂତନ ଭରସା ସୃଷ୍ଟି କରିଛି । ଏହି ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ଶତ୍ରୁମାନଙ୍କୁ ମଧ୍ୟ କଡ଼ା ଚେତାବନୀ ଦେଇଛନ୍ତି । ସେ କହିଛନ୍ତି ଯେ ଭାରତୀୟ ତଟରକ୍ଷୀ ବାହିନୀ ଶତ୍ରୁଙ୍କ ମନରେ ଏଭଳି ଭୟ ସୃଷ୍ଟି କରିଛି ଯେ ଯଦି କେହି ଭୁଲରେ ବି ଭାରତର ସାମୁଦ୍ରିକ ସୀମା ଉପରେ ଖରାପ ନଜର ପକାଏ, ତେବେ ତଟରକ୍ଷୀ ବାହିନୀ ତାକୁ ଦେଖିବା ଲୋକ କରି ଛାଡ଼ିବ ନାହିଁ । ପରିଶେଷରେ ସେ କହିଥିଲେ ଯେ ସମୁଦ୍ର ହେଉଛି ଆମର ଅର୍ଥନୀତି ଓ ଭବିଷ୍ୟତର ଆଧାର । ଏକ ସୁରକ୍ଷିତ ଏବଂ ସ୍ୱଚ୍ଛ ସମୁଦ୍ର ହିଁ ସୁରକ୍ଷିତ ବାଣିଜ୍ୟ ଏବଂ ପରିବେଶର ଗ୍ୟାରେଣ୍ଟି ଦେଇଥାଏ । 'ସମୁଦ୍ର ପ୍ରତାପ' ଭାରତର ଏହି ସାମୁଦ୍ରିକ ପ୍ରତିବଦ୍ଧତାକୁ ଆହୁରି ମଜବୁତ କରିବ ।

ବାଣିଜ୍ୟ ସମ୍ଭ୍ରମ
ମଙ୍ଗଳବାର, ୦୬ ଜାନୁଆରୀ ୨୦୨୬, ଭୁବନେଶ୍ୱର Tuesday, 06 January 2026, Bhubaneswar




# ସେଲ୍ ପକ୍ଷରୁ ଗତ ଡିସେମ୍ବର ମାସରେ ସର୍ବକାଳୀନ ଶ୍ରେଷ୍ଠ ବିକ୍ରୟ ରେକର୍ଡ

**ରାଉରକେଲା, ୫।୧ (ନି.ପ୍ର):** ମହାରତ୍ନ କେନ୍ଦ୍ରୀୟ ରାଷ୍ଟ୍ରାୟତ ଉଦ୍ୟୋଗ ତଥା ଦେଶର ଅଗ୍ରଣୀ ଇସ୍ପାତ ନିର୍ମାତା, ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍) ୨୦୨୫ ଡିସେମ୍ବର ମାସରେ ୨.୧ ନିୟୁତ ଟନ୍ ବିକ୍ରୟ ପରିମାଣ ହାସଲ କରି ଆଉ ଏକ ସଫଳତାର ଫର୍ଦ୍ଦ ଯୋଡ଼ିଛି, ଯାହା ଦ୍ୱାରା ଡିସେମ୍ବର ୨୦୨୪ ରେ ହାସଲ ହୋଇଥିବା ୧.୫ ନିୟୁତ ଟନ ବିକ୍ରୟ ପରିମାଣ ତୁଳନାରେ ପ୍ରାୟ ୩୭ % ର ବିଶାଳ ଅଭିବୃଦ୍ଧି ହାସଲ ହୋଇଛି। ଏହା ଡିସେମ୍ବର ମାସ ପାଇଁ ଶ୍ରେଷ୍ଠ ପ୍ରଦର୍ଶନ ଏବଂ କମ୍ପାନୀ ଗୁରୁତ୍ୱପୂର୍ଣ୍ଣ ଇନଭେଣ୍ଟରୀ ହ୍ରାସ ସହିତ ଉତ୍ପାଦ ବର୍ଗ ଏବଂ ବିଭିନ୍ନ ବିକ୍ରୟ ମାଧ୍ୟମଗୁଡ଼ିକରେ ନୂତନ ଶିଖର ଛୁଇଁଛି। ଗ୍ରାହକ ବିତରଣ ଉପରେ ଦୃଢ଼ ଧ୍ୟାନ ବଜାୟ ରଖି କାର୍ଯ୍ୟଦକ୍ଷତାକୁ ଆହୁରି ଉତ୍ସାହିତ କରାଯାଇପାରିଛି। ସେଲ୍ ସମ୍ପ୍ରତି ଏକ ନୂତନ ଶକ୍ତି ସହିତ ବ୍ରାଣ୍ଡିଂ ପଦକ୍ଷେପ ମଧ୍ୟ ଗ୍ରହଣ କରୁଛି।

ଏହି ମାସର ପ୍ରଦର୍ଶନ ସେଲକୁ ଆର୍ଥିକ ବର୍ଷ ୨୦୨୫-୨୬ ରେ ଏହାର ଅଭିବୃଦ୍ଧି ଗତି ବଜାୟ ରଖିବାରେ ସହାୟକ ହୋଇଛି ଏବଂ ଏପ୍ରିଲରୁ ଡିସେମ୍ବର' ୨୦୨୫ ମଧ୍ୟରେ ବିକ୍ରୟ ପରିମାଣ ୧୪.୭ ନିୟୁତ ଟନରେ ପହଞ୍ଚିଛି ତଥା ଅନୁରୂପ ପୂର୍ବ ବର୍ଷ ଅବଧିର ୧୨.୬ ନିୟୁତ ଟନ ବିକ୍ରୟ ପରିମାଣ ତୁଳନାରେ ପ୍ରାୟ ୧୭% ଅଭିବୃଦ୍ଧି ହାସଲ ହୋଇଛି। ଏହା ଘରୋଇ ବଜାର କ୍ଷେତ୍ରରେ ନୂତନ ରେକର୍ଡ ସ୍ଥାପନ କରିବା ବ୍ୟତୀତ, ରପ୍ତାନି ପରିମାଣ ମଧ୍ୟ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି, ଯାହା ସେଲର ବର୍ଦ୍ଧିତ ବିଶ୍ୱ ଫୁଟ ପ୍ରିଣ୍ଟ କୁ ପ୍ରତିଫଳିତ କରିଛି। ଉପରୋକ୍ତ ନିରନ୍ତର ଉନ୍ନତି ସେଲର ସୁଦୃଢ଼ ବଜାର ଉପସ୍ଥିତି, ଗ୍ରାହକ-କୈନ୍ଦ୍ରିକ ପଦକ୍ଷେପ ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତାକୁ ଦର୍ଶାଉଛି। ଘରୋଇ ଏବଂ ଅନ୍ତର୍ଜାତୀୟ ବଜାରରେ ସେଲର ରେକର୍ଡ ସଫଳତା ନା କେବଳ ଭାରତରେ ଅଗ୍ରଣୀ ଇସ୍ପାତ ନିର୍ମାତାଙ୍କ ମଧ୍ୟରେ କମ୍ପାନୀର ସ୍ଥିତିକୁ ସୁଦୃଢ଼ କରିବ।

# ଭାରତରେ ୫ଜିର ବାସ୍ତବ ଚିତ୍ର: ଷ୍ଟାଣ୍ଡଆଲୋନ ନେଟୱାର୍କ ସହିତ ଜିଓ ନେତୃତ୍ୱ ସ୍ଥାନ ସୁଦୃଢ଼ କରିଛି

## କଭରେଜରୁ ଆୟ ପର୍ଯ୍ୟନ୍ତ ସବୁଠାରେ ଆଗରେ ରହିବା ସହିତ ୫ଜିକୁ ବ୍ୟବହାରିକ କରିଛି ଜିଓ

**ନୂଆଦିଲ୍ଲୀ, ୫।୧ (ନି.ପ୍ର):** ଭାରତରେ ୫ଜି ପ୍ରତିଦ୍ୱନ୍ଦିତା ଆଉ କେବଳ ସେବା ପ୍ରାରମ୍ଭ ପର୍ଯ୍ୟନ୍ତ ସୀମିତ ହୋଇ ରହିନାହିଁ। ଦେଶର ଦୁଇ ପ୍ରମୁଖ ଟେଲିକମ୍ ଅପରେଟର ରିଲାଏନ୍ସ ଜିଓ ଏବଂ ଭାରତୀ ଏୟାରଟେଲ୍ ୫ଜି ପାଇଁ ଭିନ୍ନ ଭିନ୍ନ ରଣନୀତି ଗ୍ରହଣ କରିଥିଲେ। ଜିଓ ଆରମ୍ଭରୁ ଏକ ସମ୍ପୂର୍ଣ୍ଣ ଷ୍ଟାଣ୍ଡଆଲୋନ (ଏସଏ) ୫ଜି ନେଟୱାର୍କରେ ନିବେଶ କରିଥିବାବେଳେ ଏୟାରଟେଲ୍ ଏକ ନନ୍-ଷ୍ଟାଣ୍ଡଆଲୋନ (ଏନଏସଏ) ମଡେଲ୍ ବ୍ୟବହାର କରି ସେବା ଆରମ୍ଭ କରିଥିଲା। ଏବେ ଏହି ପାର୍ଥକ୍ୟ ଉପଭୋକ୍ତା ଅଭିଜ୍ଞତାରେ ସ୍ପଷ୍ଟ ଭାବରେ ପରିଲକ୍ଷିତ ହେଉଛି।

ଓପନ୍ ସିଗନାଲ ତଥ୍ୟ ଅନୁଯାୟୀ, ଜିଓର ୫ଜି ଗ୍ରାହକମାନେ ବାସ୍ତବରେ ସେମାନଙ୍କର ମୋଟ ମୋବାଇଲ୍ ସମୟର ୬୭.୩ ପ୍ରତିଶତ ୫ଜି ନେଟୱାର୍କରେ ବିତାଉଥିବାବେଳେ ୫ଜି ସିଗନାଲ ଉପଲବ୍ଧତା ୬୮.୧ ପ୍ରତିଶତ ରହିଛି। ଏହି ସ୍ୱଳ୍ପ ପାର୍ଥକ୍ୟ ସୂଚାଇ ଦେଉଛି ଯେ ଜିଓ ନେଟୱାର୍କ କଭରେଜକୁ ପ୍ରଭାବଶାଳୀ ବ୍ୟବହାରରେ ପରିଣତ କରିବାକୁ ସକ୍ଷମ ହୋଇଛି। ତୁଳନାତ୍ମକ ଭାବରେ, ଏୟାରଟେଲ୍‌ର ୫ଜି ସିଗନାଲ ଉପଲବ୍ଧତା ୬୬.୬ ପ୍ରତିଶତ ଥିବା ସତ୍ତ୍ୱେ, ଏହାର ଗ୍ରାହକମାନେ ମାତ୍ର ୨୮ ପ୍ରତିଶତ ସମୟ ୫ଜି ନେଟୱାର୍କରେ ରହିଥାନ୍ତି, ଯାହାର ମୁଖ୍ୟ କାରଣ ହେଉଛି ଏହାର ୪ଜି ଉପରେ ନିର୍ଭରଶୀଳ ଏନଏସଏ ନେଟୱାର୍କ। ଭୋଡାଫୋନ ଆଇଡ଼ିଆ ମାର୍ଚ୍ଚ ୨୦୨୫ ରେ ମୁମ୍ବାଇରେ ୫ଜି ସେବା ଆରମ୍ଭ କରିଥିଲା, ଏବଂ ଏହାର ନେଟୱାର୍କ ଏପର୍ଯ୍ୟନ୍ତ ପ୍ରାରମ୍ଭିକ ଅବସ୍ଥାରେ ଅଛି, ଯାହା ଫଳରେ ପ୍ରକୃତ ୫ଜି ବ୍ୟବହାର ସୀମିତ ରହିଛି। ଏହି ସମୟରେ, ବିଏସଏନଏଲ ୫ଜି ପୂର୍ବରୁ ଏହାର ସ୍ୱଦେଶୀ ୪ଜି ନେଟୱାର୍କ ଉପରେ ଧ୍ୟାନ ଦେଉଛି। ବିଶେଷଜ୍ଞମାନଙ୍କ ଅନୁଯାୟୀ ଜିଓର ଅଗ୍ରଣୀ ସ୍ଥିତି ପଛରେ ରହିଛି ଏହାର ସ୍ୱତନ୍ତ୍ର ୫ଜି ଆର୍କିଟେକଚର। ଏସଏ ନେଟୱାର୍କରେ ୫ଜି ନେଟୱାର୍କ ୪ଜି ଉପରେ ନିର୍ଭର କରେ ନାହିଁ, ଯାହା ଡାଟା ବ୍ୟବହାର ସମୟରେ ନେଟୱାର୍କ ସ୍ୱିଚିଂକୁ ହ୍ରାସ କରିଥାଏ। ଏହା ବ୍ୟତୀତ, ଜିଓର ୭୦୦ ମେଗାହର୍ଜ ସ୍ପେକ୍ଟ୍ରମ୍ ବ୍ୟବହାର ଘର ଭିତରେ ଉତ୍ତମ କଭରେଜ୍ ଏବଂ ସ୍ଥିର ସଂଯୋଗକୁ ସୁନିଶ୍ଚିତ କରିଥାଏ, ଯାହା ଦୈନନ୍ଦିନ ବ୍ୟବହାରରେ ଏକ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ସୃଷ୍ଟି କରୁଛି।

ଓପନ ସିଗନାଲ ତଥ୍ୟ ଏହା ସୂଚିତ କରୁଛି ଯେ ଜିଓର ୫ଜି ଉପଭୋକ୍ତାମାନେ ୪ଜି ଅପେକ୍ଷା ପ୍ରାୟ ୧୧ ଗୁଣ ଦ୍ରୁତ ଡାଉନଲୋଡ୍ ସ୍ପିଡ୍ ଉପଭୋଗ କରୁଛନ୍ତି। ତେବେ ଜିଓର ପ୍ରକୃତ ଶକ୍ତି ଏହାର ଦ୍ରୁତ ଗତି ସହିତ ଭିଡିଓ ଷ୍ଟ୍ରିମିଂ, ଭିଡିଓ କଲିଂ ଏବଂ ୱେବ୍ ବ୍ରାଉଜିଂ ଭଳି ଦୈନନ୍ଦିନ କାର୍ଯ୍ୟ ପାଇଁ ଏହାର ସ୍ଥିର ଏବଂ ନିର୍ଭରଯୋଗ୍ୟ ଗ୍ରାହକ ଅଭିଜ୍ଞତାରେ ମଧ୍ୟ ରହିଛି।

ଉପଭୋକ୍ତା ଏବଂ ରାଜସ୍ୱ ଦୃଷ୍ଟିରୁ ମଧ୍ୟ ଜିଓ ଆଗରେ ରହିଛି। ଆକଳନ ଅନୁଯାୟୀ ୨୦୨୬ ଆର୍ଥିକ ବର୍ଷ ସୁଦ୍ଧା ଜିଓର ୫ଜି ଗ୍ରାହକ ସଂଖ୍ୟା ୩୦ କୋଟି ପାଖାପାଖି ପହଞ୍ଚିବା ଆଶା ରହିଛି। ଏହି ସମୟରେ, ଫିକ୍ସଡ଼ ୱାୟାରଲେସ୍ ଆକ୍ସେସ (ଏୟାରଫାଇବର) କ୍ଷେତ୍ରରେ ଅକ୍ଟୋବର ୨୦୨୫ ସୁଦ୍ଧା ଜିଓର ଗ୍ରାହକ ସଂଖ୍ୟା ୧.୨ କୋଟିରେ ପହଞ୍ଚିଛି, ଯାହା ଏହାର ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ଯଥେଷ୍ଟ ପଛରେ ପକାଇଦେଇଛି। ବିଶେଷଜ୍ଞମାନଙ୍କ ଅନୁଯାୟୀ ସୁଲଭ ୫ଜି ସ୍ମାର୍ଟଫୋନ୍ ର ପ୍ରସାର ଏବଂ ପ୍ରତି-ଉପଭୋକ୍ତା ଡାଟା ବ୍ୟବହାର ପ୍ରତି ମାସରେ ୪୦ ଜିବି ପାଖାପାଖି ପହଞ୍ଚିବ ଏବଂ ନେଟୱାର୍କ ଉପରେ ଚାପ ବୃଦ୍ଧି ପାଇବ। ବର୍ତ୍ତମାନ, ଏହାର ସ୍ୱତନ୍ତ୍ର ୫ଜି ନେଟୱାର୍କ, ବ୍ୟାପକ କଭରେଜ୍ ଏବଂ ଦୃଢ଼ ବ୍ୟବହାରକାରୀ ଅଭିଜ୍ଞତା ସହିତ, ରିଲାଏନ୍ସ ଜିଓ ଭାରତରେ ୫ଜିର ଦିଶା ଏବଂ ସ୍ୱରୂପ ଉଭୟ ପରିବର୍ତ୍ତନ କରୁଥିବା ପରିଲକ୍ଷିତ ହେଉଛି।

# ଜାତୀୟ ପକ୍ଷୀ ଦିବସ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ

**କୁକୁଡାଖଣ୍ଡି,୫/୧ (ନି.ପ୍ର)** କୁକୁଡାଖଣ୍ଡି ସ୍ଥିତ ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟର ପ୍ରାଣୀ ବିଭାଗ ପକ୍ଷରୁ ଏକ ସଚେତନତା ମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧ୍ୟାପକ ଡ଼. କେ. କ୍ରିଷ୍ଣାରାଜୁ ପାତ୍ରଙ୍କ ସହ ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରି ପ୍ରକୃତିର ଅମୂଲ୍ୟ ବରଦାନ ସ୍ୱରୂପ ପକ୍ଷୀ ମାନଙ୍କ ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଶ୍ରେଣୀ ଗୃହରେ ଆୟୋଜିତ ଆଲୋଚନା ଚକ୍ର ମାଧ୍ୟମରେ ପକ୍ଷୀମାନଙ୍କ ବିଲୁପ୍ତିର କାରଣ ଓ ପ୍ରାଥମିକ ସ୍ତରରେ ସେମାନଙ୍କ ସୁରକ୍ଷା ପାଇଁ ନିଆଯାଇ ପାରିବା ବିଭିନ୍ନ ପଦକ୍ଷେପ ବିଷୟରେ ଗଭୀର ଚର୍ଚ୍ଚା କରାଯାଇଥିଲା। ଏହାସହ ଯୁକ୍ତ-୩ ଶେଷ ବର୍ଷର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଏକ ସଚେତନତା ମୂଳକ ନାଟକ ପରିବେଷଣ କରାଯାଇ ପକ୍ଷୀ ସୁରକ୍ଷାର ବର୍ତ୍ତାକୁ ସୃଜନଶୀଳ ଭାବରେ ପ୍ରସ୍ତୁତ କରାଯାଇଥିଲା। କାର୍ଯ୍ୟକ୍ରମଟି ଉପସ୍ଥିତ ସମସ୍ତଙ୍କ ମଧ୍ୟରେ ପରିବେଶ ସଚେତନତା ସୃଷ୍ଟି କରିବାରେ ସଫଳ ହୋଇଥିଲା।

# ଓଡ଼ିଶାର ପ୍ରଥମ ମିଟ୍ରାଲ ଟ୍ରାନ୍ସକ୍ୟାଥେଟର ଏଜ୍-ଟୁ-ଏଜ୍ ରିପେର (ଏମଟିଇଇଆର)ର ସଫଳ ଚିକିତ୍ସା

**ଭୁବନେଶ୍ୱର, ୫।୧ (ନି.ପ୍ର) :** କିମ୍ସ ହସ୍ପିଟାଲ ବିଶେଷଜ୍ଞଙ୍କ ଦ୍ୱାରା ଜଣେ ୬୬ ବର୍ଷ ବୟସ୍କ ରୋଗୀଙ୍କ ଠାରେ ଓଡ଼ିଶାର ପ୍ରଥମ ମିଟ୍ରାଲ ଟ୍ରାନ୍ସକ୍ୟାଥେଟର ଏଜ୍-ଟୁ-ଏଜ୍ ରିପେର (ଏମଟିଇଇଆର)ର ସଫଳ ଚିକିତ୍ସା କରାଯାଇଛି। ଏହି ରୋଗୀଜଣଙ୍କ ଗୁରୁତର ହୃଦଘାତ ଏବଂ ଫଙ୍କ୍ସନାଲ ମିଟ୍ରାଲ ରିଗର୍ଜିଟେସନ ସହିତ ଗୁରୁତର ଭାବେ ଅସୁସ୍ଥ ଥିଲେ । ଏହି ଚିକିତ୍ସାରେ ବରିଷ୍ଠ ଇଂଟରଭେନ୍ସନାଲ କାର୍ଡିଓଲୋଜିଷ୍ଟ ଏବଂ ଷ୍ଟ୍ରକଚରାଲ ହାର୍ଟ ଇଂଟରଭେନସିଷ୍ଟ ଡକ୍ଟର ସୂର୍ଯ୍ୟକାନ୍ତ ଜେନା ଏବଂ ଭୁବନେଶ୍ୱରର କିମ୍ସ ହସ୍ପିଟାଲର କାର୍ଡିଓଲୋଜି ବିଭାଗର ମୁଖ୍ୟ ଡକ୍ଟର ସୁବାସିସ ମିଶ୍ର ଏବଂ କାର୍ଡିଓଲୋଜି ଟିମ ମାଇକ୍ଲିପ ଡିଭାଇସ ବ୍ୟବହାର କରିଥିଲେ। ଏହି ଲ୍ୟାଣ୍ଡମାର୍କ ପ୍ରଣାଳୀ ରାଜ୍ୟରେ ମିନିମାଲି ଇନଭେସିଭ୍ ହାର୍ଟ କେୟାରରେ ଏକ ପ୍ରମୁଖ ଉନ୍ନତିକୁ ଦର୍ଶାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ରୋଗୀ ଶୀଘ୍ର ସୁସ୍ଥ ହେବା ସହିତ ପ୍ରକ୍ରିୟାର ଚାରି ଦିନ ପରେ ହସ୍ପିଟାଲରୁ ତାଙ୍କୁ ଡିସଚାର୍ଜ କରାଯାଇପାରିଲା।



ଏହି ପ୍ରକ୍ରିୟା ବିଷୟରେ ମତ ଦେଇ ଡାକ୍ତର ସୂର୍ଯ୍ୟକାନ୍ତ ଜେନା କହିଛନ୍ତି, 'ଶେଷ ପର୍ଯ୍ୟାୟ ହୃଦଘାତ ବିଫଳତା ଏବଂ ପୂର୍ବରୁ ହୃଦଘାତ ଅସ୍ତ୍ରୋପଚାରର ପୃଷ୍ଠଭୂମି ସହିତ ଉଚ୍ଚ ବିପଦପୂର୍ଣ୍ଣ ରୋଗୀମାନେ ବହୁତ ଚ୍ୟାଲେଂ ହୋଇପାରନ୍ତି। ତଥାପି, ଟ୍ରାନ୍ସକ୍ୟାଥେଟର ମିଟ୍ରାଲ ଭଲ୍ଭ ରିପେରର ଭୂମିକା ଏକ ଉତ୍କୃଷ୍ଟ ବିକଳ୍ପ ଭାବରେ ଉଭା ହୋଇଛି, ଯାହାର ସଫଳତା ଯତ୍ନଶୀଳ ଯୋଜନା ଏବଂ ବୈଷୟିକ ବିବରଣୀର ଗୁରୁତ୍ୱକୁ ପ୍ରସ୍ଫୁଟିତ କରିଛି। ସେହିଭଳି ଡାକ୍ତର ସୁବାସିସ୍ ମିଶ୍ର ତାଙ୍କର ମତାମତ ଦେଇ କହିଛନ୍ତି, 'ଏହି ପ୍ରକ୍ରିୟା ଓପନ ହାର୍ଟ ଅସ୍ତ୍ରୋପଚାର କରିପାରୁନଥିବା ସମସ୍ତ ରୋଗୀଙ୍କ ପାଇଁ ଆଶା ଆଣିଥାଏ । ଓଡ଼ିଶାରେ ଏପରି ଅଭିନବ ଏବଂ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଉନ୍ନତ ହୃତପିଣ୍ଡ ପ୍ରକ୍ରିୟାର ଆଗମନ ଉତମ ରୋଗୀ ସେବା ପାଇଁ ସଠିକ୍ ଦିଗରେ ଏକ ପଦକ୍ଷେପ। ରୋଗୀଙ୍କୁ ଶ୍ୱାସକ୍ରିୟା ଏବଂ ଶୋଇବାରେ କଷ୍ଟ ହେଉଥିବାରୁ ହସ୍ପିଟାଲରେ ଭର୍ତି କରାଯାଇଥିଲା, ଯାହାର ଲକ୍ଷଣ କିଛି ଦିନ ପରେ ଆହୁରି ଖରାପ ହୋଇଯାଇଥିଲା। ଅତି ଗଭୀର ପରୀକ୍ଷା ଫଳାଫଳରୁ ଜଣାପଡ଼ିଥିଲା ଯେ ରୋଗୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ଏକ ଓପନ ହାର୍ଟ ଅସ୍ତ୍ରୋପଚାର ଏକ ପରାମର୍ଶିତ ସମାଧାନ ହେବ ନାହିଁ। ସତର୍କତାର ସହ ଆକଳନ କରିବା ପରେ, ହୃଦରୋଗ ବିଶେଷଜ୍ଞମାନେ ଛାତି ଛେଦନ ଅସ୍ତ୍ରୋପଚାର ନକରି ଟ୍ରାନ୍ସ କ୍ୟାଥେଟର ମାଧ୍ୟମରେ ଏକ ମିନିମାଲି ଇନଭେସିଭ୍ ପ୍ରଣାଳୀ ଗ୍ରହଣ କରିବାକୁ ନିଷ୍ପତି ନେଇଥିଲେ। ଡକ୍ଟର ସୂର୍ଯ୍ୟକାନ୍ତ ଜେନା, ଡକ୍ଟର ସୁବାସିସ ମିଶ୍ରଙ୍କ ସହିତ ମିଶି ମାଇକ୍ଲିପ୍ ବ୍ୟବହାର କରି ମିଟ୍ରାଲ ଭଲଭ୍ ରିପେର କରିଥିଲେ, ଯାହାକୁ ରକ୍ତବାହୀ ନଳୀ ମାଧ୍ୟମରେ ହାର୍ଟକୁ ପଠାଯାଇଥିଲା। ଏହାର ପ୍ରଭାବ ତୁରନ୍ତ ଏବଂ ଉଲ୍ଲେଖନୀୟ ଥିଲା। ଭଲ୍ଭରେ ଲିକେଜ୍ ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା, ଇଂଟ୍ରାକେଭିଟାରୀ ଚାପରେ ଏକ ଉଲ୍ଲେଖନୀୟ ହ୍ରାସ ପାଇଲା ଏବଂ ଫୁସଫୁସକୁ ରକ୍ତ ପ୍ରବାହ ବୃଦ୍ଧି ପାଇଲା।

# ଜାୱା ୟେଜଦୀ ଆଡଭେଂଚର ଏବଂ ରୋଡଷ୍ଟର ଏବେ ଆମାଜନ ଏବଂ ଫ୍ଲିପକାର୍ଟରେ ଉପଲବ୍ଧ

**ଭୁବନେଶ୍ୱର, ୫।୧ (ନି.ପ୍ର) :** ଜାୱା ୟେଜଦୀ ମୋଟରସାଇକେଲ ଏହାର ଟପ-ସେଲିଙ୍ଗ, ୟେଜଦୀ ଆଡଭେଂଚର ଏବଂ ୨୦୨୫ ୟେଜଦୀ ରୋଡଷ୍ଟରକୁ ଆମାଜନ ଏବଂ ଫ୍ଲିପକାର୍ଟରେ ନେଇ ଆସିଛି। ଏହା ଦ୍ୱାରା ଏପର୍ଯ୍ୟନ୍ତ କେବଳ ଶୋ'ରୁମରେ ଉପଲବ୍ଧ ୟେଜଦୀର ସବୁ ଠାରୁ ଲୋକପ୍ରିୟ ମୋଟର ସାଇକେଲ ଗୁଡ଼ିକ ଏବେ ପ୍ରମୁଖ ବଜାର ଗୁଡ଼ିକରେ ସହଜରେ ଉପଲବ୍ଧ ହୋଇ ପାରିବ। ଅନଲାଇନରେ ଏହାର ସମସ୍ତ ନୂତନ ମଡେଲ ସହିତ, କମ୍ପାନୀ ଏହାର ଡିଜିଟାଲ ବିତରଣ ପହଂଚକୁ ଉନ୍ନତ କରିବା ପାଇଁ ଗତ ବର୍ଷ ଏକ ଦୃଢ଼ ଅନଲାଇନ ଡେବ୍ୟୁ ପାଇଁ ପ୍ରସ୍ତୁତ ହେଉଛି। ଏହା ଫ୍ଲିପକାର୍ଟରେ ପ୍ରିମିୟମ୍ କ୍ଲାସିକ୍ ମୋଟର ସାଇକେଲ ତାଲିକା ଭୁକ୍ତ କରିବାରେ ପ୍ରଥମ ହୋଇଥିବା ବେଳେ ଏହାପରେ ଆମାଜନ ରହିଛି। ରାଇଡରମାନେ ଏବେ ଦୈନନ୍ଦିନ ବ୍ରାଉଜିଂର ସହଜତା ସହିତ ଡିସ୍କଭରୀରୁ ବୁକିଂ ପର୍ଯ୍ୟନ୍ତ ଯାଇପାରିବେ ଏବଂ



ପ୍ରକୃତ ରାସ୍ତା ତଥା କାର୍ଯ୍ୟଦକ୍ଷତା ପାଇଁ ପ୍ରସ୍ତୁତ ହୋଇଥିବା ମୋଟର ସାଇକେଲ ଘରକୁ ଆଣିପାରିବେ।

ଏସମ୍ପର୍କରେ ଜାୱା ୟେଜଦି ମୋଟରସାଇକେଲ୍ସର ସହ-ପ୍ରତିଷ୍ଠାତା ଅନୁପମ ଥରେଜା କହିଛନ୍ତି, 'ଆମାଜନ ଏବଂ ଫ୍ଲିପକାର୍ଟରେ ଆମର ଦୁଇଟି ସବୁଠାରୁ ପ୍ରିୟ ୟେଜଦି ଆଣିବା ଦ୍ୱାରା ସମଗ୍ର ଭାରତରେ ଆରୋହୀ ମାନେ କ୍ଲାସିକ୍ ମୋଟର ସାଇକେଲିଂର ରୋମାଂଚ ଅନୁଭବ କରିପାରିବେ। ୨୦୨୫ ଆଡଭେଂଚର ଏବଂ ରୋଡଷ୍ଟର ଆମର ଶୋ'ରୁମରେ ଏକ ଅଦ୍ଭୁତ ପ୍ରତିକ୍ରିୟା ପାଇଥିଲା। ଅନଲାଇନ୍ ରିଟେଲ୍ ସହିତ, ଆମେ କାର୍ଯ୍ୟକୁ ସରଳ କରୁଛୁ, ତେଣୁ ଆମର ଡିଲରସିପ୍ସ ସବୁଠାରୁ ସୁବିଧାଜନକ ଉପାୟରେ ଆରୋହୀଙ୍କୁ ସେମାନଙ୍କ ମେସିନ୍ ସହିତ ଏକତ୍ରିତ କରିପାରିବେ।

ଏଥିରେ ଚାଳକମାନେ ପ୍ଲାଟଫର୍ମ-ନିର୍ଦ୍ଦିଷ୍ଟ ଅଫରଗୁଡ଼ିକୁ ମଧ୍ୟ ଉପଲବ୍ଧ କରିପାରିବେ । ଆମାଜନରେ, ୬,୫୦୦ ଟଙ୍କା ପର୍ଯ୍ୟନ୍ତ କ୍ରେଡିଟ୍ କାର୍ଡ କ୍ୟାସବ୍ୟାକ୍, ଆମାଜନ୍ ପେ ଆଇସିଆଇସିଆଇ କୋ-ବ୍ରାଣ୍ଡେଡ୍ କ୍ରେଡିଟ୍ କାର୍ଡରେ ଆମାଜନ୍ ପ୍ରାଇମ୍ ଗ୍ରାହକଙ୍କ ପାଇଁ ୫% କ୍ୟାସବ୍ୟାକ୍ ଏବଂ ୬ ମାସ ପର୍ଯ୍ୟନ୍ତ କୌଣସି ଖର୍ଚ୍ଚ ଇଏମଆଇ ନାହିଁ। ଫ୍ଲିପକାର୍ଟରେ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଅଫର ଏବଂ ୪,୦୦୦ ଟଙ୍କା ପର୍ଯ୍ୟନ୍ତ କ୍ରେଡିଟ୍ କାର୍ଡ କ୍ୟାସବ୍ୟାକ୍ ଅଫର ଲାଭ କରନ୍ତୁ। ଅନଲାଇନରେ ଉପଲବ୍ଧ ମଡେଲଗୁଡ଼ିକ ମଧ୍ୟରେ ରହିଛି ୨୦୨୫ ୟେଜଦି ଆଡଭେଂଚର ଏବଂ ୨୦୨୫ ରୋଡଷ୍ଟର ଏବଂ ସମ୍ପୂର୍ଣ୍ଣ ଜାୱା ପୋର୍ଟଫୋଲିଓ (୩୫୦, ୪୨, ୪୨ଏଫଜେ, ୪୨ ବବର ଏବଂ ପେରାକ) ସମେତ ୟେଜଦି ରେ ବର୍ତମାନ ଉଭୟ ପ୍ଲାଟଫର୍ମରେ ତାଲିକାଭୁକ୍ତ। ବ୍ରାଣ୍ଡର ଇ-କମର୍ସ ନେଟୱାର୍କ ବର୍ତମାନ ୪୪ଟି ସହରରେ କାର୍ଯ୍ୟ କରୁଛି ଯେଉଁଥିରେ ୫୫ ଜଣ ଡିଲର ସାମିଲ ଅଛନ୍ତି। ସମସ୍ତ ଜାୱା ଏବଂ ୟେଜଦୀ ମୋଟର ସାଇକେଲ ଗୁଡ଼ିକ ବ୍ୟାପକ 'ଜାୱା ୟେଜଦୀ ବିଏସଏ ଓନରସିପ୍ ଆସିଓରାନ୍ସ ପ୍ରୋଗ୍ରାମ' ଦ୍ୱାରା ସମର୍ଥିତ-ଏହି ସେଗମେଂଟରେ ଏକ ଶିଳ୍ପ-ପ୍ରଥମ ପଦକ୍ଷେପ।

# ୫ ହଜାରରୁ ଉର୍ଦ୍ଧ୍ୱ ଜୁଆଙ୍ଗ ଆଦିବାସୀଙ୍କ ବିଶାଳ ଗଣ ଧାରଣା

**ଢେଙ୍କାନାଳ, ୫।୧ (ନି.ପ୍ର):** ଜିଲ୍ଲାର ସମସ୍ତ ବ୍ଲକରେ ଥିବା ୧୭୪ ଟି ଗାଁ ରୁ ଆଜି ୫ ହଜାର ଜୁଆଙ୍ଗ ଆଦିବାସୀ ଢେଙ୍କାନାଳ ଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲ୍ ଙ୍କ ଜନଶୁଣାଣୀରେ ପହଂଚି ଜିଲ୍ଲାପାଳଙ୍କୁ ନିଜର ଅଭିଯୋଗ ଜଣାଇଥିଲେ । ଜିଲ୍ଲାପାଳ ଶ୍ରୀ ପାଟିଲ୍ ଙ୍କ ନିର୍ଦ୍ଦେଶ ପରେ ଅତିରିକ୍ତ ଜିଲ୍ଲାପାଳ (ଏଡିଏମ୍) ଶ୍ରୀ ରମେଶ ଚନ୍ଦ୍ର ସେଠୀ ହାଇକୋର୍ଟ ଆଡ୍‌ଭୋକେଟ୍ ଇଂ. ଦେବାଶିଷ ହୋତାଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ସହିତ ଚର୍ଚ୍ଚା କରିଥିଲେ।

ଏହି ପ୍ରତିନିଧିମଣ୍ଡଳୀରେ ପ୍ରତି ବ୍ଲକରୁ ଜଣେ ଲେଖାଏଁ ଜୁଆଙ୍ଗ ଆଦିବାସୀ ସଦସ୍ୟ ଭାବରେ ରହିଛନ୍ତି । ସେମାନେ ହେଲେ ଗୋବିନ୍ଦ ପଧାନ, ମହାଦେବ ପଧାନ, ପ୍ରଫୁଲ୍ଲ ପଧାନ, ସୁଷମା ବେହେରା, କମଳା ପଧାନ, ନିରାକାର ପଧାନ ଏବଂ ସମୀର ପଧାନ । ଏଠାରେ ସୂଚନା ଯୋଗ୍ୟ ଯେ, ୭୮ ବର୍ଷ ହେବ ଦେଶ ସ୍ୱାଧୀନ ହୋଇସାରିଥିଲେ ମଧ୍ୟ ଏହି ୧୭୪ ଟି ଗାଁ ମଧ୍ୟରୁ ପ୍ରାୟ ଅନେକ ଗାଁ ରେ ଆଜି ଯାଏଁ ପିଇବା ପାଣି, ଇଲେକ୍ଟ୍ରି ଓ ପକ୍କା ରାସ୍ତା ଭଳି ସାମାନ୍ୟ ମୌଳିକ ସୁବିଧା ସୁଯୋଗ ଉପଲବ୍ଧ କରାଇବାରେ ନେତା ଓ ଅଫିସର୍ ମାନେ ଆଗ୍ରହ ପ୍ରକାଶ ନ କରିବା ଘୋର ଲଜ୍ୟାର ବିଷୟ । ସେହିପରି ଜୁଆଙ୍ଗ ଆଦିବାସୀମାନଙ୍କୁ ଜନମନ ଯୋଜନାରେ ଘର ଖଣ୍ଡେ କିମ୍ବା ଭୂମିହୀନଙ୍କୁ ଘରଡିହ ପଟ୍ଟା ଏବଂ ଜଙ୍ଗଲ ଅଧିକାର ପ୍ରମାଣ ପତ୍ର ମିଳୁ ନାହିଁ । କଙ୍କଡାହାଡ ବ୍ଲକ୍ ର କୀର୍ତନପୁର ଗାଁ ରେ ୯ ଟି ଜନମନ ଘର, ସୂର୍ଯ୍ୟଶକ୍ତି ଦ୍ୱାରା ପାଣି ସପ୍ଲାଏ ଓ ୧୬୫୦ ମିଟର ପକ୍କା ରାସ୍ତା, ବାମ୍ ଗାଁ ରେ ୨ ଟି ସାହିରେ ସୂର୍ଯ୍ୟଶକ୍ତି ଦ୍ୱାରା ପାଣି ସପ୍ଲାଏ ଓ ୫୫୦ ମିଟର ପକ୍କା ରାସ୍ତା, ଘୁଟୁଣିପଶି ଗାଁ ରେ ଗୋଟିଏ ଜଙ୍ଗଲ ଅଧିକାର ପଟ୍ଟା ଓ ୨୭୦୦ ମିଟର ପକ୍କା ରାସ୍ତା, ପଥରଗଡ ଗାଁ ରେ ଗୋଟିଏ ଜନମନ ଘର, ସୂର୍ଯ୍ୟଶକ୍ତି ଦ୍ୱାରା ପାଣି ସପ୍ଲାଏ ଓ ୩ କିମି ପକ୍କା ରାସ୍ତା, ଗଣ୍ଡିଖୋଲ ଗାଁ ରେ ଇଣ୍ଟରନେଟ୍, ସୂର୍ଯ୍ୟଶକ୍ତି ଦ୍ୱାରା ପାଣି ସପ୍ଲାଏ ଓ ୩୦୦ ମିଟର ପକ୍କା ରାସ୍ତା, ଆମ୍ବିଳି ଗାଁ ରେ ୩ ଟି ଜଙ୍ଗଲ ଅଧିକାର ପଟ୍ଟା, ସୂର୍ଯ୍ୟଶକ୍ତି ଦ୍ୱାରା ୨ ଟି ପାଣି ସପ୍ଲାଏ ଓ ୩ କିମି ପକ୍କା ରାସ୍ତା, ଜରଡା ଗାଁ ରେ ୧୩ ଟି ଜଙ୍ଗଲ ଅଧିକାର ପଟ୍ଟା ଓ କମ୍ୟୁନିଟି ସେଣ୍ଟର, ଅନ୍ଧାରୀ ଗାଁ ରେ ୪୦୦ ମିଟର ପକ୍କା ରାସ୍ତା, ଝଂଜିରିବେହେରା ଗାଁ ରେ ଶହେ ମିଟର ପକ୍କା ରାସ୍ତା, ମାଧମୁଣ୍ଡା ଗାଁ ରେ ସୂର୍ଯ୍ୟଶକ୍ତି ଦ୍ୱାରା ପାଣି ସପ୍ଲାଏ ଓ ୧ କିମି ପକ୍କା ରାସ୍ତା, ରୂପାବେଡା ଗାଁ ରେ ୫ ଟି ଜନମନ ଘର ଓ ସୂର୍ଯ୍ୟଶକ୍ତି ଦ୍ୱାରା ପାଣି ସପ୍ଲାଏ, କରଗୋଳା ଗାଁ ରେ ୭ ଟି ଜଙ୍ଗଲ ଅଧିକାର ପଟ୍ଟା ଓ ୧ କିମି ପକ୍କା ରାସ୍ତା, ପୁଟିପାଳ ଗାଁ ରେ ସ୍କୁଲ୍ ଘର, ସୂର୍ଯ୍ୟଶକ୍ତି ଦ୍ୱାରା ୨ ଟି ପାଣି ସପ୍ଲାଏ ଓ ୧୪ କିମି ପାହାଡି ପକ୍କା ରାସ୍ତା, ହଳଦିକୁଣ୍ଡି ଗାଁ ରେ ୯ ଟି ଜଙ୍ଗଲ ଅଧିକାର ପଟ୍ଟା, ସୂର୍ଯ୍ୟଶକ୍ତି ଦ୍ୱାରା ପାଣି ସପ୍ଲାଏ ଓ କମ୍ୟୁନିଟି ସେଣ୍ଟର, କେଳାହତା ଗାଁ ରେ ୨୭ ଟି ଜଙ୍ଗଲ ଅଧିକାର ପଟ୍ଟା, ୪ ଟି ଷ୍ଟ୍ରିଟ୍ ଲାଇଟ୍ ଓ ଅଢେଇ କିମି ପକ୍କା ରାସ୍ତା, ବାଘୁଆ ଗାଁ ରେ ୧୭ ଟି ଜଙ୍ଗଲ ଅଧିକାର ପଟ୍ଟା, ମକୁଆକାଟେଣୀ ଗାଁ ରେ ୩୦ ଟି ଜଙ୍ଗଲ ଅଧିକାର ପଟ୍ଟା,ସୂର୍ଯ୍ୟଶକ୍ତି ଦ୍ୱାରା ପାଣି ସପ୍ଲାଏ, ୫୦୦ ମିଟର ପକ୍କା ରାସ୍ତା ଓ କମ୍ୟୁନିଟି ସେଣ୍ଟର. ବାଘବସା ଗାଁ ରେ ସୂର୍ଯ୍ୟଶକ୍ତି ଦ୍ୱାରା ପାଣି ସପ୍ଲାଏ, ମୁତୁରିବନ୍ଧ ଗାଁ ରେ ସୂର୍ଯ୍ୟଶକ୍ତି ଦ୍ୱାରା ପାଣି ସପ୍ଲାଏ ଓ ୪ ଟି ଷ୍ଟ୍ରିଟ୍ ଲାଇଟ୍, ଭାଲୁମୁଣ୍ଡା ଗାଁ ରେ ୭ ଟି ଜନମନ ଘର, ସୂର୍ଯ୍ୟଶକ୍ତି ଦ୍ୱାରା ପାଣି ସପ୍ଲାଏ ଓ ୪ ଟି ଷ୍ଟ୍ରିଟ୍ ଲାଇଟ୍ ତଥା ହଦଗଡି ଗାଁ ରେ ୪ ଟି ଜନମନ ଘର ପଟ୍ଟା, ସୂର୍ଯ୍ୟଶକ୍ତି ଦ୍ୱାରା ପାଣି ସପ୍ଲାଏ, ୫ କିମି ପକ୍କା ରାସ୍ତା ଓ ୪ ଟି ଷ୍ଟ୍ରିଟ୍ ଲାଇଟ୍ ଇତ୍ୟାଦି ନିହାତି ଜରୁରୀ।



# ଷ୍ଟିଲବାର୍ଡ ହେଲମେଟ୍ ଚଳିତ ବର୍ଷ ଐତିହାସିକ ହ୍ୟାଟ୍ରିକ୍ ପାଇଁ ପ୍ରସ୍ତୁତ

**ଭୁବନେଶ୍ୱର, ୫।୧ (ନି.ପ୍ର) :** ପୁଣି ଥରେ, ଷ୍ଟିଲବର୍ଡ ଭାରତ ତଥା ସମଗ୍ର ବିଶ୍ୱରେ ଆରୋହୀଙ୍କ ଅତୁଟ ବିଶ୍ୱାସ ଅର୍ଜନ କରିଛି । ୨୦୨୪ ଏବଂ ୨୦୨୫ ରେ ବିଶ୍ୱର ନମ୍ବର ୧ ହେଲମେଟ୍ ଉତ୍ପାଦକ ହେବା ପରେ, ଷ୍ଟିଲବର୍ଡ ହାଇ-ଟେକ୍ ଇଣ୍ଡିଆ ଲିମିଟେଡ୍ ବର୍ତମାନ ୨୦୨୬ ରେ ଏକ ଐତିହାସିକ ହ୍ୟାଟ୍ରିକ୍ ପୂରଣ କରିବାକୁ ଦୃଢ ଭାବରେ ପଥରେ ଅଛି, ଚଳିତ ବର୍ଷ ୯.୩ ନିୟୁତ ହେଲମେଟ୍ ବିକ୍ରି ହୋଇଛି। ଏହି ସଫଳତା ଗତ ବର୍ଷ ନୂଆଦିଲ୍ଲୀ, ଜାନୁଆରୀ ୨୦୨୫ ରେ ସରକାରୀ ସ୍ୱୀକୃତି ପରେ ହୋଇଛି, ଯେଉଁଠାରେ ଷ୍ଟିଲବର୍ଡ ବିଶ୍ୱର ଅଗ୍ରଣୀ ହେଲମେଟ ନିର୍ମାତା ଭାବରେ ଘୋଷିତ ହୋଇଥିଲା, ଯାହା ରେକର୍ଡ ଭାଙ୍ଗିଥିବା ୮.୭୫ ନିୟୁତ ୟୁନିଟ୍ ବିକ୍ରି କରିଥିଲା । ତଥାପି ଏହି ପ୍ରଭାବଶାଳୀ




ସଂଖ୍ୟା ପଛରେ ଏକ ବଡ଼ ଉଦ୍ଦେଶ୍ୟ ଅଛି - ରାସ୍ତାରେ ଅଗଣିତ ଜୀବନ ବଂଚାଇବାର ସୁଯୋଗ। ପ୍ରତିଦିନ ୬୦,୦୦୦ ହେଲମେଟ୍ ଉତ୍ପାଦନ କରିବା ପାଇଁ କମ୍ପାନୀର ଯୋଜନାବଦ୍ଧ ବିସ୍ତାର ତିନି ବର୍ଷର ଉଲ୍ଲେଖନୀୟ ବିଶ୍ୱ ନେତୃତ୍ୱ ଧାରା ହାସଲ କରିବା ଦିଗରେ ଏହାର ଦୃଢ ଗତିକୁ ଦୃଢ କରେ । କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଜୀବ କପୁର କହିଛନ୍ତି ଯେ, 'ବିଶ୍ୱ ହେଲମେଟ ଶିଳ୍ପର ଏକମାତ୍ର ନେତା ଯିଏକି ମିଳିତ ଜାତିସଂଘ (ୟୁଏନ) ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ) ଦ୍ୱାରା ସେମାନଙ୍କର ଆନ୍ତର୍ଜାତୀୟ ସଡ଼କ ସୁରକ୍ଷା ଫୋରମକୁ ସମ୍ବୋଧିତ କରିବା ପାଇଁ ଦୁଇଥର ନିମନ୍ତ୍ରଣ କରାଯାଇଛି ।

## ରତ୍ନାକର ବାଗ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସ

# ଝଲପ ଦଳ କୁ ହରାଇ ବଙ୍ଗୋମୁଣ୍ଡା ଦଳ ବିଜୟୀ



**ବଙ୍ଗୋମୁଣ୍ଡା,୫।୧ (ନି.ପ୍ର):** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ କପିଲାଭଟା ଓ ତାଳଭଟା ଗ୍ରାମର ମିଳିତ ଆନୁକୂଲ୍ୟରେ ରେ ଚାଲିଥିବା ତୃତୀୟ ତମ ରତ୍ନାକର ବାଗ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜି ତୃତୀୟ ଦିବସ ରେ ପହଞ୍ଚିଛି। ଆୟୋଜକ କମିଟି ର ସଭାପତି ହୁଲେଶ୍ୱର ହଂସ ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କପିଲାଭଟା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ଟଙ୍କଧର ବିଶ୍ୱାଳ, ସମ୍ମାନୀୟ ଅତିଥି ଭାବେ କପିଲାଭଟା ପଞ୍ଚାୟତ ନାଏବ ସରପଞ୍ଚ ଝସକେତନ ସାହୁ, ବଙ୍ଗୋମୁଣ୍ଡା ପଞ୍ଚାୟତ ସମିତି ମାଧ୍ୟମିକ ବିଦ୍ୟାଳୟ ର ଅଧ୍ୟାପକ ଖଗେଶ୍ୱର ବେହେରା, ବଙ୍ଗୋମୁଣ୍ଡା ସିଆରସିସି ଜିତାମିତ୍ର ବିଶି ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ତୃତୀୟ ଦିବସ ମ୍ୟାଚ ରେ ଝଲପ ଓ ବଙ୍ଗୋମୁଣ୍ଡା ଦଳ ମଧ୍ୟରେ ଖେଳ ହୋଇଥିଲା ।ଏଥିରେ ଝଲପ କୁ ୪-୧ ଗୋଲ ରେ ପରାସ୍ତ କରି ବଙ୍ଗୋମୁଣ୍ଡା ଦଳ ବିଜୟୀ ହୋଇଥିଲା ଯ ରେଫରୀ ନବୀନ ସରାଫ ଖେଳ ପରିଚାଳନା କରିଥିବା ବେଳେ ଲାଇନ ରେ ବୈଷ୍ଣବ ତାଣ୍ଡି ଓ ନିତେଶ ମାଝୀ ସହଯୋଗ କରିଥିଲେ। ପରମାନନ୍ଦ ଛତ୍ରିଆ। ଓ ଅଭୟ ବାଗ ଧାରା ବିବରଣୀ ପ୍ରଦାନ କରିଥିଲେ ଯଆୟୋଜକ କମିଟି ର ସଂଯୋଜକ ରାହୁଲ ବାଗ, ଉପସଭାପତି ତ୍ରିବିକ୍ରମ ବେହେରା, ସମ୍ପାଦକ ଆଶିଷ ବେହେରା, ସହ ସମ୍ପାଦକ ଗିରିଶ ଅଦା, କୋଷାଧ୍ୟକ୍ଷ ପ୍ରିୟରଞ୍ଜନ ହଂସ, ଉପଦେଷ୍ଟା ଅଶୋକ କୁମାର ବିଶି,ସଦସ୍ୟ ଜିତେନ୍ଦ୍ର ହଂସ,, ଅଭିଷେକ ହଂସ, ନିତ୍ୟା ହଂସ,ବିକାଶ ହଂସ,ତରଣୀ ପୁଞ୍ଜି, ସନ୍ତୋଷ ହଂସ ସହ ବହୁ ସଦସ୍ୟ ମାନେ ସହଯୋଗ କରିଥିଲେ।

# ଏସବିଆଇ ଲାଇଫ-ସ୍ମାର୍ଟ ପ୍ଲାଟିନା ସୁପ୍ରିମ ସହ ଦୃଢ଼ ଆର୍ଥିକ ଭବିଷ୍ୟତ ପାଇଁ ଏକ ଗ୍ୟାରେଣ୍ଟି ଆୟ ବୀମା ଯୋଜନା

**ଭୁବନେଶ୍ୱର, ୫।୧ (ନି.ପ୍ର) :** ଦୁନିଆ ଭ୍ରମଣ କରିବା ହେଉ କିମ୍ବା କ୍ୟାରିୟର ଗଢ଼ିବା, ନିଜ ବ୍ୟବସାୟ ଆରମ୍ଭ କରିବା କିମ୍ବା ନିଜ ସ୍ୱପ୍ନର ଘର କରିବା ହେଉ, ୨୦ ଓ ୩୦ ବର୍ଷ ବୟସରେ ସମସ୍ତେ ନିଜ ସ୍ୱପ୍ନ ପୂରଣ କରିବା ଦିଗରେ ଅଗ୍ରସର ହୋଇଥାନ୍ତି। କିନ୍ତୁ ଖର୍ଚ୍ଚ, ସଂଚୟ ଓ ବିଭିନ୍ନ ସମୟରେ ଅଭାବନୀୟ ଖର୍ଚ୍ଚ ଭିତରେ ପେଶି ହୋଇ ସେହି ସ୍ୱପ୍ନ ପୂରଣ କରିବା ଏତେ ସହଜ ନୁହେଁ। ସେଥିପାଇଁ ଆର୍ଥିକ ଯୋଜନା ଜରୁରୀ ଓ ତାହାକୁ ନିଶ୍ଚିତ ରୂପେ ଏବେ ଆରମ୍ଭ କରିବାକୁ ହେବ।

ଆପଣମାନେ ଭାବନ୍ତୁ ଆପଣ ନିଜ ସ୍ୱପ୍ନ ପାଇଁ ସଂଚୟ କରିବା ସହ ଆଜିର ଦିନରେ ଭଲ ଜୀବନ ବି ବିତାଇ ପାରିବେ। ଆପଣ ନିଜ ବ୍ୟବସାୟ ଆରମ୍ଭ




କରିବା କିମ୍ବା ଏକ ଭ୍ରମଣରେ ଯିବା ବିଷୟରେ ଯୋଜନା କରୁଥାଇପାରନ୍ତି। ମାତ୍ର ବଢୁଥିବା ଖର୍ଚ୍ଚ ଓ ଜୀବନର ଅନିଶ୍ଚିତା ସହ ଏହି ସନ୍ତୁଳନ ବେଶ ଉତ୍ସାହଜନକ ମନେ ହେବ। ସେହି ପରିପ୍ରେକ୍ଷୀରେ ଏକ ଯୋଜନା ଯାହା ଦ୍ରୁତ ଆୟର ଗ୍ୟାରେଂଟି ଦେବ ଏବଂ ଆପଣଙ୍କ ପାଇଁ ଗୁରୁତ୍ୱ ରଖୁଥିବା ସ୍ୱପ୍ନକୁ ଅନୁସରଣ କରିବା ପାଇଁ ଆର୍ଥିକ ସହଜତା ପ୍ରଦାନ କରିବ।

ଏସବିଆଇ ଲାଇଫ-ସ୍ମାର୍ଟ ପ୍ଲାଟିନା ସୁପ୍ରିମ ହେଉଛି ଭଲ ଭାବେ ଚିନ୍ତା କରି ପ୍ରସ୍ତୁତ କରାଯାଇଥିବା ଏକ ଗ୍ୟାରେଂଟି ରିଟର୍ଣ୍ଣ ପ୍ଲାନ ଯାହା ସ୍ୱପ୍ନ ଓ ବାସ୍ତବତା ଭିତରେ ଥିବା ଅନ୍ତର ଦୂର କରିବ। ଏହି ନନ-ଲିଙ୍କଡ, ନନ-ପାର୍ଟିସିପେଟିଂ ଜୀବନ ବୀମା ସଂଚୟ ଯୋଜନା ଆର୍ଥିକ ସୁରକ୍ଷା ଓ ନିଶ୍ଚିତ ରିଟର୍ଣ୍ଣର ଦ୍ୱୈତ ଲାଭ ପ୍ରଦାନ କରିବ। ଆପଣ ନିଜ ଆର୍ଥିକ ଭବିଷ୍ୟତର ମୂଳଦୁଆ ଗଢ଼ିବାକୁ ଚାହୁଥିବା ଯୁବ ପ୍ରଫେସନାଲ ହୋଇଥାନ୍ତୁ କିମ୍ବା ଅବସର ପରବର୍ତ୍ତୀ ସମୟ ପାଇଁ ଦୀର୍ଘକାଳୀନ ଦ୍ରୁତ ଆୟ ଚାହୁଥାନ୍ତି, ଏହି ଯୋଜନା ଆବଶ୍ୟକତା ବିବିଧ ଆବଶ୍ୟକତା ଓ ଅଭିଳାଷକୁ ପୂରଣ କରିବ।

ଯାହା ସ୍ମାର୍ଟ ପ୍ଲାଟିନା ସୁପ୍ରିମକୁ ଅନ୍ୟମାନଙ୍କଠାରୁ ଅଲଗା କରିଛି ତାହା ହେଉଛି ନମନୀୟତା। ସୁହାଇବା ଭଳି ପ୍ରିମିୟମ ପୈଠ ଅବଧି, ପଲିସି ଅବଧି ଓ ନିଶ୍ଚିତ ଦେୟ ବିକଳ୍ପକୁ ନେଇ ଯାହା ବ୍ୟକ୍ତିଗତ ଆର୍ଥିକ ଲକ୍ଷ୍ୟ ସହ ସମନ୍ୱିତ ରହିଛି। ଏହି ପ୍ଲାନ ସ୍ତର କିମ୍ବା ବର୍ଦ୍ଧିତ ଦେୟ ଜରିଆରେ ନିୟମିତ ଗ୍ୟାରେଂଟି ଆୟକୁ ନିଶ୍ଚିତ କରିବ ଏବଂ ମାଚ୍ୟୁରିଟି ଲାଭ ଭାବେ ପ୍ରଦାନ କରାଯାଇଥିବା ମୋଟ ପ୍ରିମିୟମର ୧୧୦ ପ୍ରତିଶତ ରାଶି ଫେରାଇବ। ଏହା ନିର୍ଭରଶୀଳ ଦ୍ୱିତୀୟ ଆୟ ଉତ୍ସବ ଭାବେ କାମ କରିବା ସହିତ ନିଜ ପ୍ରିୟଜନଙ୍କ ଜୀବନକୁ ସୁରକ୍ଷା ଦେବ।

ସ୍ମାର୍ଟ ପ୍ଲାଟିନା ସୁପ୍ରିମ ଭଳି ପ୍ଲାନକୁ ଆଗୁଆ ଆରମ୍ଭ କରିବା କେବଳ ଚତୁରତା ନୁହେଁ, ଏହା ହେଉଛି ସଶକ୍ତୀକରଣ। ଏବେ ଚଳନୀୟ ରାଶି ରଖି ଆପଣ ଭବିଷ୍ୟତ ପାଇଁ ଦ୍ରୁତ ଆୟ ଉତ୍ସ ସୃଷ୍ଟି କରିବା ସହ ଆଜି ଆର୍ଥିକ ସ୍ୱାଧୀନତା ଉପଭୋଗ କରିବ। ଏସବିଆଇ ଲାଇଫ-ଦୁର୍ଘଟଣା ଲାଭ ରାଇଡର ଓ ପଲିସି ଋଣ ପାଇଁ ବିକଳ୍ପ ଭଳି ଅତିରିକ୍ତ ସୁବିଧା ସହ ଏହା ଉଭୟ ଯୋଜନାବଦ୍ଧ ଓ ଅଭାବନୀୟ ଆବଶ୍ୟକତା ପୂରଣ କରିବ।

ଏସବିଆଇ ଲାଇଫ-ସ୍ମାର୍ଟ ପ୍ଲାଟିନା ସୁପ୍ରିମ ଏକ ବୀମା ଯୋଜନାଠାରୁ ଅଧିକ। ଏହା ହେଉଛି ଆପଣଙ୍କ ସ୍ୱପ୍ନ ପୂରଣ କରିବାର ଏକ ସହଯୋଗୀ। ଏହି ପ୍ଲାନକୁ ଚୟନ କରି ଆପଣ ଆଗକୁ କଣ ଆସୁଛି ସେଥିପାଇଁ ପ୍ରସ୍ତୁତ ରହିବା ସହ ନିଜର ଆର୍ଥିକ ଭବିଷ୍ୟତକୁ ସୁରକ୍ଷିତ ରଖିବା ସହ ଜୀବନର ଗୁରୁତ୍ୱପୂର୍ଣ୍ଣ ମୂହୁର୍ତ୍ତଗୁଡ଼ିକୁ ବିଶ୍ୱାସର ସହ ଆଦରି ନେଇପାରିବେ।

# ଆନ୍ତଃଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ୍‌ରେ ସାଲେପୁର ବିଜୟୀ



ବଡ଼ଚଣା :୫।୧,(ନି: ପ୍ର) ଯାଜପୁର ଜିଲ୍ଲା ଛତିଆ ଠାରେ ଛତିଆ ୟୁଥ୍ କ୍ଲବ୍ ଛତିଆ ଆନୁକୁଲ୍ୟରେ ରାତ୍ରି କାଳୀନ ବ୍ୟାଡ ମିଣ୍ଟନ୍ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଛତିଆ ବ୍ୟାଙ୍କ୍ ଅଫ ମହାରାଷ୍ଟ୍ର ର ମ୍ୟାନେଜର ନବୀନ କୁମାର ଜି ଯୋଗ ଦେଇ ଥିଲେ, ସମ୍ମାନିତ ଅତିଥି ଭାବେ ଆଇନ୍ ଜୀବି ରେଣୁବାଳା ମହାନ୍ତି, ସମାଜ ସେବୀ ଅନିଲ କୁମାର ବେହେରା, ସମାଜ ସେବୀ ବିଭୂତି ଭୂଷଣ ଦାସ, ଇଂ ତୁଷାର କାନ୍ତି ପଣ୍ଡା, ଛତିଆ ପ୍ରେସ କ୍ଲବ ସଭାପତି ବ୍ରଜ ଗୋପାଳ ଦାସ, ପ୍ରେସ କ୍ଲବ୍ ଉପ – ସଭାପତି କାର୍ତ୍ତିକ ଚନ୍ଦ୍ର ରାଉତ ପ୍ରମୁଖ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରି ଥିବା ବେଳେ, ସମିତି ସଭ୍ୟ ଦୀପକ ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ବିଭିନ୍ନ କଟକ ଯାଜପୁର,କେନ୍ଦ୍ରାପଡ଼ା, ଢେଙ୍କାନାଳ ,ଭଦ୍ରକ ଇତ୍ୟାଦି ଜିଲ୍ଲା ରୁ ୧୬ ଗୋଟି ଟିମ୍ ଭାଗ ନେଇ ଥିବା ବେଳେ ବଡଚଣା ବ୍ଲକ୍ ସ୍ତରୀୟ ୧୬ ଟିମ୍ ଭାଗ ନେଇ ଥିଲେ। ପଞ୍ଚାୟତ ସ୍ତରୀୟ ଫାଇନାଲ ପ୍ରତିଯୋଗିତାରେ ବାଲିଚନ୍ଦ୍ରପୁର ସହିତ କୁସୁପୁର ମଧ୍ୟରେ କର୍ଡା ଟକ୍କର ହୋଇ ଥିଲା ।ଜିଲ୍ଲା ସ୍ତରୀୟ ଫାଇନାଲ ରେ କଟକ ସାଲେପୁର ସହିତ ଯାଜପୁର ସହିତ ଖେଳ ଚିତା କର୍ଷକ ହୋଇଥିବା ବେଳେ, କଟକ ସାଲେପୁର ୨/୧ ସେଟ୍ ଗୋଲ୍ ରେ ବିଜୟୀ ହୋଇ ଥିଲେ। ରେଫରୀ ଭାବରେ ବିଶ୍ୱରଂଜନ ଚୌଧୁରୀ ଖେଳ ପରିଚାଳନା କରିଥିଲେ।

# ୨୫ ଫସଲର ୧୮୪ ନୂତନ କିସମ ଦେଶକୁ ଉତ୍ସର୍ଗ କଲେ କୃଷିମନ୍ତ୍ରୀ

ନୂଆଦିଲ୍ଲୀ,୫।୧(ପିଆଇବି): : କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ଆଜି ନୂଆଦିଲ୍ଲୀର ଏନଏଏସସି କମ୍ପ୍ଲେକ୍ସର ଏ.ପି. ସିନ୍ଦେ ଅଡିଟୋରିୟମରେ ଭାରତୀୟ କୃଷି ଗବେଷଣା ପରିଷଦ ଦ୍ୱାରା ବିକଶିତ ୨୫ ଟି ଫସଲର ୧୮୪ ଟି ଉନ୍ନତ କିସମକୁ ଉନ୍‌ମୋଚନ କରିଛନ୍ତି। ଏହି ଅବସରରେ ଶ୍ରୀ ଚୌହାନ କହିଥିଲେ ଯେ ଭାରତ ଏକ ଖାଦ୍ୟ ଅଭାବ ଦେଶରୁ ଏକ ବିଶ୍ୱ ଖାଦ୍ୟ ଯୋଗାଣକାରୀରେ ପରିଣତ ହୋଇଛି, ଯାହା କୃଷି ବିକାଶ ଏବଂ ଖାଦ୍ୟ ସୁରକ୍ଷାରେ ଏକ ଐତିହାସିକ ମାଇଲଖୁଣ୍ଟ।

କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ, ଭାରତ ଚାଉଳ ଉତ୍ପାଦନରେ ଚୀନକୁ ପଛରେ ପକାଇ ବିଶ୍ୱର ସର୍ବବୃହତ ଉତ୍ପାଦକ ହୋଇଛି। ଭାରତର ଚାଉଳ ଉତ୍ପାଦନ ଚୀନର ୧୪୫.୨୮ ନିୟୁତ ଟନ ତୁଳନାରେ ୧୫୦.୧୮ ନିୟୁତ ଟନରେ ପହଞ୍ଚିଛି, ଯାହା ଜାତୀୟ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରୁଛି ଏବଂ ବିଶ୍ୱ ଖାଦ୍ୟ ଯୋଗାଣକାରୀ ଭାବରେ ଭାରତର ଭୂମିକାକୁ ସୁଦୃଢ଼ କରୁଛି।

କୃଷି ଗବେଷଣାର ଗୁରୁତ୍ୱ ଉପରେ ଉଲ୍ଲେଖ କରି ସେ କହିଛନ୍ତି, 'କୃଷି ହେଉଛି ଭାରତୀୟ ଅର୍ଥନୀତିର ମେରୁଦଣ୍ଡ, ଏବଂ ଚାଷର ଆତ୍ମା ହେଉଛି ବିହନ। ଭଲ ବିହନ ହେଉଛି ଉତ୍ପାଦକତା, ପୁଷ୍ଟିସାର ଏବଂ ଖାଦ୍ୟ ସୁରକ୍ଷାର ମୂଳଦୁଆ।' ଗବେଷଣା ସିଧାସଳଖ ଚାଷୀମାନଙ୍କୁ ଲାଭ ଦେବା ଉଚିତ ଏବଂ ଏକ ସ୍ପଷ୍ଟ ଲକ୍ଷ୍ୟ ଘୋଷଣା କରିଥିଲେ ଯେ 'ନୂତନ ପ୍ରକାଶିତ କିସମଗୁଡ଼ିକ ତିନି ବର୍ଷ ମଧ୍ୟରେ ଚାଷୀଙ୍କ ପାଖରେ ପହଞ୍ଚିବା ଉଚିତ। ଗବେଷଣା କେବଳ ସେତେବେଳେ ଅର୍ଥପୂର୍ଣ୍ଣ ହୁଏ ଯଦି ଏହାର ଲାଭ ସମୟ ମଧ୍ୟରେ କ୍ଷେତରେ ପହଞ୍ଚିଥାଏ।'

ସେ ପୋଷକ ସୁରକ୍ଷା ଉପରେ ସରକାରଙ୍କ ଧ୍ୟାନ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ ଯେ, ଭାରତର ଲକ୍ଷ୍ୟ ଆଉ କେବଳ ପର୍ଯ୍ୟାପ୍ତ ଖାଦ୍ୟ ଉତ୍ପାଦନ କରିବା



ନୁହେଁ, ବରଂ ଡାଲି ଏବଂ ତୈଳବୀଜ ଉପରେ ବିଶେଷ ଧ୍ୟାନ ଦେଇ ପୁଷ୍ଟିକର ଏବଂ ଉଚ୍ଚମାନର ଫସଲ ସୁନିଶ୍ଚିତ କରିବା।କେନ୍ଦ୍ରମନ୍ତ୍ରୀ ବିହନ ଉତ୍ପାଦନ, ପ୍ରଦର୍ଶନ ଓ ଚାଷୀ ସଚେତନତାକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାର, କୃଷି ବିଶ୍ୱବିଦ୍ୟାଳୟ, ଆଇସିଏଆର ପ୍ରତିଷ୍ଠାନ ଏବଂ ଘରୋଇ କ୍ଷେତ୍ର ମଧ୍ୟରେ ଅଧିକ ସମନ୍ୱୟ ସ୍ଥାପନ କରିବାକୁ ଆହ୍ୱାନ କରିଛନ୍ତି। ସରକାରଙ୍କ ଦୃଷ୍ଟିକୋଣକୁ ଦୋହରାଇ ଶ୍ରୀ ଚୌହାନ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ଏକ ଆତ୍ମନିର୍ଭରଶୀଳ, ସଶକ୍ତ ଏବଂ ବିକଶିତ ରାଷ୍ଟ୍ର ହେବା ଦିଗରେ ଦ୍ରୁତ ଗତିରେ ଅଗ୍ରଗତି କରୁଛି। ଏହି ପରିବର୍ତ୍ତନର କେନ୍ଦ୍ରରେ ଚାଷୀମାନେ ଅଛନ୍ତି।

ଡିଏଆରଇର ସଚିବ ଏବଂ ଆଇସିଏଆରର ମହାନିର୍ଦ୍ଦେଶକ ଡକ୍ଟର ଏମଏଲ ଜାଟ କହିଛନ୍ତି ଯେ, ଗତ ଦଶନ୍ଧିରେ ବିକଶିତ ତଥା ଜାରି ଫସଲ କିସମ ସଂଖ୍ୟା ପୂର୍ବ ଚାରିରୁ ପାଞ୍ଚ ଦଶନ୍ଧିରେ ଜାରି ହୋଇଥିବା କିସମ ଅପେକ୍ଷା ଅଧିକ, ଯାହା ଦେଶରେ କୃଷି ଗବେଷଣାକୁ ଦିଆଯାଇଥିବା ଅଭୂତପୂର୍ବ ଗତି ଏବଂ ପ୍ରାଥମିକତାକୁ ପ୍ରତିଫଳିତ କରେ। ସେ କହିଛନ୍ତି ଯେ ଭବିଷ୍ୟତର କିସମ ବିକାଶ ଜଳବାୟୁ ସ୍ଥିରତା, ବାୟୋଫର୍ଟିଫିକେସନ, ପ୍ରାକୃତିକ ଏବଂ ଜୈବିକ କୃଷି ପ୍ରଣାଳୀ ପାଇଁ ଉପଯୁକ୍ତତା ତଥା ଏସିଡିକ୍ ତଥା ଲୁଣା ମାଟି ଭଳି ଆହ୍ୱାନର ମୁକାବିଲା ଉପରେ ଧ୍ୟାନ ଦେବ, ଯାହା ଦ୍ୱାରା କୃଷିକୁ ଅଧିକ ସ୍ଥାୟୀ ଏବଂ ଉଦୀୟମାନ ଚାପ ପ୍ରତି ପ୍ରସ୍ତୁତ କରାଯାଇପାରିବ।

କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟର ସଚିବ ଶ୍ରୀ ଦେବେଶ ଚତୁର୍ବ ?ଦୀ କହିଛନ୍ତି ଯେ, ଚାଷୀମାନଙ୍କ ନିକଟରେ ନବସୃଜନ ଶୀଘ୍ର ଏବଂ ସ୍ୱଚ୍ଛ ଭାବରେ ପହଞ୍ଚିବା ନିଶ୍ଚିତ କରିବା ପାଇଁ ବିହନ କ୍ଷେତ୍ରରେ ଉନ୍ନତି, ପରିବର୍ତ୍ତନ ଏବଂ ସୂଚନା ଏକକାଳୀନ ପ୍ରଦାନ କରାଯାଉଛି। ସେ ଆହୁରି କହିଛନ୍ତି ଯେ, ବିହନ ଉପଲବ୍ଧତାକୁ ସୁଦୃଢ଼ କରିବା ପାଇଁ ବିହନ ଉତ୍ପାଦନ ହାରକୁ ୧.୫ ରୁ ୨ ଗୁଣ ବୃଦ୍ଧି କରାଯାଇଛି। ଏହା ସହିତ ଜାତୀୟ ଏବଂ ରାଜ୍ୟ ବିହନ ନିଗମଗୁଡ଼ିକ ସୁଲଭ ମୂଲ୍ୟରେ ଗୁଣାତ୍ମକ ବିହନ ସୁନିଶ୍ଚିତ କରୁଛନ୍ତି।

ଶ୍ରୀ ଚତୁର୍ବ ?ଦୀ କହିଛନ୍ତି ଯେ, ଆଇସିଏଆର ତତ୍ତ୍ୱାବଧାନରେ ବିହନ ଚିହ୍ନଟ ଏବଂ ଘରୋଇ କ୍ଷେତ୍ର ଗବେଷଣାର ସ୍ୱୀକୃତି ନୂତନ କିସମଗୁଡ଼ିକୁ ଗୋଟିଏରୁ ଦୁଇ ବର୍ଷ ପୂର୍ବରୁ ଚାଷୀଙ୍କ ପାଖରେ ପହଞ୍ଚାଇବାକୁ ସକ୍ଷମ କରିବ। ଆଇସିଏଆରର କାର୍ଯ୍ୟ ହେଉଛି ଭାରତର ବିବିଧ କୃଷି-ଜଳବାୟୁ କ୍ଷେତ୍ର ପାଇଁ ଉପଯୁକ୍ତ ଜଳବାୟୁ-ପ୍ରତିରୋଧୀ, ଉଚ୍ଚ-ଅମଳକ୍ଷମ, ଏବଂ କୀଟ- ଏବଂ ରୋଗ-ପ୍ରତିରୋଧୀ କିସମ ବିକଶିତ କରିବା। ଏହି ପ୍ରୟାସ ୧୯୫୭ ମସିହାରେ ଅଖିଳ ଭାରତୀୟ ସମନ୍ୱିତ ଗବେଷଣା ପ୍ରକଳ୍ପ ସହିତ ଆରମ୍ଭ ହୋଇଥିଲା ଏବଂ ବର୍ତ୍ତମାନ କୃଷି ବିଶ୍ୱବିଦ୍ୟାଳୟ ଏବଂ ଘରୋଇ କ୍ଷେତ୍ର ସହଭାଗୀତାରେ ସମସ୍ତ ପ୍ରମୁଖ ଶସ୍ୟ, ବାଜରା, ଡାଲି, ତୈଳବୀଜ, ତନ୍ତୁ ଫସଲ, ଆଖୁ, ଚାରା ଏବଂ ଅନେକ ଅଣବ୍ୟବହୃତ ଫସଲକୁ ଅନ୍ତର୍ଭୁକ୍ତ କରେ। ୧୯୬୯ ମସିହାରେ କିସମର ଅଧିସୂଚନା ଆରମ୍ଭ ହେବା ପରଠାରୁ, ୫୭ ବର୍ଷ ମଧ୍ୟରେ ୭,୨୦୫ ଫସଲ କିସମକୁ ଅଧିସୂଚିତ କରାଯାଇଛି।

# ଅଚ୍ୟୁତ ସାମନ୍ତ ଭାରତୀୟ ଭଲିବଲ୍ ସଂଘ ମୁଖ୍ୟ ପୃଷ୍ଠପୋଷକ

ଭୁବନେଶ୍ୱର,୫।୧: ବାରାଣସୀରେ ୭୨ତମ ବରିଷ୍ଠ ଜାତୀୟ ଭଲିବଲ୍ ଚାମ୍ପିଅନସିପ୍ ୨୦୨୬କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସୋମବାର ଭାରତୀୟ ଭଲିବଲ୍ ସଂଘ (ଭିଏଫ୍ଆଇ)ର ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଶର ସବୁ ରାଜ୍ୟରେ ଥିବା ଭଲିବଲ୍ ସଂଘର ସଭାପତି, ସମ୍ପାଦକ ଓ ଅନ୍ୟାନ ସଦସ୍ୟମାନେ ଉପସ୍ଥିତ ଥିଲେ। ଏଥିରେ ସର୍ବସମ୍ମତି କ୍ରମେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଭିଏଫ୍ ଆଇର ମୁଖ୍ୟ ପୃଷ୍ଠପୋଷକ ମନୋନୀତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଭଲିବଲ୍ ସଂଘର ସଭାପତି ଅଚ୍ୟୁତ ସାମନ୍ତ ଓ ସମ୍ପାଦକ ଡ ଗଗନେନ୍ଦୁ ଦାଶ ନିମନ୍ତ୍ରଣ ପାଇଥିଲେ। କିନ୍ତୁ କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ଏହି କାର୍ଯ୍ୟକ୍ରମରେ ସେମାନେ ଯୋଗଦେଇ ପାରିନଥିଲେ। ତେବେ ଭିଏଫ୍ଆଇର ସଭାପତି ଓ ସମ୍ପାଦକ ଶ୍ରୀ ସାମନ୍ତଙ୍କୁ ଟେଲିଫୋନ୍ ଯୋଗେ ଯୋଗାଯୋଗ କରିଥିଲେ। ଶ୍ରୀ ସାମନ୍ତଙ୍କ ସମ୍ମତି ପରେ ସଂଘ ପକ୍ଷରୁ ତାଙ୍କୁ ମୁଖ୍ୟ ପୃଷ୍ଠପୋଷକ ମନୋନୀତ କରାଯାଇଥିଲା। କ୍ରୀଡ଼ା କ୍ଷେତ୍ରକୁ ବ୍ୟାପକ ଅବଦାନ ବିଶେଷ କରି ଭଲିବଲ୍



କ୍ଷେତ୍ରରେ ଯୋଗଦାନ ପାଇଁ ତାଙ୍କୁ ମୁଖ୍ୟ ପୃଷ୍ଠପୋଷକ ଭାବେ ମନୋନୀତ କରାଯାଇଛି। ଆସନ୍ତା ୪ବର୍ଷ ପାଇଁ ଶ୍ରୀ ସାମନ୍ତ ମୁଖ୍ୟ ପୃଷ୍ଠପୋଷକ ରହିବେ। ଏହି ପରିପ୍ରେକ୍ଷୀରେ ଜାତୀୟ ଯୁବ ଭଲିବଲ୍ ଚାମ୍ପିୟନ୍‌ସିପ୍ କିଟ୍‌ରେ ଆୟୋଜନ କରାଯିବା ନେଇ ଏହି ବୈଠକରେ ଅନୁମୋଦନ କରାଯାଇଥିଲା।

ଏହି ଅବସରରେ ଅନ୍ତର୍ଜାତୀୟ ଭଲିବଲ୍ ସଂଘ (ଏଫ୍ଆଇଭିବି) ପକ୍ଷରୁ ଗ୍ରାଣ୍ଡ କ୍ରସ୍ ପୁରସ୍କାର ପ୍ରଦାନ କରାଯାଇଥିବାରୁ ଓ ଏଫଆଇଭିବି ଭଲିବଲ୍ ଫାଉଣ୍ଡେସନ୍ କାଉନ୍‌ସିଲ୍ ସଦସ୍ୟ ହୋଇଥିବାରୁ ଭିଏଫ୍ଆଇ, ଏଫ୍ଆଇଭିବିକୁ ଧନ୍ୟବାଦ ଜଣାଇବା ସହ ଶ୍ରୀ ସାମନ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏଥିପାଇଁ ଶ୍ରୀ ସାମନ୍ତ ଭିଏଫ୍ଆଇର ସଭାପତି ବୀରେନ୍ଦ୍ର କନୱାର ଓ ସାଧାରଣ ସମ୍ପାଦକ ରାମାନନ୍ଦ ଚୌଧୁରୀ ତଥା ଭିଏଫ୍ଆଇର ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜଣାଇବା ସହ ଓଡ଼ିଶା ଭଲିବଲ୍ ସଂଘକୁ ମଧ୍ୟ ଶ୍ରୀ ସାମନ୍ତ ଧନ୍ୟବାଦ ଜଣାଇଛନ୍ତି। ଶ୍ରୀ ସାମନ୍ତ ପୂର୍ବରୁ ୨୦୨୦ରୁ ୨୪ ପର୍ଯ୍ୟନ୍ତ ଭାରତୀୟ ଭଲିବଲ୍ ସଂଘର ସଭାପତି ଭାବେ କାର୍ଯ୍ୟ କରିଥିଲେ। ଦୀର୍ଘ ଦିନ ଧରି ଭଲିବଲ୍‌ର ବିକାଶ ଦିଗରେ କାର୍ଯ୍ୟ କରିଆସୁଥିବାରୁ ଭିଏଫ୍ଆଇ ପକ୍ଷରୁ ଶ୍ରୀ ସାମନ୍ତଙ୍କ କାର୍ଯ୍ୟକୁ ଉଚିତ ସମ୍ମାନ ଜଣାଇ ତାଙ୍କୁ ଭିଏଫ୍ଆଇ ମୁଖ୍ୟ ପୃଷ୍ଠପୋଷକ ଭାବେ ମନୋନୀତ କରିଛନ୍ତି ବୋଲି ଶ୍ରୀ ସାମନ୍ତ କହିଛନ୍ତି। ଆଗାମୀ ଦିନରେ ଓଡ଼ିଶା ତଥା ଭାରତରେ ଭଲିବଲ୍‌ର ବିକାଶ ଦିଗରେ ଆହୁରି କାମ କରିବେ ବୋଲି ଶ୍ରୀ ସାମନ୍ତ ପ୍ରକାଶ କରିଛନ୍ତି।

## ଓଡ଼ିଶାରେ ଗର୍ଜିଲା ଏସ୍-୪୦୦

ଭୁବନେଶ୍ୱର,୫।୧: ଭାରତୀୟ ପ୍ରତିରକ୍ଷା କ୍ଷେତ୍ରରେ ସୋମବାର ଏକ ବଡ଼ ସଫଳତା ମିଳିଛି। ଓଡ଼ିଶା ଉପକୂଳସ୍ଥିତ ଅବଦୁଲ କଲାମ ଦ୍ୱୀପରୁ ଅତ୍ୟାଧୁନିକ ଏୟାର ଡିଫେନ୍ସ ସିଷ୍ଟମ୍ ଏସ୍-୪୦୦ ଇଣ୍ଟରସେପ୍ଟର ମିଜାଇଲ୍‌ର ବ୍ୟବହାରିକ ପରୀକ୍ଷଣ ସଫଳତାର ସହ ସମ୍ପନ୍ନ ହୋଇଛି। ଅପରାହ୍ନ ୩ଟା ୪୦ ମିନିଟ୍‌ରେ ଏହି ପରୀକ୍ଷଣ କରାଯାଇଥିଲା। ଆକାଶମାର୍ଗରେ ଶତ୍ରୁପକ୍ଷର ମିଜାଇଲ୍ ସଦୃଶ ଗତି କରୁଥିବା 'ବଂଶୀ' ନାମକ ଏକ ଟାର୍ଗେଟ୍ ଡ୍ରୋନ୍ ?କୁ ଽ-୪୦୦ ସଫଳତାର ସହ ଚିହ୍ନଟ କରି ଧ୍ୱଂଶ କରିଛି। ଏହି ପ୍ରଣାଳୀ ୪୦୦ କିଲୋମିଟର ପରିଧି ମଧ୍ୟରେ ଶତ୍ରୁପକ୍ଷର ବିମାନ, ଡ୍ରୋନ୍, ବାଲିଷ୍ଟିକ୍ ଏବଂ କ୍ରୁଜ୍ ମିଜାଇଲ୍ ?କୁ ଚିହ୍ନଟ କରି ନିପାତ କରିବାରେ ସକ୍ଷମ। ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ଭାରତୀୟ ସେନା ଦ୍ୱାରା କରାଯାଇଥିବା 'ଅପରେସନ ସିନ୍ଦୂର'ରେ ଏସ-୪୦୦ ଇଣ୍ଟରସେପ୍ଟର ସିଷ୍ଟମ ବ୍ୟବହୃତ ହୋଇ ପାକିସ୍ତାନର ଆକ୍ରମଣକୁ ପ୍ରତିହତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।

# ଖରିଫ ଧାନ ସଂଗ୍ରହ ସ୍ଥିତି ସମୀକ୍ଷା



ଭୁବନେଶ୍ୱର,୫।୧(ନି.ପ୍ର.): ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଶନିବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗୀୟ କାର୍ଯ୍ୟ ସମୀକ୍ଷା କରିଛନ୍ତି । ଏହି ପରିପ୍ରେକ୍ଷୀରେ ସେଚଳିତ ଖରିଫ ଧାନ ସଂଗ୍ରହ ସ୍ଥିତି ସହିତ ସାର୍ବଜନୀନ ବଂଟନ ବ୍ୟବସ୍ଥା(ପିଡିଏସ୍) କାର୍ଯ୍ୟକାରିତାର ସୁପରିଚାଳନା ସଂପର୍କରେ ଅନୁଧ୍ୟାନ କରି ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ ।

ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ପୂର୍ତ୍ତ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୟ କୁମାର ସିଂ, ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ରାଜେଶ ପ୍ରଭାକର ପାଟିଲ, ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଲି଼.ର ପରିଚାଳନା ନିର୍ଦ୍ଦେଶକକେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ସମେତ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ବୈଠକରୁ ଜଣାଯାଇଛି ଯେ, ଚଳିତ ୨୦୨୫-୨୬ ଧାନ କ୍ରୟ ଋତୁ ପାଇଁ ୧୯ ଲକ୍ଷ ୬୭ ହଜାର ୮୧୨ ଜଣ ଚାଷୀ ସେମାନଙ୍କର ନାମ ପଞ୍ଜୀକରଣ କରିଛନ୍ତି । ଖରିଫ ୨୦୨୫-୨୬ ପାଇଁ ମୋଟ ଧାନ ଚାଷ ଅଂଚଳ ୬୧ ଲକ୍ଷ ୬୭ ହଜାର ୪୧୪ ଏକର ପଂଜୀକୃତ ହୋଇଛି । ୨୦୨୪-୨୫ ରେ ୭୩. ୪୫ ଲକ୍ଷ ମେଟ୍ରିକ୍ ଟନ ଖରିଫ ଏବଂ ୧୯. ୧୮ ଲକ୍ଷ ମେଟ୍ରିକ୍ ଟନ୍ ରବି ଧାନ ସଂଗ୍ରହ ହୋଇଥିଲା ।

ଚଳିତ ଜାନୁଆରୀ ୩ ତାରିଖ ସୁଦ୍ଧା ୧୮ଟି ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି ପ୍ରାୟ ୧୧ .୮୪ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି । ୨, ୭୧, ୩୧୮ ଜଣ ଚାଷୀ ୧୨.୦୫ ଲକ୍ଷ ମେଟ୍ରିକ୍ ଟନ୍ ଧାନ ବିକ୍ରୟ କରିଛନ୍ତି । ଧାନ ଅମଳ ସ୍ଥିତିକୁ ଦୃଷ୍ଟିରେ ରଖି ଅନ୍ୟ ବିଭିନ୍ନ ଜିଲ୍ଲାରେ ଧାନ ସଂଗ୍ରହ ପ୍ରସ୍ତୁତି ଜାରି ରହିଛି ।

ଧାନ ସଂଗ୍ରହ ପ୍ରକ୍ରିୟାରେ ଚାଷୀମାନେ ସେମାନଙ୍କର ଧାନ ଯେପରି ସୁବିଧାରେ ବିକ୍ରୟ କରିପାରିବେସେଥିପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ତରଫରୁ ବୈଷୟିକ ଜ୍ଞାନକୌଶଳର ଉପଯୋଗ କରାଯାଇଛି । ଧାନ ସଂଗ୍ରହ ପ୍ରକ୍ରିୟାକୁ ସ୍ୱଚ୍ଛ କରିବା ପାଇଁ ସାଟେଲାଇଟ୍ ଇମେଜରି ବ୍ୟବହାର ସହାୟକ ହୋଇଛି । ଚାଷୀମାନଙ୍କୁ ବିଭିନ୍ନ ସୋସାଇଟି ସହିତ ସଂଯୁକ୍ତ କରାଯିବା, ଟୋକନ୍ ବ୍ୟବସ୍ଥା, ଧାନର ଗୁଣାତ୍ମକତା ଯାଂଚ, ମିଲରମାନଙ୍କ ଦ୍ୱାରା ଧାନ ଉଠାଯିବା, ଧାନ ବିକ୍ରିର ୪୮ ଘଂଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଆକାଉଂଟକୁ ସିଧାସଳଖ ଟଙ୍କା ପ୍ରେରଣ , ମିଲର ମାନଙ୍କ ଠାରୁ ନିର୍ଦ୍ଧାରିତ ସମ ପରିମାଣର ଚାଉଳ ସଂଗ୍ରହ ଏବଂ ବ୍ୟବସ୍ଥାର ସୁପରିଚାଳନାସଂପର୍କରେ ମୁଖ୍ୟ ଶାସନ ସଚିବ ବିସ୍ତୃତ ଅନୁଧ୍ୟାନ କରିବା ସହିତ ବିଭିନ୍ନ ପରାମର୍ଶ ଦେଇଥିଲେ ।

ଧାନ ସଂଗ୍ରହ ପ୍ରକ୍ରିୟାର ସୁବ୍ୟବସ୍ଥା ପାଇଁ ସିସିଟିଭି ତଦାରଖ ବ୍ୟବସ୍ଥା, ମଣ୍ଡି ନୋଡାଲ ଅଧିକାରୀଙ୍କ ପାଇଁ ମୋବାଇଲ ଆପ୍ଲିକେସନ୍ସ ସୁବିଧା, ମଣ୍ଡିରୁ ମିଲର୍ସ ଡିପୋ ପର୍ଯ୍ୟନ୍ତ ଧାନ ସଂଗ୍ରହ ପାଇଁ ନିୟୋଜିତ ଯାନର ଗତି ସଂପର୍କରେ ଅନ ଲାଇନ୍ ଟ୍ରାକିଂ, କୌଣସି କାରଣରୁ ପ୍ରକ୍ରିୟାରେ ବିଳମ୍ବ ଦୃଷ୍ଟିକୁ ଆସିଲେ ତୁରନ୍ତ ସମାଧାନ ବ୍ୟବସ୍ଥା କରାଯାଉଥିବା ସଂପର୍କରେ ବୈଠକରେ ଆଲୋକପାତ କରାଯାଇଥିଲା । ଏଥିପାଇଁ ଚବିଶ ଘଣ୍ଟିଆ କଲ ସେଂଟର ( ସହାୟତା କେନ୍ଦ୍ର) କାର୍ଯ୍ୟକରୁଥିବା , ଜରୁରୀ ଆବଶ୍ୟକତା ପାଇଁ ତ୍ୱରିତ କାର୍ଯ୍ୟାନୁଷ୍ଠାନ, ଫିଡ୍ ବ୍ୟାକ୍ ସେବା ଆଦି ବିଭାଗ ତରଫରୁ କାର୍ଯ୍ୟକାରୀ ହେଉଥିବା ବୈଠକରେ ସୂଚନା ଦିଆଯାଇଥିଲା । ଧାନ ସଂଗ୍ରହ ପାଇଁ ବିଭିନ୍ନ ଜିଲ୍ଲାକୁ ୧୪୧୮ ମିଲର୍ସ ନିୟୋଜିତ ହୋଇଛନ୍ତି । ଧାନ ସଂଗ୍ରହ ପ୍ରକ୍ରିୟାରେ ଅଧିକ ଧାନ ସଂଗ୍ରହ ହେଉଥିବାରୁ ସେହି ଅନୁସାରେ ଚାଉଳକୁ ସଂଗ୍ରହ କରି ରଖିବା ପାଇଁ ସ୍ଥାନର ଅଭାବ ପୂରଣ କରିବାକୁ ଅଧିକ ସ୍ମାର୍ଟ ଗୋଦାମ ବ୍ୟବସ୍ଥା କରିବା ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା ।

# ଜିଲ୍ଲାସ୍ତରୀୟ ମାତା ସାବିତ୍ରୀବାଇ ଫୁଲେ ଜୟନ୍ତୀ ପାଳିତ

ବଲାଙ୍ଗିର, ୫।୧(ନି.ପ୍ର.): ପଶ୍ଚିମ ଓଡିଶା ମହିଳା ସଂଗଠନ ଆନୁକୁଲ୍ୟରେ ଜିଲ୍ଲା ସ୍ତରୀୟ ଭାରତ ର ପ୍ରଥମ ନାର୍ଯ୍ୟ ଶିକ୍ଷୟତ୍ରୀ ମାତା ସାବିତ୍ରୀବାଇ ଫୁଲେ ଜୟନ୍ତୀ ଯାଦବ ଭବନ ଠାରେ ସଭାନେତ୍ରୀ ସବିତା ନନ୍ଦଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଅଛି



। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସୂଚନା ଅଧିକାରୀ କର୍ମୀ ହେମନ୍ତ ପଣ୍ଡା ଏବଂ ମୁଖ୍ୟବକ୍ତା ଆମ୍ବେଦକରବାଦୀ ରୂପାଲୀ ମହାନନ୍ଦ ସମ୍ମାନିତ ଅତିଥି ଭାବରେ କବି କାନ୍ତିଲାଲ ମୁଗ୍ରୀ, ଅଭିଭାବକ ସଂଘ ସଭାପତି ସୀତାରାମ କୁମ୍ଭାର ଓ ଅବସରପ୍ରାପ୍ତ ଶିକ୍ଷକ ବାସୁଦେବ ମୁଗ୍ରୀ ଯୋଗ ଦେଇ ସାବିତ୍ରୀବାଇ ଫୁଲେଙ୍କ ଜୀବନୀ ସ୍ମୃତିଚାରଣ ପୂର୍ବକ ଭାରତୀୟ ସମାଜରେ ଶିକ୍ଷା କ୍ଷେତ୍ରରେ ତାଙ୍କର ସଂଘର୍ଷ ଭୂମିକା ଏବଂ ସମାଜକୁ ବାର୍ତା ଉପରେ ଆଲୋକପାତ କରିଥିଲେ । ଲେଖିକା ଲିଲି ପଟେଲଙ୍କ ସଭା ସଂଯୋଜନା ସହ କୁନା ବାଗ, ଭୁବନ ନାଗ, ଜ୍ୟୋତିଶ ମୁଗ୍ରୀ, ରମାକାନ୍ତ ସୁନା ସାବିତ୍ରୀବାଇ ଫୁଲେ ଙ୍କ ଉପରେ ନିଜ ନିଜର ମତ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମାଜସେବୀ ସତ୍ୟାନନ୍ଦ ସୁନା, ସରଣୀସେନ ଦୀପ, ଦିନେଶ ନାଗ, ଅର୍ଜୁନ ମୁଗ୍ରୀ, ଦଣ୍ଡୁଆ କୁମ୍ଭାର, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ସରୋଜ ମେଶ୍ରା, ହେମସୁନ୍ଦର ନାଗ, ସୂର୍ଯ୍ୟମଣି ସୁନା, କୁନାଲ ଗହିର, ସୁଷମା ବୋଏ, ଅମ୍ବିକା କୁମ୍ଭାର, ବିପିନ ବାରିକ, କେସନ ମହାନନ୍ଦ, ବିରେନ୍ଦ୍ର ଜଗଦଲା, ପ୍ରେମସିଲା ସାହୁ ସହ ମହିଳା ସଂଗଠନ ର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ଶେଷରେ ସବିତା ନାଗ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ଆମ ବସ୍‌ରେ ଯାଇ ସ୍ଥିତି ପରଖିଲେ ପରିବହନ କମିଶନର

ଭୁବନେଶ୍ୱର,୫।୧(ନି.ପ୍ର.): ଆମ ବସ୍ ଦୁର୍ଘଟଣା ପରେ ଆକ୍ସନ ମୋଡକୁ ଆସିଛି ପରିବହନ ବିଭାଗ। ସାରା ରାଜ୍ୟରେ ମୋ ବସ୍ ଡ୍ରାଇଭରଙ୍କୁ ଯାଞ୍ଚ କରାଯାଉଥିବା ବେଳେ ଆଜି (ସୋମବାର) ଆମ ବସ୍ ?ରେ ବସି ନିଜେ ସ୍ଥିତି ପରଖିଛନ୍ତି ପରିବହନ କମିଶନର ଅମିତାଭ ଠାକୁର। ଆଜି ସେ ମୋ ବସରେ ଚଢି ଯାତ୍ରୀମାନଙ୍କ ସହ ଯାତ୍ରା କରି ପ୍ରତ୍ୟକ୍ଷ ଭାବେ ଆଲୋଚନା କରିଛନ୍ତି। ଏଥିସହିତ ଧାର୍ଯ୍ୟ ସମୟରେ ପହଞ୍ଚିବାରେ ବିଳମ୍ବ ହେଲେ ବି ଗାଡ଼ିର ବେଗ ବୃଦ୍ଧି ନକରି କମ୍ ରଖିବା ପାଇଁ ସେ ଡ୍ରାଇଭରଙ୍କୁ ପରାମର୍ଶ ଦେଇଛନ୍ତି।ବସରେ ଯାତ୍ରା କରୁଥିବା ସମୟରେ ବରିଷ୍ଠ ନାଗରିକ କେଉଁ ପ୍ରକାର ସମସ୍ୟାର ସାମ୍ନା କରୁଛନ୍ତି ସେନେଇ ମଧ୍ୟ ପଚାରି ବୁଝିଛନ୍ତି ପରିବହନ କମିଶନର। ଆଗକୁ ଆହୁରି ସୁଧାର ପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ବାରମ୍ବାର ଆମ୍ ବସ୍ ଦୁର୍ଘଟଣା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚିନ୍ତା ପ୍ରକଟ କରିଥିଲେ। ଆମ ବସରେ ଚାଳକଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିବା ପରେ ପରିବହନ ବିଭାଗ ଏଦିଗରେ ଆବଶ୍ୟକ ପଦକ୍ଷେପ ନେଇଛି। ନିୟମିତ ଚାଳକଙ୍କ ପ୍ରଶିକ୍ଷଣ ଏବଂ ଗାଡ଼ି ଫିଟନେସ ଯାଞ୍ଚ କରାଯାଉଛି। ଚାଳକଙ୍କୁ ଫୁଙ୍କାଇ ଫିଟନେସ କରିଯାଉଛି। ଏହାରି ଭିତରେ ଆଜି କମିଶନର ଆମ ବସରେ ଯାତ୍ରା କରି ଯାତ୍ରୀଙ୍କ ସହ ସିଧାସଳଖ କଥା ହୋଇ ସ୍ଥିତି ପରିଖିଛନ୍ତି।

# ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ରିଫ୍ରେସର ଟ୍ରେନିଂ

ବଲାଙ୍ଗିର,୫।୧(ନି.ପ୍ର.): ଶିକ୍ଷା ବିଭାଗ ତରଫରୁ ସରକାରୀ ବାଳିକା ବିଦ୍ୟାଳୟରେ ରାଣି ଲକ୍ଷ୍ମୀବାଇ ଆତ୍ମରକ୍ଷା ରିଫ୍ରେସର ଟ୍ରେନିଂ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ଏଡିଇଓ ସେବାଶ୍ରୀ ଭୋଇ, ସମ୍ମାନିତ ଅତିଥି ଏଡିଇଓ ରୀନା ବେହେରା, ସେଲ୍ଫ ଡିଫେନ୍ସ ଏକ୍ସପାର୍ଟ ଅସୀମ କୁମାର ଭୋଇ, ଜେଣ୍ଡର କୋଡିନେଟର ସମଗ୍ର ଶିକ୍ଷା ବଲାଙ୍ଗିର ସନ୍ତୋଷ ମହାରଣା, ସ୍କୁଲ ପ୍ରଧାନ ଶିକ୍ଷୟତ୍ରୀ ନୂତନ ନାୟକ ଯୋଗଦାନ ଦେଇଥିଲେ । ଆଜି ଦିନରେ ସମାଜରେ ସମସ୍ତେ ଆତ୍ମ ରକ୍ଷା ନେଇ ନିଜ ସଙ୍ଗେ ଅନ୍ୟମାନଙ୍କୁ ସୁରକ୍ଷା ଦିଅନ୍ତୁ ବୋଲି ମୁଖ୍ୟ ଅତିଥି ଶ୍ରୀ ଭୋଇ କହିଥିବା ବେଳେ ନାରୀ ସମାଜକୁ ସୁରକ୍ଷା ଦେବା ଆମ ସମସ୍ତଙ୍କର କର୍ତ୍ତବ୍ୟ ବୋଲି ଅସୀମ ଭୋଇ କହିଛନ୍ତି । ଏଡିଓ ରୀନା ବେହେରା କହିଛନ୍ତି ଯେ ଆଜି ଦିନରେ ସମସ୍ତ ନାରୀ ରାଣୀ ଲକ୍ଷ୍ମୀ ବାଇ ସଦୃଶ୍ୟ ନେତୃତ୍ୱ ନେବା ଉଚିତ । ଏଥିରେ ଜିଲ୍ଲାର ସମସ୍ତ ବ୍ଲକରୁ ଆସିଥିବା ୧୧୩ ଜଣ ରିସୋର୍ସ



ପାର୍ଶନଙ୍କୁ ଜାତୀୟ କରାଟେ ପ୍ରଶିକ୍ଷକ ଅସୀମ ଭୋଇ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସନ୍ତୋଷ ମହାରଣା ପରିଚଳନା କରିଥିବା ବେଳେ ପିଇଟି ରଂଜିତ ବେହେରା ଧନ୍ୟବାଦ ଜ୍ଞାପନ କରିଥିଲେ ।

# ତୃତୀୟ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗୀତା ଉଦ୍‌ଘାଟିତ

ବଲାଙ୍ଗିର,୫।୧(ନି.ପ୍ର.):- ପୃଥ୍ୱୀରାଜ ହାଇସ୍କୁଲ ଖେଳ ପଡିଆ ଠାରେ ବଲାଙ୍ଗିର ଫ୍ରେଣ୍ଡସ୍‌କ୍ଲବ ପକ୍ଷରୁ ତୃତୀୟ ରାଜ୍ୟ ସ୍ତରୀୟ ଫୁଟବଲ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ଆଜିର ଏହି ପ୍ରତିଯୋଗିତା ରେ ଉଦଘାଟକ ଭାବରେ ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ ଯୋଗଦେଇ ଉଦଘାଟନ କରିଥିବା ବେଳେ କ୍ଲବ ର ସଭାପତି ଲୋଟସ ଷଡଙ୍ଗୀଙ୍କ ସଭାପତିତ୍ୱରେ ମୂଖ୍ୟ-ଅତିଥି ଭାବବରେ ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ, ସମ୍ମନୀତ ଅତିଥି ଭାବରେ ଜିଲ୍ଲା କ୍ରୀଡା ସଂସଦ ର ଯୁଗ୍ମ ସମ୍ପାଦକ ଶତ୍ରୁଘ୍ନ ସିଂ,ପୃଥ୍ୱୀରାଜ ହାଇସ୍କୁଲ ର ପ୍ରଧାନ ଶିକ୍ଷୟତ୍ରୀ ସନ୍ତୋଷିନୀ ସେଠି, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡା, କାଉନଶୀଳର ଶମ୍ଭୁ ନାଗ, ନନ୍ଦିନୀ ପୋଡ୍,କ୍ଲବ ର ସଧାରଣ ସମ୍ପାଦକ ଜଗନ୍ନାଥ ମିଶ୍ର ମଂଚାସିନ ଥିଲେ । ଦେବାଶିଷ ବାଗ, ସଞ୍ଜନ କୁଡ଼େଇ, ମୋହନ ପ୍ରଧାନୀ, ନର୍ସିଂ ସ୍ୱାମୀ ନାଇଡୁ ପରିଚାଳନା କରିଥବା ବେଳେ ମ୍ୟାଚ୍ କମିସନର ଭାବରେ ଶୁନିଲ ଚନ୍ଦ୍ର ବିଶ୍ୱାଲ ରହିଥିଲେ ।

ଆଜିର ଏହି ଉଦଘାଟନୀ ପ୍ରଥମ ଦିନର ଖେଳରେ ବରଗଡ ୟୁନାଇଟେଡ଼୍ ଫୁଟବଲ କ୍ଲବ ଏବଂ ସମ୍ବଲପୁର ଏକାଦଶ ଫୁଟବଲ କ୍ଲବ ମଧ୍ୟରେ ହୋଇଥିଲା କ୍ଷ ୨-୦ ରେ ବରଗଡ଼ ଦଳ ବିଜୟ ହୋଇଥିଲା କ୍ଷ ବରଗଡ ଦଳର ଇନ୍ଦ୍ରିକ ଜର୍ସି ନମ୍ବର ୨୨ ଓ ଭାରତ ଜର୍ସି ନମ୍ବର ୨୦ ଗୋଲ ଦେଇଥିଲେ କ୍ଷ ଆଜିର ଏହି ଉଦଘାଟନି ଉତ୍ସବରେ ବଲାଙ୍ଗିର ବିଶିଷ୍ଟ କ୍ରିଡାବିତ ବିଜୟ କୁମାର ତ୍ରିପାଠୀ ଓ ବଳରାମ ବିଶୋଇ ଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧନା କରାଯାଇଥିଲା । ପବିତ୍ର ଖୁଣ୍ଟିଆ, ମଧୁ ବନଛୋର, ଲକ୍ଷ୍ମୀ ସ୍ୱାଇଁ, କିଶୋର



ଦଣ୍ଡସେନା, ସୋମନାଥ ମିଶ୍ର , ଗୋବିନ୍ଦ ଶତପଥୀ, ସଞ୍ଜୀବ ସାହୁ, ମନୋଜ କୁମାର ମିଶ୍ର,ଆକାଶ ମିଶ୍ର, ମନୋଜ ଦୀପ, ପୃଥୀରାଜ ବରାଡ, ରାମ ନାଏକ, ସୋନୁ ପଟ୍ଟନାୟକ, ପୂର୍ଣ୍ଣ ତ୍ରୀପାଠୀ, ଦେବେନ ପାତ୍ର, ବଦ୍ରି ମିଶ୍ର, ବବଲୁ କୁରସି, ଅରୁ, ଟିକୁ ପରିଚ୍ଛା, ନିତ୍ୟା ପଧାନ, ସନତ ତ୍ରିପାଠୀ, ପୃଥ୍ୱୀରାଜ ବରାଡ,ବିକାଶ ସା, ଆରୋ ରଞ୍ଜନ ମହାପାତ୍ର, ବିଦ୍ୟା ସାହୁ, ପ୍ରଦୀପ ସାହୁ, ଅରୁଣ ପଧାନ, ଯତୀନ୍ଦ୍ର ମିଶ୍ର, ସୁଶାନ୍ତ ନେଗୀ ପ୍ରମୁଖ ଉପସ୍ଥିତ ରହି ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ । ଆସନ୍ତା କାଲି ରାଉଲକେଲା ଷ୍ଟିଲ ସିଟି କ୍ଲବ ଓ ଭବାନୀପାଟଣା ଇଭିନିଙ୍ଗ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି କମିଟୀ ପକ୍ଷରୁ ସୁଚନା ଦେଇଛନ୍ତି । ସଭାକୁ ଶରତ ନନ୍ଦ ପରିଚାଳନା କରିଥିବା ବେଳେ କ୍ଲବର ସଧାରଣସମ୍ପାଦକ ଶ୍ରୀ ମିଶ୍ର ଧନ୍ୟବାଦ ଦେଇଥିଲେ ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

**● Editor : Sarat Raut**

ସଂପାଦକ: ଶରତ ରାଉତ